

ପରମାଣୁ ସର୍ତ୍ତରୁ ହଟିଲା ୱାଶିଂଟନ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 197 ଭାଗ ୩୪ | ସଂଖ୍ୟା ୧୯୭ | Thursday 8 October 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୮ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

## ଗଠନ ହେଲା ଏସଇବିସି କମିଶନ



- ହାଇକୋର୍ଟର ଅବସରପ୍ରାପ୍ତ ଜଜ୍ ଅଧ୍ୟକ୍ଷ
- ସ୍ୱାୟତ୍ତ ଶାସନ ସଂସ୍ଥାରେ ରାଜନୈତିକ ପ୍ରତିନିଧିତ୍ୱର ହେବ ଅନୁଧ୍ୟାନ

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ (ପଞ୍ଚାୟତ ଓ ପୌରାଞ୍ଚଳ) ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗର ଲୋକଙ୍କ ସଂଖ୍ୟା, ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଓ ସେହିସବୁ ସଂସ୍ଥାରେ ସେମାନେ ରାଜନୈତିକ ଭାବେ କେତେ ପଛୁଆ ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଶନ ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ଏହି କମିଶନର ଅଧ୍ୟକ୍ଷ ଅଛନ୍ତି । ଏଥିସହିତ ଅବସରପ୍ରାପ୍ତ ଆଇଏସ ବିଜୟ କୁମାର ପୃଷ୍ଟି ଏହି କମିଶନର ସଦସ୍ୟ ଭାବେ କାର୍ଯ୍ୟ କରିବେ । ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ମିଶ୍ର କମିଶନର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ ।

ଏହି କମିଶନ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ସେ ଅଞ୍ଚଳର ସମୁଦାୟ ଲୋକସଂଖ୍ୟା ତୁଳନାରେ ଏସଇବିସିମାନଙ୍କର ସଂଖ୍ୟାର ଅନୁପାତ ସମ୍ପର୍କରେ ଅନୁଧ୍ୟାନ କରିବ। ଏଥିସହ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଓ ସେହି ତୁଳନାରେ ସେମାନେ ରାଜନୈତିକ ଦୃଷ୍ଟିକୋଣରୁ କେତେ ପଛୁଆ ଅଛନ୍ତି, ତା'ର ସ୍ୱରୂପ ଓ ତାହାର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ ➭ପୃଷ୍ଠା-୬

## ସେବା ହିଁ ଧର୍ମ | ଦେଶବାସୀ ମୋ ପାଇଁ ଭଗବାନ

- ଭୂଜ୍ ଭୂମିକମ୍ପରୁ କୋଭିଡ୍ ଯାଏଁ ୨୫ ବର୍ଷର ଅନୁଭୂତି ବାଣ୍ଟିଲେ
- ୨୦୪୭ ପାଇଁ ବିକାଶର ନୂଆ ସଂକଳ୍ପ ନେଲେ ପ୍ରଧାନମନ୍ତ୍ରୀ
- ମୁଁ ଆଜି ବି ନିଜକୁ ଜଣେ ଛାତ୍ର ବୋଲି ଭାବୁଛି
- ସେବା କରୁ କରୁ ୨୫ ବର୍ଷ ପୂରିଗଲା: ମୋଦି



ନୂଆଦିଲ୍ଲୀ,୭।୧୦: ରାଜନୈତିକ ଜୀବନରେ ଆଜି ୨୫ ବର୍ଷର ସାର୍ବଜନୀନ ସେବା ପୂରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗତ ୨୦୦୧ ଅକ୍ଟୋବର ୭ ତାରିଖରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମ ଥର ପାଇଁ ସରକାରୀ ପଦବୀରେ ଦାୟିତ୍ୱ ଗ୍ରହଣ କରିଥିଲେ ମୋଦି। ଏହାପରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଦୀର୍ଘ ସମୟ କାର୍ଯ୍ୟ କରିବା ପରେ ମୋଦି ୨୦୧୪ରେ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ବର୍ତ୍ତମାନ ସେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ପଦରେ ରହିଛନ୍ତି। ପିଏମ୍ ମୋଦିଙ୍କ ଶାସନର ୨୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ସାରା ଦେଶରେ 'ସେବା ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ଦିଲ୍ଲୀର ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ସଭା' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ପ୍ରଧାନମନ୍ତ୍ରୀ। ମୋଦି ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀରୁ ପ୍ରଧାନମନ୍ତ୍ରୀ ହେବାର ଯାତ୍ରା ସମ୍ପର୍କରେ ତାଙ୍କର ଅନୁଭୂତି ବାଣ୍ଟିଛନ୍ତି।

ନିଜର ୨୫ ବର୍ଷର ରାଜନୈତିକ ଯାତ୍ରାକୁ ମନେ ପକାଇ ମୋଦି କହିଥିଲେ ଯେ ୨୦୦୧ ଅକ୍ଟୋବର ୭ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସମୟରେ ଏପରି ଏକ ଦିନ ଆସିବ ବୋଲି ସେ କେବେ କଳ୍ପନା କରି ନଥିଲେ। ଲଗାତାର ୨୫ ବର୍ଷ ଧରି ସରକାରର ମୁଖ୍ୟ ଭାବେ ସେବା କରିବାର ସୁଯୋଗ ମିଳିଥିବାରୁ ସେ ଦେଶବାସୀଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ତାଙ୍କର ୨୫ ବର୍ଷର ଯାତ୍ରା ଲୋକଙ୍କ ଆଶୀର୍ବାଦ ଓ ଭରସା ଯୋଗୁଁ ସମ୍ଭବ ହୋଇଛି ବୋଲି ସେ କହିଛନ୍ତି। ତେଣୁ ଦେଶବାସୀ ବିଜେପି, ଏନ୍‌ଡିଏ ଓ ଗଣତନ୍ତ୍ର ଉପରେ ଆସ୍ଥା ରଖିଥିବା ସମସ୍ତ ରାଜନୈତିକ ସହଯୋଗୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

ସେହିପରି ନିଜର ରାଜନୈତିକ ଜୀବନର ମୂଳମନ୍ତ୍ର ଭାବେ 'ସେବା ହିଁ ଧର୍ମ'କୁ ଗୁରୁତ୍ୱ ଦେଇଛନ୍ତି ମୋଦି। ସେ କହିଛନ୍ତି ଯେ ସେ ଆକାଂକ୍ଷା ପାଇଁ ନୁହେଁ; ବରଂ ଏକ ଲକ୍ଷ୍ୟ ଓ ମିଶନ ପାଇଁ ଜୀବନ ବିତାଉଛନ୍ତି। ନିଜର ବାଲ୍ୟଜୀବନକୁ ମନେ ପକାଇ ମୋଦି ବଡ଼ନଗରର ସ୍କୁଲ ଦିନର କଥା ମଧ୍ୟ କହିଥିଲେ। ସ୍କୁଲରେ ସେ ସବୁବେଳେ ଶୀଘ୍ର ପହଞ୍ଚିଥିବା ଛାତ୍ରଙ୍କ ମଧ୍ୟରେ ଥିଲେ। ଶିଖିବାର ଏହି ଆଗ୍ରହ ପରବର୍ତ୍ତୀ ସମୟରେ ତାଙ୍କ ଜୀବନର ଏକ ଅଂଶ ହୋଇଯାଇଥିଲା। ଆଜି ମଧ୍ୟ ସେ ନିଜକୁ ଜଣେ ଛାତ୍ର ବୋଲି ଭାବନ୍ତି ଓ ପ୍ରତିଦିନ କିଛି ନୂଆ ଶିଖିବାକୁ ଚେଷ୍ଟା କରନ୍ତି ବୋଲି କହିଥିଲେ।

୨୫ ବର୍ଷର ଯାତ୍ରାରେ ଅନେକ ଅନୁଭୂତି ଓ ଶିକ୍ଷା ମିଳିଛି। ତାଙ୍କୁ ଶିକ୍ଷା ଦେଇଥିବା ପ୍ରତ୍ୟେକ ବ୍ୟକ୍ତି ଓ ଅନୁଭୂତି ପାଇଁ ସେ କୃତଜ୍ଞ ବୋଲି ମୋଦି କହିଥିଲେ। ସମର୍ଥକମାନେ ତାଙ୍କୁ ଉତ୍ସାହିତ କରିଥିବା ବେଳେ ସମାଲୋଚକମାନେ ନିଜ ଭିତରକୁ ଦେଖିବା ଓ ନିଜକୁ ପରଖିବାର ସୁଯୋଗ ଦେଇଥିଲେ ବୋଲି ସେ କହିଛନ୍ତି। ନିଜ ଯାତ୍ରାର କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାର ଉଦାହରଣ ଦେଇ ମୋଦି କହିଥିଲେ ଯେ ୨୦୦୧ର ଭୂଜ୍ ଭୂମିକମ୍ପ ତାଙ୍କୁ ପୁନର୍ନିର୍ମାଣ ସମୟରେ ଦୃଢ଼ ରହିବା ଶିଖାଇଥିଲା। ସେହିପରି ଚନ୍ଦ୍ରଯାନ ମିଶନ ତାଙ୍କୁ ବିଫଳତାରୁ ଶିଖି ପୁଣି ଥରେ ଉଠିବାର ପ୍ରେରଣା ➭ପୃଷ୍ଠା-୬

## ଆଜି ଇଣ୍ଡି ମେଣ୍ଟର ଓଡ଼ିଶା ବନ୍ଦ

- ରାସ୍ତାକୁ ଓହ୍ଲାଇବନି ଅଟୋ
- ସାମିଲ ହେବେନି ଘରୋଇ ବସ୍
- ଜାରି ରହିବ ଜରୁରୀ ସେବା



ଭୁବନେଶ୍ୱର,୭।୧୦ (ସଂଚାର ବ୍ୟୁରୋ) : କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡି' ମେଣ୍ଟ ଆସନ୍ତାକାଲି ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ ବନ୍ଦ ରହିବ ଅଟୋ ଚଳାଚଳ। ରାଜଧାନୀ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଅଟୋ ଚଳାଚଳ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ନିଖିଳ ଓଡ଼ିଶା ଅଟୋ ଟ୍ୟାକ୍ସି ଚାଳକ ମହାସଂଘ ସାଧାରଣ ସମ୍ପାଦକ ପଦ୍ମନ ସାମଲ। ମହାସଂଘ ପକ୍ଷରୁ କୁହାଯାଇଛି ଯେ ଆସନ୍ତାକାଲି ସାରା ରାଜ୍ୟରେ ୧ ଲକ୍ଷରୁ ଅଧିକ ଅଟୋ ରାସ୍ତାକୁ ଓହ୍ଲାଇବେ ନାହିଁ। ଭୁବନେଶ୍ୱରରେ ୨୦ ହଜାରରୁ ଅଧିକ ଅଟୋ ଚଳାଚଳ କରିବେ ନାହିଁ। ବନ୍ଦ ସମୟରେ ଗାଡ଼ିର କିଛି କ୍ଷତି ହେଲେ ଇନ୍‌ସ୍ୟୁରାନ୍ସ କ୍ଲେମ୍ ସୁବିଧା ନଥାଏ। ତେଣୁ ଅଯଥା ରାସ୍ତାକୁ ଓହ୍ଲାଇ କ୍ଷତି ସହିବାକୁ କେହି ବି ଚାହିଁବେନି। ତେଣୁ ସଂଘ ନିଷ୍ପତ୍ତି ନେଇଛି ଅଟୋ ସେବା ଆସନ୍ତା କାଲି ବନ୍ଦ ରହିବ।

ଅନ୍ୟପକ୍ଷରେ କାଲିର ଓଡ଼ିଶା ବନ୍ଦ୍‌ରେ ସାମିଲ ➭ପୃଷ୍ଠା-୬

### ବନ୍ଦ ଡାକରାକୁ ମନମୋହନଙ୍କ କଟାକ୍ଷ

## ରଫୁ ଶାର୍ଟକୁ ସିଲେଇ କଲେ ଚିରିଯିବ



ଆସନ୍ତାକାଲି ଇଣ୍ଡି ମେଣ୍ଟ ଦ୍ୱାରା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ନେଇ ରାଜ୍ୟ ରାଜନୀତି ବେଶ ସରଗରମ। କଂଗ୍ରେସର ବନ୍ଦ ଡାକରାକୁ ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କଟାକ୍ଷ କରିଛନ୍ତି। ବିରୋଧୀ ଯେତେ ଏକଜୁଟ ହେବେ ସରକାରୀ ଦଳ ସେତେ ଶକ୍ତିଶାଳୀ ହେବ ବୋଲି ସେ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟସଭା ସାଂସଦ ତଥା ବିରୋଧୀ ଦଳ ନେତା ମନମୋହନ ସାମଲ କହିଛନ୍ତି ଯେ, ରଫୁ ସାର୍ଟକୁ ଯେତେ ସିଲେଇ କରି ପିନ୍ଧିଲେ ବି ସେ ଚିରିଯିବ। ଇଣ୍ଡିମେଣ୍ଟ ତଥା କଂଗ୍ରେସ ସହିତ ବିଜେଡି ମିଶିବା ଦରକାର। ବିରୋଧୀ ଯେତେ ଏକଜୁଟ ହେବେ ସରକାରୀ ଦଳ ସେତେ ଶକ୍ତିଶାଳୀ ହେବ। କାଲି ବନ୍ଦର ପ୍ରଭାବ କଣ ପଡ଼ିବ, ଜନତା ଦେଖିବେ। ବିରୋଧୀ ଭୁଲ ତଥ୍ୟ ଦେଇ ଲୋକଙ୍କୁ ଭ୍ରମିତ କରୁଛନ୍ତି। ଭୁଲ ଭ୍ରାନ୍ତିରେ କିଛି ସମୟ ପାଇଁ ଲୋକଙ୍କୁ ଭ୍ରମିତ କରି ହେବ। ସବୁ ସମୟରେ ଭ୍ରମିତ କରି ହେବ ନାହିଁ। ଆଗରୁ ଖଣିରୁ କେତେ ଅର୍ଥ ମିଳୁଥିଲା, ବର୍ତ୍ତମାନ ଖଣିରୁ ଆମକୁ ୬୦ ହଜାର କୋଟି ମିଳୁଛି। ସତ୍ୟ ପ୍ରମାଣିତ ହୋଇସାରିଛି।

## ଅଧଘଣ୍ଟାରେ ବିଜେଡି ମାରିଲା ୟୁ-ଟର୍ଣ୍ଣ



- ନେତାଙ୍କ ରାଜନୀତିରେ କର୍ମୀ କନଫ୍ୟୁଜଡ
- ପ୍ରଥମେ ସମର୍ଥନ ଘୋଷଣା, ପରେ ନା

ପୂର୍ବତନ ମନ୍ତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକଙ୍କ ବୟାନରୁ ସ୍ପଷ୍ଟ ହୋଇଛି। ପ୍ରଥମେ ସେ କହିଲେ ଆସନ୍ତାକାଲି ଇଣ୍ଡି ମେଣ୍ଟ ଦ୍ୱାରା ଆହୂତ ଓଡ଼ିଶା ବନ୍ଦକୁ ସମର୍ଥନ ଦେବୁ। ହେଲେ ଏବେ ଦଳ ସ୍ପଷ୍ଟ କରିଛି ଯେ ଓଡ଼ିଶା ବନ୍ଦ ଆନ୍ଦୋଳନକୁ ଦଳ ସମର୍ଥନ କରିବ ନାହିଁ। ଆସନ୍ତାକାଲି ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବହିଷ୍କାର, ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନ ➭ପୃଷ୍ଠା-୬

ବିଜେଡିର ସର୍ବେସର୍ବା ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୀତି ଏବେ କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ନେତାଙ୍କ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଆଜି ସିଧାସଳଖ ଭାବେ



### 'ସେବା ଜ୍ୟୋତି ଯାତ୍ରା'ରେ ସାମିଲ ହେଲେ ସାଂସଦ

## ପ୍ରଧାନମନ୍ତ୍ରୀଙ୍କ ଆତ୍ମବିଶ୍ୱାସ ମନ୍ତ୍ରକୁ ପାଥେୟ କରି ବଢ଼ିବା

- ଆଭାସୀରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନକୁ ଶୁଣିଲେ
- ଶିଶୁ ସୁରକ୍ଷା, ମାତୃ କଲ୍ୟାଣ, ସ୍ୱଚ୍ଛତା ଓ ନିଶା ନିବାରଣ ପାଇଁ ଶପଥ

ଅନୁଗୋଳ,୭।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରନ୍ତର ୨୫ ବର୍ଷର ନିଷ୍ଠାପର ଜନସେବା, ସୁଶାସନ ଓ ବିକାଶ ପୂର୍ତ୍ତି ଅବସରରେ ଏଠାରେ 'ସେବା ଜ୍ୟୋତି ଯାତ୍ରା' ଓ 'ସେବା ସଙ୍କଳ୍ପ ଅଭିଯାନ' ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ 'ସେବା ଜ୍ୟୋତି ସ୍ଥାପନା' ଉଦ୍ଦେଶ୍ୟରେ ଆୟୋଜିତ ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ।

କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ସମଗ୍ର ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ସମ୍ବୋଧନକୁ ଶୁଣିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୦୧ ଅକ୍ଟୋବର ୭ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ମୋଦି ଯେଉଁ 'ସେବା ଯାତ୍ରା' ଆରମ୍ଭ କରିଥିଲେ, ତାହା ଆଜି ସାରା ଦେଶକୁ ବିକାଶର ଏକ ନୂଆ ଦିଶା ଦେଖାଇଛି। ଦେଶବାସୀଙ୍କ ବିଶ୍ୱାସ ଓ ନିଷ୍ଠା ହିଁ ପ୍ରଧାନମନ୍ତ୍ରୀଙ୍କ ସବୁଠାରୁ ବଡ଼ ଶକ୍ତି। କେବଳ ବ୍ୟକ୍ତିଗତ ପଦବୀ ନୁହେଁ, ବରଂ 'ରାଷ୍ଟ୍ର ପ୍ରଥମ' ଓ ମିଶନ ଭାବନାକୁ ନେଇ କାର୍ଯ୍ୟ କରିବା ଦ୍ୱାରା ହିଁ ଆଜି ଭାରତ ବିଶ୍ୱ ଦରବାରରେ ଏକ ଆତ୍ମନିର୍ଭର ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହୋଇପାରିଛି। ପ୍ରଧାନମନ୍ତ୍ରୀ ଆଜି ଦେଶବାସୀଙ୍କୁ 'ୱି ୱିଲ୍ ଡୁ ଇଟ୍'ର ନୂଆ ଆତ୍ମବିଶ୍ୱାସ ମନ୍ତ୍ର ➭ପୃଷ୍ଠା-୬

## ମାଓବାଦୀଙ୍କ ଗୁପ୍ତ ଡମ୍ପ୍ ଠାବ

### ଏକେ-୪୭ ଓ ଇନ୍‌ସାସ୍ ରାଇଫଲ୍ ସମେତ ମାଓ ସାମଗ୍ରୀ ଜବତ



ମାଲକାନଗିରି,୭।୧୦(ସଂଚାର ବ୍ୟୁରୋ): ଛତିଶଗଡ଼ର ମାଓପ୍ରବଣ ଦାନ୍ତେୱାଡ଼ା ଜିଲ୍ଲାରେ ସୁରକ୍ଷା ବାହିନୀକୁ ଆଜି ଏକ ବଡ଼ ଧରଣର ସଫଳତା ମିଳିଛି। ଜିଲ୍ଲାର ବାରସୁର ଜଙ୍ଗଲ ଅଞ୍ଚଳରୁ ମାଓବାଦୀଙ୍କ ଏକ ଗୁପ୍ତ ଡମ୍ପ୍ ଠାବ କରିଛି ସୁରକ୍ଷା ବାହିନୀ। ଗୁପ୍ତ ଡମ୍ପ ଉପରେ ଚଢ଼ାଉ କରି ସୁରକ୍ଷା କର୍ମୀମାନେ ମାଟି ତଳୁ ବିଭିନ୍ନ ମାରଣାସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏକେ-୪୭ ଓ ଇନସାସ୍ ଭଳି ଶକ୍ତିଶାଳୀ ରାଇଫଲ୍, ବିଜିଏଲ୍ ଲଞ୍ଚର ଓ ଘାତକ ପ୍ରେସର ବମ୍ ଏବଂ ମାଓବାଦୀମାନେ ପରସ୍ପର ଭିତରେ ଯୋଗାଯୋଗ ପାଇଁ ବ୍ୟବହାର କରୁଥିବା ୱାକିଟକି ମଧ୍ୟ ଜବତ କରାଯାଇଛି। ଏଥିସହ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର୍ଯ୍ୟ ଓ ବିଦ୍ରୋହୀ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। ଏହି ସଫଳତା ସମ୍ପର୍କରେ ସୂଚନା ଦେଇ ଦାନ୍ତେୱାଡ଼ା ଏସ୍‌ପି ଚନ୍ଦ୍ର ମୋହନ ➭ପୃଷ୍ଠା-୬

### ରାଜ୍ୟରେ ଆଇଏଏସ୍ ସ୍ତରରେ ଅଦଳବଦଳ

## ମହେଶ୍ୱର ସ୍ୱାଇଁ ହେଲେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଏହି ପ୍ରକ୍ରିୟାରେ ବଦଳିଛନ୍ତି ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାର ଜିଲ୍ଲାପାଳ। ନବରଙ୍ଗପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ମହେଶ୍ୱର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଡେପୁଟୀ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିବା ୨୦୧୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅନନ୍ୟା ଦାସଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ ବଦଳି ➭ପୃଷ୍ଠା-୬

## ସୋଆଇ ଓ କାଗାନ୍‌ଙ୍କୁ ରସାୟନ ବିଜ୍ଞାନ ନୋବେଲ୍

### ପ୍ରକୃତିର ଅଜଣା ଅଧ୍ୟାୟକୁ ସାମ୍ନାକୁ ଆଣିଥିଲେ



କେନସୋ ସୋଆଇ (ବାମ) ଓ ହେନରି କାଗାନ (ଡାହାଣ)

ଷ୍ଟକହୋମ୍,୭।୧୦: ଫରାସୀ ରସାୟନବିତ୍ ହେନରି ବି କାଗାନ୍ ଓ ଜାପାନୀ ରସାୟନବିତ୍ କେନସୋ ସୋଆଇଙ୍କୁ ୨୦୨୬ ପାଇଁ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଜୀବନର ସବୁଠାରୁ ବଡ଼ ତଥା ଶତାବ୍ଦୀ ପୁରୁଣା ରାସାୟନିକ ରହସ୍ୟର ସମାଧାନ କରିଥିବାରୁ ଏହି ଦୁଇ ରସାୟନବିତଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ରୟାଲ ସ୍ୱିସ୍ ଏକାଡେମି ପକ୍ଷରୁ କୁହାଯାଇଛି ଯେ ଅସମ ଜୈବ ସଂଶ୍ଳେଷଣରେ ଅଣ-ରୈଖିକ ପ୍ରଭାବ ଓ ସ୍ୱୟଂ-ଉତ୍ପ୍ରେରଣ ଭଳି ଏକ ଜଟିଳ ଆବିଷ୍କାର ପାଇଁ ଉଭୟଙ୍କୁ ଏହି ସମ୍ମାନ ଦିଆଯାଇଛି। ସେମାନଙ୍କ ପ୍ରଦାନ କରାଯାଇଥିବା ଫଳକରେ କୁହାଯାଇଛି ଯେ ପ୍ରକୃତି ଯାହାକୁ ଆଉ କେହି ପୂର୍ବରୁ ଜାଣି ନ ଥିଲେ ତାହାକୁ ସେମାନେ ସମସ୍ତଙ୍କୁ ଅବଗତ କରାଇଛନ୍ତି। ➭ପୃଷ୍ଠା-୬

## ବିଏମ୍‌ସି ପୂଜା ପାଇଁ ଗ୍ରାଉଣ୍ଡ ରେଣ୍ଟ୍ ଛାଡ଼ ମୁଖ୍ୟମନ୍ତ୍ରୀ ନେଲେ ନିଷ୍ପତ୍ତି

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚଳିତ ପାର୍ବଣ ଋତୁରେ ବିଏମ୍‌ସି ଅଞ୍ଚଳରେ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, ରାବଣପୋଡ଼ି, ଭସାଣି ଉତ୍ସବ ଓ ଏଥି ସହ ସମ୍ପୃକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୂଜା କମିଟିଗୁଡ଼ିକର ଗ୍ରାଉଣ୍ଡ ରେଣ୍ଟ ଛାଡ଼ କରିଛନ୍ତି। ପାର୍ବଣ ଋତୁରେ ଏହି ପର୍ବଗୁଡ଼ିକର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ଓ ଜନସାଧାରଣଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ଅବଧି ଆସନ୍ତା ୧୭ ତାରିଖରୁ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଇଛି।

### ବୃନ୍ଦାବନ ଗୁରୁକୁଳରେ ଅଘଟଣ

## ପାଣି ଟାଙ୍କି ସଫା କରିବାକୁ ଯାଇ ୪ ଛାତ୍ର ମୃତ

ଲକ୍ଷ୍ନୌ, ୭।୧୦: ଉତ୍ତର ପ୍ରଦେଶର ବୃନ୍ଦାବନ ଗୁରୁକୁଳର ଏକ ଅଣ୍ଡରଗ୍ରାଉଣ୍ଡ ପାଣି ଟାଙ୍କି ସଫା କରିବା ସମୟରେ ବିଷାକ୍ତ ଗ୍ୟାସ୍ କାରଣରୁ ଚାରିଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଗୁରୁକୁଳ ପରିସରରେ ପାଣି ସଂରକ୍ଷଣ ପାଇଁ ପ୍ରାୟ ୧୨ ଫୁଟ ଗଭୀର ଏକ ଭୂତଳ ଟାଙ୍କି ରହିଥିଲା, ଯାହା ଦୀର୍ଘ ଦିନ ହେବ ସଫା କରାଯାଇ ନଥିଲା। ମଙ୍ଗଳବାର ସନ୍ଧ୍ୟାରେ ଟାଙ୍କିରୁ ଦୁର୍ଗନ୍ଧ ବାହାରୁଥିବାରୁ ଗୁରୁକୁଳ ପ୍ରଶାସକ କିଛି ଛାତ୍ରଙ୍କୁ ଏହାକୁ ସଫା କରିବାକୁ କହିଥିଲେ। ଏହାପରେ ଜଣେ ପରେ ଜଣେ ଛାତ୍ର ଟାଙ୍କି ଭିତରକୁ ଓହ୍ଲାଇ ଚେତାଶୂନ୍ୟ ହୋଇଯାଇଥିଲେ। ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।



### କାନ ଡେରିଥା

ହିଂସା ଦ୍ୱେଷ ଆଉ ଲୁଟ ତରାଜରେ
ପେଷି ହେଉଥାନ୍ତି ଜନେ
ଧୂର୍ତ୍ତ ଖଣ୍ଟ ଏଠି ପକେଟ ଭରନ୍ତି
କୋଟିପତି ମନେ ମନେ
କାମ ଅବିବେକୀ ପଣେ ...
ରାମରାଜ୍ୟ ଏଠି ଫେରିବ ସତେ କି
କିଏ ଅବା ଏଠି ଜାଣେ ?

■ ଦେବାଶିଷ

## ସିଲେକ୍ସନମୁହାଁ କଲେଜ ଇଲେକ୍ସନ!

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ଦୀର୍ଘ ୮ ବର୍ଷ ପରେ କଲେଜ ଇଲେକ୍ସନ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ବେଳେ ତାହା ଏବେ ସିଲେକ୍ସନମୁହାଁ ହେବାରେ ଲାଗିଛି। ରାଜ୍ୟର ବିଭିନ୍ନ କଲେଜରେ ଯେଉଁଭଳି ଛାତ୍ରମାନେ ପ୍ରାକ୍ ନିର୍ବାଚନୀ ଗଣ୍ଡଗୋଳ କରୁଛନ୍ତି ତାହାକୁ ଦେଖିଲା ପରେ ଲିଙ୍ଗ୍‌ଡୋ କମିଶନଙ୍କ ସୁପାରିସ୍ ଆଧାରରେ ଛାତ୍ରନେତାମାନେ ସିଲେକ୍ସନ ଜରିଆରେ ବଛାଯାଇପାରନ୍ତି ବୋଲି କୁହାଗଲାଣି।

ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ ଘୋଷଣା କରିବା ପରେ ପରେ ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ଗଣ୍ଡଗୋଳର ଖବର ଆସିବାରେ ଲାଗିଛି। ଖଲ୍ଲିକୋଟ, ବଲାଙ୍ଗୀର, ନୀଳଗିରି ଆଦି ସ୍ଥାନରେ ଛାତ୍ରଙ୍କ ବାଡ଼ିଆପିଟା ଥାନାରେ ପହଞ୍ଚିଲାଣି। ସେହିଭଳି ଆହୁରି ଅନେକ ଶିକ୍ଷାନୁଷ୍ଠାନରେ ଛାତ୍ରମାନେ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ନିଜ ନିଜ ସଂଗଠନର ଦବଦବା ଦେଖାଇବାକୁ ଯାଇ ଅନେକ ଛାତ୍ର ଗଣ୍ଡଗୋଳରେ ମାତୁଥିବା ବେଳେ ନିର୍ବାଚନ ଯେତେ ପାଖେଇ ଆସିବ ଗଣ୍ଡଗୋଳ ସେତେ ବଢ଼ିବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା କରୁଛନ୍ତି।

ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପରେ ରାଜନୈତିକ ଦଳଗୁଡ଼ିକ ସକ୍ରିୟ ହେବା ସହ ନିଜ ନିଜର ଛାତ୍ର ସଂଘଗୁଡ଼ିକୁ ବି ସକ୍ରିୟ କରିଛନ୍ତି। କଲେଜ ନିର୍ବାଚନରେ ଯେଉଁଭଳି ସେମାନଙ୍କ ସମର୍ଥକ ବିଜୟୀ ହୁଅନ୍ତି, ସେଥିପାଇଁ ବିଭିନ୍ନ ସ୍ଥାନରେ ଭୋଜିଭାତର ଆସର ଜମିବାରେ

### ହିଂସାକାଣ୍ଡ ପରେ ଆକଳନ

### ସବୁଆଡୁ ବାଡ଼ିଆପିଟା ଖବର

ଲାଗିଛି। ତେବେ ଯେଉଁଠାରେ ଜଣେ ଜଣେ ଛାତ୍ର ଏକାଧିକ ସଂଗଠନର ଭୋଜିଭାତ ଓ ବୈଠକରେ ଯୋଗ ଦେଉଛନ୍ତି, ସେଠାରେ ଗଣ୍ଡଗୋଳର ସୂତ୍ରପାତ ହେଉଛି। ସେହିଭଳି ଶିକ୍ଷାନୁଷ୍ଠାନ ନିକଟରେ ବ୍ୟାନର ପୋଷ୍ଟର ମାରିବା ସହ କେତେକ ସ୍ଥାନରେ ପ୍ରାର୍ଥୀ ହେବା ପାଇଁ ଆବଶ୍ୟକ ଉପସ୍ଥାନ ହାରକୁ ନେଇ ବି ଗଣ୍ଡଗୋଳ ଉପୁଜୁଛି।






ଉଲ୍ଲେଖନୀୟ ଯେ ଲିଙ୍ଗଡୋ କମିଶନ ଛାତ୍ର ସଂସଦ ନିର୍ବାଚନ ନେଇ ଯେଉଁ କେତେକ କଠୋର ନିୟମାବଳୀ ଜାରି କରିଛନ୍ତି, ସେଥି ମଧ୍ୟରେ ରହିଛି ଯେ ଯଦି କୌଣସି ଶିକ୍ଷାନୁଷ୍ଠାନରେ ଗଣ୍ଡଗୋଳ ହୁଏ ତେବେ ସେଠାରେ ଇଲେକ୍ସନ ପରିବର୍ତ୍ତେ ସିଲେକ୍ସନ ମାଧ୍ୟମରେ ଛାତ୍ରନେତାଙ୍କୁ ଚୟନ କରାଯିବ। ତେଣୁ ଯେଉଁ ହାରରେ ଏବେ ନିର୍ବାଚନୀ ଗଣ୍ଡଗୋଳ ବଢ଼ିବାରେ ଲାଗିଛି, ସେଥିରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ରିସ୍କ ନେବା ବଦଳରେ ସିଲେକ୍ସନ ପ୍ରକ୍ରିୟା ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଅତୀତରେ ମଧ୍ୟ ଏଭଳି ନିୟମ ଜରିଆରେ ଛାତ୍ରନେତା ଚୟନ ହେବାର ନଜିର ରହିଛି। ତେବେ ଦୀର୍ଘଦିନ ପରେ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀମାନେ ଉତ୍ସାହିତ ଥିବା ବେଳେ ଏହାକୁ ବାତିଲ କରି ସିଲେକ୍ସନ ପ୍ରକ୍ରିୟାକୁ କେତେ ଅନୁଷ୍ଠାନ ଯିବା ପାଇଁ ସାହସ କୁଳାଇବେ, ତାହା ଉପରେ ଏବେ ସମସ୍ତଙ୍କ ନଜର।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ତତ୍ପର ପ୍ରଶାସନ

### ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ

### ଶାନ୍ତିପୂର୍ଣ୍ଣ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ କଡ଼ା ପ୍ରସ୍ତୁତି



କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ): ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ଛାତ୍ର ରାଜନୀତିର ଏହି ବହୁ ପ୍ରତୀକ୍ଷିତ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ, ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ବୁଧବାର ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଶାସନ, ପୋଲିସ ଓ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ସହ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି।

ରାଜ୍ୟ ସରକାରଙ୍କ ଛାତ୍ର ସଂସଦ ନିର୍ବାଚନ ଆୟୋଜନ ନିଷ୍ପତ୍ତି ପରେ ବିଭିନ୍ନ ମହାବିଦ୍ୟାଳୟରେ ନିର୍ବାଚନୀ ପରିବେଶ ସୃଷ୍ଟି ହୋଇଛି। ଦୀର୍ଘ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିବାବେଳେ ପ୍ରଶାସନ ପାଇଁ ଶାନ୍ତିପୂର୍ଣ୍ଣ ନିର୍ବାଚନ ଆୟୋଜନ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପୂର୍ବରୁ ହିଁ ପ୍ରସ୍ତୁତି ଆରମ୍ଭ କରିଛି।

ବୈଠକରେ ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ ଯେ ଛାତ୍ର ସଂସଦ ନିର୍ବାଚନ ଛାତ୍ରଛାତ୍ରୀଙ୍କ ପାଇଁ ଗଣତନ୍ତ୍ରର ପ୍ରାରମ୍ଭିକ ପାଠଶାଳା ସଦୃଶ। ଏହା ମାଧ୍ୟମରେ ସେମାନେ ନେତୃତ୍ୱ ଦକ୍ଷତା, ଦାୟିତ୍ୱବୋଧ, ସହନଶୀଳତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିଥାନ୍ତି। ତେଣୁ ନିର୍ବାଚନ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତ ଦେଇଥିଲେ।

ବୈଠକରେ ନିର୍ବାଚନ ସମୟରେ କଲେଜ ପରିସରରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ନ ସୃଷ୍ଟି ହେବା ପାଇଁ ବ୍ୟାପକ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ଶିକ୍ଷାନୁଷ୍ଠାନ ଓ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେଠାରେ ଅତିରିକ୍ତ ପୋଲିସ ମୁତୟନ, ନିରନ୍ତର ପାଟ୍ରୋଲିଂ, ଭୋଟଗ୍ରହଣ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ଓ ନିର୍ବାଚନ ପରବର୍ତ୍ତୀ ପରିସ୍ଥିତି ଉପରେ କଡ଼ା ନଜର ରଖିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। କଲେଜ ପରିସରରେ ବାହାର ଲୋକଙ୍କ ଅନଧିକୃତ ପ୍ରବେଶ ରୋକିବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ ୯ ଅକ୍ଟୋବରରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ସେହିଦିନ ନାମାଙ୍କନ ଯାଞ୍ଚ ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ଅକ୍ଟୋବରରେ ନାମାଙ୍କନ ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ୧୪ ଅକ୍ଟୋବରରେ 'ୱାଇ ଆଇ ଷ୍ଟାଣ୍ଡ ଫର୍' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାର୍ଥୀମାନେ ନିଜ ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବେ।

୧୫ ଅକ୍ଟୋବରରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବା ପରେ ସେହିଦିନ ଭୋଟ ଗଣତି ଆରମ୍ଭ ହେବ। ଫଳାଫଳ ଘୋଷଣା ପରେ ୧୬ ଅକ୍ଟୋବରରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏହି ସମଗ୍ର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ବିବାଦମୁକ୍ତ ରଖିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ସମସ୍ତ ନିୟମାବଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି।

ବିକଶିତ ଭାରତ ସଂକଳ୍ପ ସଭା ଓ ସେବାଜ୍ୟୋତି ଯାତ୍ରା

## ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ସାମୂହିକ ସହଭାଗିତାର ଆହ୍ୱାନ



କେନ୍ଦ୍ରାପଡ଼ା, ୭।୧୦ (ସଂଚାର ବ୍ୟୁରୋ): 'ବିକଶିତ ଭାରତ- ୨୦୪୭'ର ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ବୁଧବାର କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ସଂକଳ୍ପ ସଭା ଓ ସେବାଜ୍ୟୋତି ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସାର୍ବଜନିକ ଜୀବନ ଓ ଜନସେବା ଯାତ୍ରାକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବା, ସୁଶାସନ ଓ ସମାବେଶୀ ବିକାଶର ବାର୍ତ୍ତା ପ୍ରଚାର କରାଯାଇଥିଲା। କେନ୍ଦ୍ରାପଡ଼ା ନୂଆ ବସଷ୍ଟାଣ୍ଡ ପରିସରରେ ଆୟୋଜିତ ସଭାରେ ଦେଶକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ପାଇଁ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିକାଶର ମୁଖ୍ୟଧାରାରେ ଅନ୍ତ୍ୟୋଦୟ, ଜନସେବା ଓ ସୁଶାସନକୁ ପ୍ରାଧାନ୍ୟ ଦେବା ସହ ଯୁବପିଢ଼ି, ମହିଳା, କୃଷକ, ଶ୍ରମିକ ଓ ଛାତ୍ରଛାତ୍ରୀଙ୍କ ଭୂମିକାକୁ ବକ୍ତାମାନେ ବିଶେଷ ଭାବେ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି ଶୋଭାଙ୍କ ଶେଠୀ, ଜିଲ୍ଲା ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା, ସଲିମ ଖାନ, ଗୀତାଞ୍ଜଳି ସେଠୀଙ୍କ ସମେତ ବହୁ ଜନପ୍ରତିନିଧି, ଦଳୀୟ କର୍ମୀ ଓ ସାମାଜିକ କର୍ମୀ ଯୋଗଦେଇଥିଲେ। ଉପସ୍ଥିତ ସମସ୍ତଙ୍କୁ 'ବିକଶିତ ଭାରତ- ୨୦୪୭' ଗଠନ ପାଇଁ ସାମୂହିକ ଶପଥପାଠ ମଧ୍ୟ କରାଯାଇଥିଲା।

ସଭା ପରେ ନୂଆ ବସଷ୍ଟାଣ୍ଡଠାରୁ ସେବାଜ୍ୟୋତି ଯାତ୍ରା ଆରମ୍ଭ ହୋଇ ସହରର ବିଭିନ୍ନ ପ୍ରମୁଖ ରାସ୍ତା ଦେଇ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ଯାତ୍ରା ମାଧ୍ୟମରେ ସେବା, ଜନକଲ୍ୟାଣ, ସୁଶାସନ ଓ ରାଷ୍ଟ୍ର ଗଠନର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଯାଇଥିଲା।

ପରବର୍ତ୍ତୀ ସମୟରେ ସେବାଜ୍ୟୋତିକୁ ଟାଉନ ହଲରେ ସ୍ଥାପନ କରାଯାଇଥିଲା। ସେବା, ତ୍ୟାଗ ଓ ଜନକଲ୍ୟାଣର ପ୍ରତୀକ ଭାବେ ଏହି ଜ୍ୟୋତି ଲୋକଙ୍କ ମଧ୍ୟରେ ଦେଶପ୍ରେମ ଓ ସାମାଜିକ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିଥିଲା। ବିକଶିତ ଭାରତର ସଂକଳ୍ପକୁ ଜନଆନ୍ଦୋଳନର ରୂପ ଦେବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

## ଶ୍ରେଣୀଗୃହରେ ପଶି ଅଧ୍ୟାପିକାଙ୍କୁ ଧମକ

### ଥାନାରେ ଅଭିଯୋଗ, ତଦନ୍ତ ଆରମ୍ଭ



କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାଲିଆ ମହିଳା କଲେଜରେ ଜଣେ ଅଧ୍ୟାପିକାଙ୍କୁ ଶ୍ରେଣୀଗୃହ ଭିତରେ ପଶି ଜଣେ ଅଭିଭାବକ ଧମକ ଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି। କଲେଜର ସମାଜବିଜ୍ଞାନ (ସୋସିଓଲୋଜି) ବିଭାଗର ଅଧ୍ୟାପିକା ମିନାକ୍ଷୀ ଲେଙ୍କା ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଅଧ୍ୟାପିକା ଶ୍ରେଣୀଗୃହରେ ଛାତ୍ରୀମାନଙ୍କୁ ପାଠ ପଢ଼ାଉଥିବା ବେଳେ ଜଣେ ଅଭିଭାବକ ହଠାତ୍ କ୍ଲାସରେ ପଶି ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ତାଙ୍କୁ ମାରିଦେବା ଏବଂ "ଦେଖିନେବା" ପାଇଁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ସମସ୍ତ ଛାତ୍ରୀଙ୍କ ସମ୍ମୁଖରେ ଏପରି ବ୍ୟବହାର ଯୋଗୁଁ ସେ ଗଭୀର ଭାବେ ଅପମାନିତ ହେବା ସହ ମାନସିକ ଭାବେ ଆଘାତପ୍ରାପ୍ତ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନା ଅନୁସାରେ, କ୍ଲାସ ଚାଲିଥିବା ସମୟରେ ଜଣେ ଛାତ୍ରୀଙ୍କ ସହ କୌଣସି ଘଟଣାକୁ ନେଇ କଥାକଟାକଟି ହୋଇଥିଲା। ଏହାକୁ କେନ୍ଦ୍ର କରି ସମ୍ପୃକ୍ତ ଛାତ୍ରୀଙ୍କ ଅଭିଭାବକ କଲେଜ ପରିସରକୁ ଆସି ଏପରି ଆଚରଣ କରିଥିବା ଜଣାପଡ଼ିଛି।

ଘଟଣା ପରେ ଅଧ୍ୟାପିକା କଲେଜର ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ତେବେ ଏପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ଏପରିକି କଲେଜକୁ ଯିବା-ଆସିବା ସମୟରେ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ନିଜ ସୁରକ୍ଷାକୁ ନେଇ ଚିନ୍ତିତ ଥିବା କହିଛନ୍ତି।

ଅନ୍ୟପକ୍ଷରେ, ଏହି ଘଟଣାକୁ ନେଇ କଲେଜ ମହଲରେ ଉଦ୍ବେଗ ପ୍ରକାଶ ପାଇଛି। ଶିକ୍ଷାନୁଷ୍ଠାନ ଭିତରେ ଜଣେ ଅଧ୍ୟାପିକାଙ୍କ ସହ ଏଭଳି ଆଚରଣକୁ ବିଭିନ୍ନ ମହଲ ନିନ୍ଦା କରିଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ଚାମେଲି ମାମଲାରେ ଏନ୍‌ଏଚ୍‌ଆର୍‌ସି ତଦନ୍ତ ତୀବ୍ର

### ବିଧାୟକ, ପୁଲିସ, ବିଡିଓ, ଡାକ୍ତର ଓ ଅଭିଯୋଗକାରିଣୀଙ୍କୁ ଘନଘନ ଜେରା

### ସର୍କିଟ୍ ହାଉସ୍‌ରେ ତଦନ୍ତ ଘେରରେ ପ୍ରଭାବଶାଳୀ ମୁହଁ

### ଗଣମାଧ୍ୟମ ପ୍ରବେଶକୁ ନେଇ ବଢ଼ିଲା ପ୍ରଶ୍ନ



କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ): ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ ନେଇ ସାରା ରାଜ୍ୟରେ ଚର୍ଚ୍ଚିତ ହୋଇଥିବା ମାମଲାରେ ଜାତୀୟ ମାନବାଧିକାର କମିସନ୍ (ଏନ୍‌ଏଚ୍‌ଆର୍‌ସି)ର ସ୍ୱତନ୍ତ୍ର ତଦନ୍ତ ଦଳ ତଦନ୍ତକୁ ଆହୁରି ଜୋରଦାର କରିଛି। ଘଟଣାର ପ୍ରତ୍ୟେକ ଦିଗକୁ ଖୋଳତାଡ଼ କରିବା ପାଇଁ ତଦନ୍ତକାରୀ ଦଳ ବିଧାୟକ, ପୁଲିସ ଅଧିକାରୀ, ବ୍ଲକ୍ ପ୍ରଶାସନ, ଡାକ୍ତର ଓ ଅଭିଯୋଗକାରିଣୀଙ୍କ ସମେତ ବିଭିନ୍ନ ପକ୍ଷଙ୍କୁ ପର୍ଯ୍ୟାୟକ୍ରମେ ଜେରା କରୁଛି। ଘନଘନ ପଚରାଉଚରା, ମେଡିକାଲ୍ ରେକର୍ଡ ଯାଞ୍ଚ ଏବଂ ବୟାନର ତୁଳନାତ୍ମକ ବିଶ୍ଳେଷଣ ତଦନ୍ତକୁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼କୁ ନେଇଯାଇଥିବା ଚର୍ଚ୍ଚା ହେଉଛି।

ବୁଧବାର କେନ୍ଦ୍ରାପଡ଼ା ସର୍କିଟ୍ ହାଉସ୍ ତଦନ୍ତର ପ୍ରମୁଖ କେନ୍ଦ୍ର ପାଲଟିଥିଲା। ସେଠାରେ ମହାକାଳପଡ଼ା ବିଧାୟକ ଡା. ଦୁର୍ଗାପ୍ରସନ୍ନ ନାୟକଙ୍କୁ ଏନ୍‌ଏଚ୍‌ଆର୍‌ସି ଦଳ ପଚରାଉଚରା କରିଥିବା ସୂଚନା ମିଳିଛି। ଘଟଣାକ୍ରମ, ପ୍ରଶାସନିକ ପଦକ୍ଷେପ ଓ ବିଭିନ୍ନ ଅଭିଯୋଗ ସମ୍ପର୍କରେ ତାଙ୍କୁ ପ୍ରଶ୍ନ କରାଯାଇଥିବା ଜଣାପଡ଼ିଛି। ତେବେ ଜେରାରେ କେଉଁ ପ୍ରଶ୍ନ ଉଠିଥିଲା କିମ୍ବା ବିଧାୟକ କ'ଣ ସଫେଇ ରଖିଥିଲେ, ତାହା ସରକାରୀ ଭାବେ ପ୍ରକାଶ ପାଇନାହିଁ।

ବିଧାୟକଙ୍କ ଜେରା ସମୟରେ ସର୍କିଟ୍ ହାଉସ୍ ପରିସରରେ ତାଙ୍କ ସମର୍ଥକ ଓ ବିଜେପି କର୍ମୀଙ୍କ ଭିଡ଼ ଜମିଥିଲା। ରାଜନଗର ବିଧାନସଭା କ୍ଷେତ୍ରର ବିଜେପି ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଲଳିତ ବେହେରା ମଧ୍ୟ ସେଠାରେ ଉପସ୍ଥିତ ଥିବା ଦେଖାଯାଇଥିଲା। ଏହା ଘଟଣାର ରାଜନୈତିକ ଗୁରୁତ୍ୱକୁ ଆହୁରି ବଢ଼ାଇ ଦେଇଛି।

ତଦନ୍ତ ସମୟରେ ସର୍କିଟ୍ ହାଉସ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ତଦନ୍ତ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ମିଳୁଥିବା ବେଳେ ଖବର ସଂଗ୍ରହ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ପୁଲିସ ପକ୍ଷରୁ ଭିତରକୁ ଯିବାକୁ ଦିଆଯାଇନଥିଲା। ଏହାକୁ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତଦନ୍ତର ଗୋପନୀୟତା ଓ ସୂଚନା ଅଧିକାର ମଧ୍ୟରେ ସନ୍ତୁଳନକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି।

## ଓଡ଼ିଶା ବନ୍ଦ ପାଇଁ ମଶାଲ ଶୋଭାଯାତ୍ରା




ମାର୍ଶାଘାଇ, ୭।୧୦ (ସଂଚାର ବ୍ୟୁରୋ): ରାଜ୍ୟ କଂଗ୍ରେସର ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବା ପାଇଁ ମଙ୍ଗଳବାର ମାର୍ଶାଘାଇ ବ୍ଲକ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା କରାଯାଇଥିଲା । ରାଜ୍ୟ କଂଗ୍ରେସ ଅନୁସୂଚିତ ସେଲ ସମ୍ପାଦକ ଉପେନ୍ଦ୍ର ବେହେରା ଙ୍କ ନେତୃତ୍ୱରେ ମାର୍ଶାଘାଇ ଦୁର୍ଗାମଣ୍ଡପରେ ଏକ ପ୍ରସ୍ତୁତି ବୈଠକ କରାଯିବା ପରେ ମଶାଲ ଧରି ମାର୍ଶାଘାଇ ବଜାର ପରିକ୍ରମା କରି ଲୋକମାନଙ୍କର ସହଯୋଗ କାମନା କରିଥିଲେ । ଦୁର୍ଗାମଣ୍ଡପ ରୁ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର, କଲେଜ ଛକ, ଜୁଣ ଛକ ଗାନ୍ଧୀ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇ ପଥପ୍ରାନ୍ତ ସଭା କରିଥିଲେ । ମାର୍ଶାଘାଇ କଂଗ୍ରେସ ସଭାପତି ଶିକ୍ଷାଂଶୁ ଶେଖର ଲେଙ୍କା,କେନ୍ଦ୍ରାପଡ଼ା ଜିଲ୍ଲା ଅନୁସୂଚିତ ସେଲ ସମ୍ପାଦକ ଗୌରାଙ୍ଗ ଜେନା,ଅରବିନ୍ଦ ମହାନ୍ତି, ୨୪ ନଂ ଜୋନ ସଭାପତି ଅଜୟ ଦାସ,ଅଲିଅଳ ନାୟକ, ପ୍ରତାପ ସ୍ୱାଇଁ,ରାକିଶୋର ପରିଡା, ଅଲେଖ ପରିଡା,ପିତାମ୍ବର ଜେନା, ପର୍ଯ୍ୟବେକ୍ଷକ ଭାବେ ପିସିସି ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ଯୋଗଦେଇଥିଲେ ।

ରାଷ୍ଟ୍ରୀୟ ପୋଷଣ ମାସ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

## ପଦଯାତ୍ରାରେ ପୋଷଣ ସଚେତନତାର ବାର୍ତ୍ତା



କେନ୍ଦ୍ରାପଡ଼ା,୭।୧୦(ସଂଚାର ବ୍ୟୁରୋ): ନବମ ରାଷ୍ଟ୍ରୀୟ ପୋଷଣ ମାସ- ୨୦୨୬ ଅବସରରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ବ୍ୟାପକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ସୁସ୍ଥ ମାତୃତ୍ୱ, ଶିଶୁ ପୋଷଣ ଓ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ ଏବଂ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ସଞ୍ଜୟ ପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ପଦଯାତ୍ରା ସହରର ବିଭିନ୍ନ ପ୍ରମୁଖ ସ୍ଥାନ ପରିକ୍ରମା କରିଥିଲା। ଏହି ଅବସରରେ ଅଂଶଗ୍ରହଣକାରୀମାନେ ପୋଷଣ ସମ୍ପର୍କିତ ସ୍ଲୋଗାନ ଦେବା ସହ ସନ୍ତୁଳିତ ଖାଦ୍ୟ ଗ୍ରହଣ, ରକ୍ତହୀନତା ନିରାକରଣ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଷଣ ମାସ ପାଳନ ଅବସରରେ ଏହି ପଦଯାତ୍ରା ମାଧ୍ୟମରେ ସମାଜର ସବୁସ୍ତରର ଲୋକଙ୍କ ନିକଟରେ ପୋଷଣର ବାର୍ତ୍ତା ପହଞ୍ଚାଇବାକୁ ପ୍ରୟାସ କରାଯାଇଥିଲା।

ଜିଲ୍ଲାସ୍ତରୀୟ ପୋଷଣ ମାସ

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ପୋଷଣ ଖାଦ୍ୟ ପ୍ରଦର୍ଶନୀରେ ଆକର୍ଷଣ




କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ): ସୁପୋଷଣ, ସୁସ୍ଥ ଜୀବନ ଓ ସମୃଦ୍ଧ ସମାଜ ଗଠନର ବାର୍ତ୍ତାକୁ ନେଇ କେନ୍ଦ୍ରାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ- ୨୦୨୬ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ପ୍ରସୂତୀ ସ୍ୱାସ୍ଥ୍ୟ ସେବା ଓ ପୋଷଣସମୃଦ୍ଧ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିବାବେଳେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ, କିଶୋର- କିଶୋରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ପୋଷଣ ବିଷୟକ ରେସିପି ପ୍ରଦର୍ଶନୀ ଓ ସ୍ୱାସ୍ଥ୍ୟ ଶିବିର ଲୋକଙ୍କ ମଧ୍ୟରେ ବେଶ୍ ଆକର୍ଷଣ ସୃଷ୍ଟି କରିଥିଲା।

ଏହି ଅବସରରେ ଜିଲ୍ଲାର ୯ଟି ବ୍ଲକ ପକ୍ଷରୁ ପ୍ରସ୍ତୁତ ପୋଷଣସମୃଦ୍ଧ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ବିଚାରକମାନଙ୍କ ମୂଲ୍ୟାଙ୍କନ ଆଧାରରେ ରାଜକନିକା ବ୍ଲକ ପ୍ରଥମ ସ୍ଥାନ, କେନ୍ଦ୍ରାପଡ଼ା ବ୍ଲକ ଦ୍ୱିତୀୟ ସ୍ଥାନ ଓ ପଟ୍ଟାମୁଣ୍ଡାଇ ବ୍ଲକ ତୃତୀୟ ସ୍ଥାନ ଅଧିକାର କରିଥିଲା। ବିଜୟୀ ବ୍ଲକଗୁଡ଼ିକୁ କପ୍, ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି, ବିଭିନ୍ନ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୭ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପୋଷଣ ମାସ ପାଳନ ଅବସରରେ ଜିଲ୍ଲା ସଂଯୋଜକ ସଞ୍ଜୟ ପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜଣାଯାଇଥିଲା।

ସମସ୍ତଙ୍କ ସହଯୋଗରେ କୁପୋଷଣମୁକ୍ତ ସମାଜ ଗଠନ ଓ ପୋଷଣ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏଭଳି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ବକ୍ତାମାନେ ମତପ୍ରକାଶ କରିଥିଲେ।

## ଏସ୍‌ୟୁସିଆଇ ପକ୍ଷରୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି




ଯାଜପୁର ରୋଡ଼,୭।୧୦ (ସଂଚାର ବ୍ୟୁରୋ): ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ପକ୍ଷରୁ ୬ରୁ ୧୨ଅକ୍ଟୋବର ପ୍ରତିବାଦ ସପ୍ତାହ ପାଳନ ପରୀପ୍ରେକ୍ଷୀରେ ଆଜି ଯାଜପୁର ରୋଡ ଠାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସ୍.ଆଇ.ଆର ପ୍ରକ୍ରିୟା ରଦ୍ଦ କରିବା, ଭୋଟର ତାଲିକାରୁ ଉଦ୍ଦେଶ୍ୟ ମୂଳକ ଭାବେ ବାଦ ଦିଆଯାଇଥିବା ୧୪ କୋଟି ଭୋଟରଙ୍କ ନାମ ପୁନଃ ସଂଯୋଗ,ଏମ୍.ଏମ୍.ଡ଼ି.ଆର ସଂଶୋଧିତ ଆଇନ ୨୦୨୬ ବାତିଲ, ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରତ୍ୟାହାର ପ୍ରଭୃତି ଦାବୀରେ ଏକ ପ୍ରତିବାଦ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇ ଜ୍ଞାନେଶ କୁମାରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ପାର୍ଟିର କର୍ମୀ ଓ ସମର୍ଥକ ମାନେ ଗୋପବନ୍ଧୁ ଛକରୁ ଏକ ଶୁସଜ୍ଜିତ ଶୋଭାଯାତ୍ରାରେ ସ୍ଲୋଗାନ ମାନ ଦେଇ ବଜାର ପରିକ୍ରମା କରିଲା ପରେ ଗୋପବନ୍ଧୁ ଛକ ଠାରେ ସମବେତ ହୋଇ ଥିଲେ। ସେଠାରେ ରାଜ୍ୟ କମିଟି ସଦସ୍ୟ ବିଜୟାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେବ ଉପସ୍ଥିତ ବକ୍ତାମାନେ ବକ୍ତବ୍ୟରେ କହିଲେ ଯେ ମନମୁଖୀ ବେଆଇନ ଭାବରେ କେନ୍ଦ୍ର ସରକାରଙ୍କ ସ୍ୱାର୍ଥରେ ୧୪ କୋଟି ଲୋକଙ୍କୁ ଭୋଟର ତାଲିକାରୁ ନାମ କାଟିବା ଏକ ଅପରାଧି ମୁଳକ କାର୍ଯ୍ୟ। ତେଣୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେସ କୁମାରଙ୍କୁ ତୁରନ୍ତ ଗିରଫ୍ କରି ଦୃଷ୍ଟାନ୍ତମୂଳକ ଦଣ୍ଡଦେବା ପାଇଁ ଦୃଢ଼ ଦାବି କରିଥିଲେ।

## ଆସୁଛନ୍ତି ମାଃ ପାର୍ବଣ ପାଇଁ ଚଳଚଞ୍ଚଳ ପଟ୍ଟାମୁଣ୍ଡାଇ



ପଟ୍ଟାମୁଣ୍ଡାଇ, ୭।୧୦ (ସଂଚାର ବ୍ୟୁରୋ): ଆଗାମୀ ଶାରଦୀୟ ଦୁର୍ଗା ପୂଜା ପାଇଁ ଧରା ପୃଷ୍ଠକୁ ଓଲହ୍ଲାଇବେ ମା ଦୁର୍ଗତିନାଶିନୀ । ମା'ଙ୍କ ଆଗମନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ମା'ଙ୍କ ଆଗମନରେ ଚଳଚଞ୍ଚଳ ହୋଇପଡିଛି ପଟ୍ଟାମୁଣ୍ଡାଇ । ପଟ୍ଟାମୁଣ୍ଡାଇ ସହରରେ ଚଳିତ ବର୍ଷ ଦୁର୍ଗା ପୂଜା ଉତ୍ସବରେ ୨୬ଟି ମେଢ଼ ସ୍ଥାନ ପାଇବାକୁ ଯାଉଛି । ବିଭିନ୍ନ କୁଶଳୀ କାରିଗରମାନେ ବିଭିନ୍ନ ଦେବାଦେବୀ ମୂର୍ତ୍ତି ଗଢିବାରେ ଲାଗି ପଡିଛନ୍ତି । କାରିଗର ମାନଙ୍କ କଳାକୌଶଳରେ ବିଭିନ୍ନ ଦେବା ଦେବୀ ମୂର୍ତ୍ତି ବହୁତ ସୁନ୍ଦର ହୋଇଛି । ପୂଜା ଉତ୍ସବକୁ ଆକର୍ଷଣୀୟ କରିବା ବିଭିନ୍ନ ମେଢ଼ ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି ।

ବହୁ ପୁରାତନ ପଟ୍ଟାମୁଣ୍ଡାଇ ଦୁର୍ଗା ପୂଜା ଉତ୍ସବକୁ ଆନନ୍ଦ ଉଲ୍ଲାସର ସହତ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ପୂଜା ସମୟରେ ସହର ଟ୍ରାଫିକ ସମସ୍ୟା ନିଶା କରବାର ଅପମିଶ୍ରିତ ଖାଦ୍ୟ ବିକ୍ରି ଉଜ୍ଜଳ ଆଲୋକ ପରିମଳ ସର୍ବୋପରି ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଭିନ୍ନ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଗତ ୧ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲ ଠାରେ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବିଭିନ୍ନ ମେଢ଼ କମିଟି ଓ ବଣିକ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୋଟାମୋଟି ଭାବେ ବିଭିନ୍ନ ପରିସ୍ଥିତିକୁ ନଜରରେ ରଖି ଡିଜେ ବାଜିବା ଉପରେ କଟକଣା କରାଯିବା ସହିତ ନିଷା କାରବାର ଟ୍ରାଫିକ ସମସ୍ୟା ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ କଡା ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ତୃତୀୟ ପ୍ରତିଷ୍ଠା ଦିବସରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ 'ସତ୍ୟବାଦୀ ଖାଦ୍ୟମେଳା' ଆୟୋଜିତ



ସତ୍ୟବାଦୀ, ୭।୧୦ (ସଂଚାର ବ୍ୟୁରୋ): ପଞ୍ଚସଖାଙ୍କ ସାଧନାପୀଠ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆଜି ଅପରାହ୍ଣରେ 'ସତ୍ୟବାଦୀ ଖାଦ୍ୟମେଳା' ଆୟୋଜିତ ହୋଇଛି। ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ପରିସରରେ ଆୟୋଜିତ ଏହି ମେଳାକୁ କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ରିବନ୍ କାଟି ଉଦ୍‌ଘାଟନ କରିଥିଲେ। କୁଳସଚିବ ରଶ୍ମିରେଖା ଦାସ ଅତିଥିମାନଙ୍କୁ ଖାଦ୍ୟ ବିପଣିଗୁଡ଼ିକ ନିକଟକୁ ପାଛୋଟି ନେଇଥିଲେ। ଆମନ୍ତ୍ରିତ ଅତିଥି ଭାବେ ଭାଷାବିତ୍ ଡ. ସୁବ୍ରତ କୁମାର ପୃଷ୍ଟିଙ୍କ ସମେତ ସାକ୍ଷୀଗୋପାଳ ଅଞ୍ଚଳର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଡ. ଲିପିକା ନାୟକ, ଡ. ସନ୍ଦୀପ କୁମାର ଚାନ୍ଦ, ବିତ୍ତ ନିୟନ୍ତ୍ରକ ସଂଜୀବ କୁମାର ଜେନାଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଖାଦ୍ୟମେଳା ଆୟୋଜନରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

ଚଳିତବର୍ଷ ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ, ଭାଷା ଓ ସାହିତ୍ୟ ବିଭାଗ ଏବଂ ଆଞ୍ଚଳିକ-ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ପକ୍ଷରୁ ୨ଟି ଲେଖାଏଁ ମୋଟ ୬ଟି ଖାଦ୍ୟ ବିପଣି ଖୋଲାଯାଇଛି। ସ୍ନାତକୋତ୍ତର ପ୍ରଥମ ବର୍ଷର ୩ଟି ଓ ଦ୍ୱିତୀୟ ବର୍ଷର ୩ଟି ବିପଣିରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ବିଭିନ୍ନ ଫାଷ୍ଟଫୁଡ୍ ପରିବେଷଣ କରାଯାଉଛି।

ଏହି ଖାଦ୍ୟମେଳାକୁ ନେଇ ସାକ୍ଷୀଗୋପାଳ ଅଞ୍ଚଳର ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିବା ବେଳେ ବହୁ ଲୋକ ମେଳାରେ ପହଞ୍ଚି ବିଭିନ୍ନ ଖାଦ୍ୟର ମଜା ନେଇଥିଲେ।

### ସ୍ୱାବଲମ୍ବୀ କାରିଗରଙ୍କ ଚେତାବନୀ

## ଦାବି ପୂରଣ ନହେଲେ ଫେବୃଆରୀ ୧ରୁ କାର୍ଯ୍ୟବନ୍ଦ



କୋରାପୁଟ,୭।୧୦ (ସଂଚାର ବ୍ୟୁରୋ): ସ୍ୱାବଲମ୍ବୀ କାରିଗରଙ୍କ ସମସ୍ୟା ଓ ଦାବିକୁ ନେଇ କୋରାପୁଟରେ ତେଜିଲା ଅସନ୍ତୋଷ। ସ୍ଥାୟୀ ବ୍ୟବସ୍ଥାଠାରୁ ଆରମ୍ଭ କରି ମଜୁରୀ, ସାମାଜିକ ସୁରକ୍ଷା ଓ ପେନସନ ପର୍ଯ୍ୟନ୍ତ ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ସ୍ୱାବଲମ୍ବୀ କାରିଗର ପରିବାର ପକ୍ଷରୁ ରାଜ୍ୟ ସରକାରଙ୍କୁ ଚେତାବନୀ ଦିଆଯାଇଛି। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଠଟି ଜିଲ୍ଲାର କାର୍ଯ୍ୟକର୍ତ୍ତା ଯୋଗଦେଇ ସ୍ୱାବଲମ୍ବୀ କାରିଗରଙ୍କ ସମସ୍ୟା ଓ ଭବିଷ୍ୟତ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ।

ସଂଗଠନର ଦାବି ଅନୁଯାୟୀ, ସ୍ୱାବଲମ୍ବୀ କାରିଗରଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା, ସର୍ବନିମ୍ନ ମଜୁରୀ, ସାମାଜିକ ସୁରକ୍ଷା ଏବଂ ଦୈନିକ ୨୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ଆବଶ୍ୟକ। ଏଥିସହ ୬୦ ବର୍ଷରୁ ଊର୍ଦ୍ଧ୍ୱ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକଙ୍କ ପାଇଁ ଗ୍ରାଚୁଇଟି ଓ ମାସିକ ପେନସନ ବ୍ୟବସ୍ଥା ଲାଗୁ କରିବାକୁ ମଧ୍ୟ ଦାବି ହୋଇଛି। ଅନ୍ୟପକ୍ଷରେ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାରେ ଖାଲି ପଡ଼ିଥିବା ଫିଟର ମିସ୍ତ୍ରୀ, ଖଲାସୀ, ହେଲ୍ପର ଓ ଆଟେଣ୍ଡାଣ୍ଟ ଭଳି ପଦବୀରେ ସ୍ୱାବଲମ୍ବୀ କାରିଗରଙ୍କୁ ନିଯୁକ୍ତି ଦେବାକୁ ସଂଗଠନ ଦାବି କରିଛି।

ବୈଠକରେ ଉପସଭାପତି ତ୍ରିପତି ନାୟକ କହିଛନ୍ତି ଯେ, ଦୀର୍ଘଦିନ ଧରି କାରିଗରମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ତେଣୁ ସରକାର ଦାବିଗୁଡ଼ିକୁ ଗୁରୁତ୍ୱର ସହ ନେଇ ଶୀଘ୍ର ସମାଧାନ କରିବା ଆବଶ୍ୟକ। ତେବେ ଦାବି ପୂରଣ ନହେଲେ ଆସନ୍ତା ବର୍ଷ ଫେବୃଆରୀ ୧ ତାରିଖରୁ ସ୍ୱାବଲମ୍ବୀ କାରିଗରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଏପରିକି ପ୍ରତି ବ୍ଲକରେ ପାନୀୟ ଜଳ ଯୋଗାଣ ଓ ନଳକୂପ ମରାମତି କାର୍ଯ୍ୟ ବନ୍ଦ ରଖାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ବୈଠକରେ ସମ୍ପାଦକ ଈଶ୍ୱର ମେହେର, ସହସମ୍ପାଦକ ସୋମନାଥ ମୁଦୁଲିଙ୍କ ସମେତ ବହୁ କର୍ମକର୍ତ୍ତା ଓ ଆଠଟି ଜିଲ୍ଲାର ପ୍ରତିନିଧି ଉପସ୍ଥିତ ଥିଲେ।

● ବନ୍ଦ ପାଳନକୁ ନେଇ ଡିଜିପିଙ୍କ ସମୀକ୍ଷା

## ଶାନ୍ତିଶୃଙ୍ଖଳା ରକ୍ଷା ସହ ଜନତାଙ୍କ ସୁରକ୍ଷାକୁ ଗୁରୁତ୍ୱ



ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ଆସନ୍ତାକାଲି ଇଣ୍ଡି ମେଣ୍ଟ ପକ୍ଷରୁ ଓଡ଼ିଶା ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆଜି ସନ୍ଧ୍ୟାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ଭାବ୍ୟ ବନ୍ଦ ପରିସ୍ଥିତିରେ ଆଇନଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କ ସୁରକ୍ଷା, ଯାତାୟାତ ବ୍ୟବସ୍ଥା ଓ ସରକାରୀ ତଥା ଜନସାଧାରଣଙ୍କ ସମ୍ପତ୍ତିର ସୁରକ୍ଷା ଉପରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମସ୍ତ ଥାନାଞ୍ଚଳରୁ ସୂଚନା ସଂଗ୍ରହ କରି ସ୍ଥାନୀୟ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ସମସ୍ତ ଜିଲ୍ଲା ଏସ୍‌ପିଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ରାଜପଥ, ଜାତୀୟ ରାଜପଥ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ ସହ ପାଟ୍ରୋଲିଂ ଓ ନାକା ଚେକିଂ ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ପ୍ରମୁଖ ସ୍ଥାନ ଚିହ୍ନଟ କରି ସେଠାରେ ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ ଏବଂ ଗୁଇନ୍ଦା ସୂଚନାକୁ ସୁଦୃଢ଼ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସେହିପରି ବନ୍ଦ ସମୟରେ କୌଣସି ପ୍ରକାର ହିଂସା, ଭଙ୍ଗାରୁଜା, ବଳପୂର୍ବକ ଦୋକାନ ବଜାର ବନ୍ଦ କିମ୍ବା ସାଧାରଣ ଯାତାୟାତରେ ବାଧା ସୃଷ୍ଟି ଯେପରି ନ ହୁଏ, ସେଥିପ୍ରତି ସତର୍କ ରହିବାକୁ ସମସ୍ତ ଜିଲ୍ଲା ଏସ୍‌ପି ଓ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଇନ ହାତକୁ ନେଉଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଓ ଦୃଢ଼ ଆଇନଗତ ପଦକ୍ଷେପ ନେବା ଦିଗରେ ମଧ୍ୟ ଡିଜିପି ଗୁରୁତ୍ୱାରୋପ କରିଥିଲେ।

‘ବିକଶିତ ଭାରତ ସଂକଳ୍ପ ସଭା’ ଓ ‘ସେବା ଜ୍ୟୋତି ଯାତ୍ରା’

# ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ

### ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସାକାର ହେବ ‘ବିକଶିତ ଭାରତ’ ସ୍ୱପ୍ନ: ମନମୋହନ



ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ବିକଶିତ ଓଡ଼ିଶାରୁ ବିକଶିତ ଭାରତ ପ୍ରଧାନମନ୍ତ୍ରୀଙ୍କ ‘ବିକଶିତ ଭାରତ ୨୦୪୭’ ସଂକଳ୍ପକୁ ସାକାର କରିବା ପାଇଁ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସଶକ୍ତ ଓ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ କରିବା ରାଜ୍ୟ ସରକାରଙ୍କ ପ୍ରଥମ ଓ ମୁଖ୍ୟ ଲକ୍ଷ୍ୟ। ସରକାରଙ୍କ ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ସମାଜର ଶେଷ ଧାଡ଼ିରେ ଛିଡ଼ା ହୋଇଥିବା ବ୍ୟକ୍ତି ପାଖରେ ପହଞ୍ଚିପାରିବ, ସେଥିପାଇଁ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକର୍ତ୍ତା ଓ ରାଜ୍ୟବାସୀଙ୍କୁ ସ୍ଥାନୀୟ କାରଗିଲ୍ ପଡ଼ିଆରେ ଆୟୋଜିତ ‘ସେବା ଜ୍ୟୋତି ଯାତ୍ରା’ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ନିଜକୁ ଶାସକ ନୁହେଁ, ବରଂ ୧୪୦ କୋଟି ଜନସାଧାରଣଙ୍କ ‘ପ୍ରଧାନ ସେବକ’ ଭାବେ ସମର୍ପିତ କରିଛନ୍ତି। ନିରବଚ୍ଛିନ୍ନ ସେବା ମାଧ୍ୟମରେ ସେ ଭାରତକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ନିର୍ଣ୍ଣାୟକ ରାଷ୍ଟ୍ରରେ ପରିଣତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ‘ଜନସେବା ହିଁ ମାନବ ସେବା, ଏବଂ ମାନବ ସେବା ହିଁ ମାଧବ ସେବା’ ଚିନ୍ତାଧାରାକୁ ପାଥେୟ କରି କାର୍ଯ୍ୟକାରୀ ହେଉଥିବା ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ସ୍ୱଚ୍ଛ ଭାରତ ଭଳି ପ୍ରମୁଖ ଯୋଜନାଗୁଡ଼ିକ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ‘କେଜିରୁ ପିଜି’, ‘ଆୟୁଷ୍ମାନ ଭାରତ’ ଓ ‘ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା’, ‘ସୁଭଦ୍ରା ଯୋଜନା’, ‘ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା’, ‘ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା’, ‘ପ୍ରଧାନମନ୍ତ୍ରୀ ଆବାସ ଯୋଜନା’ ଓ ‘ଅନ୍ତ୍ୟୋଦୟ ଗୃହ ଯୋଜନା’, ‘ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା’, ‘ପିଏମ୍-କିଷାନ’ ଓ ‘ସିଏମ୍-କିଷାନ’ ଭଳି ପ୍ରମୁଖ ଯୋଜନାଗୁଡ଼ିକର ସଫଳତା ବଖାଣିଥିଲେ।

ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ରାଷ୍ଟ୍ର ନିର୍ମାଣ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବା, ସୁଶାସନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାଠାରୁ ଆରମ୍ଭ କରି ଦେଶର ପ୍ରଧାନମନ୍ତ୍ରୀ ଭାବେ ଜନସେବା କରିବା ପର୍ଯ୍ୟନ୍ତ-ଶାସନ ମୁଖ୍ୟ ଭାବେ ତାଙ୍କର ୨୫ ବର୍ଷର ସଫଳ ଓ ନିରବଚ୍ଛିନ୍ନ ଯାତ୍ରା ଭାରତର ବିକାଶ ଇତିହାସରେ ନୂତନ ଯୁଗର ସୂତ୍ରପାତ କରିଛି।

କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦେବ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜିଲ୍ଲା ପ୍ରଭାରୀ ପବିତ୍ର ଦାଶ, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବିମ୍ବାଧର କୁଅଁର, ସାଂସଦ ପ୍ରଦୀପ ପାଣିଗ୍ରାହୀ, ବିଧାୟକ ବାବୁ ସିଂ, ଜିଲ୍ଲା ପ୍ରଭାରୀ ସରୋଜ କର, ଅରବିନ୍ଦ ଢାଲି ଓ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ସଙ୍ଗୀତା ଦାଶ ଓ ରଶ୍ମୀ ମହାପାତ୍ର ଓ ରତିକାନ୍ତ ଦାଶ ଉପସ୍ଥିତ ଥିଲେ।

● ଇଣ୍ଡି ମେଣ୍ଟ ପଦଯାତ୍ରାରେ ବିଜେଡି

## ଭର୍ତ୍ତୃହରିଙ୍କ କଟାକ୍ଷ, ଜବାବ ଦେଲେ ସଂତୃପ୍ତ



ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସରଗରମ ହୋଇଥିବା ଜାତୀୟ ରାଜନୀତିର ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ଜ୍ଞାନେଶଙ୍କ ଇସ୍ତଫା ହେଉ କି ଏମ୍‌ଏମ୍‌ଡିଆର୍ ବିଧେୟକ ସଂଶୋଧନ ହେଉ, ଏହାକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଥିଲା ଇଣ୍ଡି ମେଣ୍ଟ। ଇଣ୍ଡି ମେଣ୍ଟର ଆନ୍ଦୋଳନରେ ନିଜକୁ ସାମିଲ୍ କରିଛି ବିଜେଡି। ଗତକାଲି ଦିଲ୍ଲୀ ପଦଯାତ୍ରାରେ ବିଜେଡିର ସାମିଲ୍‌କୁ ନେଇ ମୁହାଁମୁହିଁ ହୋଇଛନ୍ତି କଟକର ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଓ ବିଜେଡିର ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର।

ଦିଲ୍ଲୀରେ ଇଣ୍ଡି ମେଣ୍ଟ ମାର୍ଚ୍ଚରେ ବିଜେଡି ଯୋଗ ଦେବା ପ୍ରସଙ୍ଗରେ ପ୍ରଥମେ ପ୍ରତିକ୍ରିୟା ଦେଇ ବିଜେଡିକୁ ସମାଲୋଚନା କରିବା ସହ କଟାକ୍ଷ କରିଥିଲେ ଭର୍ତ୍ତୃହରି। ସେ କହିଥିଲେ ଯେ ଇଣ୍ଡି ମେଣ୍ଟକୁ ସମର୍ଥନ ଦେବା ବିଜେଡିର ହତାଶାପଣକୁ ଦର୍ଶାଉଛି। ୨୪ ବର୍ଷ ଧରି ଶାସନରେ ଥିବା ଏହି ଦଳ ଇଣ୍ଡି ମେଣ୍ଟର ମାର୍ଚ୍ଚରେ ଯୋଗ ଦେଉଛି।

ଭର୍ତ୍ତୃହରିଙ୍କ କଟାକ୍ଷର ଜବାବ ଦେଇଛନ୍ତି ସାଂସଦ ଶ୍ରୀ ମିଶ୍ର। ସେ କହିଛନ୍ତି ଯେ ବିଜେଡି ହତାଶ ହୋଇନି। ଦଳ ଜନତାଙ୍କ ପ୍ରସଙ୍ଗକୁ ନେଇ ଇଣ୍ଡି ମେଣ୍ଟକୁ ସମର୍ଥନ ଦେଇଛି। ବିଜେଡି ନୁହେଁ, ବରଂ ଭର୍ତ୍ତୃହରି ନିଜେ ହତାଶ ହୋଇ ଦଳ ବଦଳାଇଥିଲେ। ଆମେ ସମ୍ବିଧାନ ସୁରକ୍ଷା ଓ ନାଗରିକ ଅଧିକାର ପାଇଁ ଲଢ଼େଇ କରୁଛୁ। ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗ ଓ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ହେଉଛି ଜନତାଙ୍କ ହିତ ପ୍ରସଙ୍ଗ। ସୂଚନାଯୋଗ୍ୟ ଯେ ଜ୍ଞାନେଶ କୁମାରଙ୍କ ମନମୁଖୀ କାର୍ଯ୍ୟ ଓ ତାଙ୍କ ଇସ୍ତଫା ଦାବିରେ ଗତକାଲି ଇଣ୍ଡି ମେଣ୍ଟ ପଦଯାତ୍ରାକୁ ସମର୍ଥନ ଦେଇଥିଲା ବିଜେଡି।

## ସିସିଟିଭି ଟେଣ୍ଡରରେ ଓକାକ୍ କରିଛି ମହାଦୁର୍ନୀତି

■ ଅଭିଯୋଗ ଆଣିଲା କଳିଙ୍ଗ ସେନା
■ ନିର୍ଦ୍ଦିଷ୍ଟ ସଂସ୍ଥା ପାଇଁ ଟେଣ୍ଡର ଦର ଦୁଇ ଗୁଣ
■ ଦୁଇ ବିଭାଗର ଅଧିକାରୀ ସାମିଲ



ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ): ରାଜ୍ୟର ୪ଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ବାଣୀ ବିହାର, ରମାଦେବୀ, ମାଣିକେଶ୍ୱରୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସିସିଟିଭି ଲଗାଇବା ପାଇଁ ଟେଣ୍ଡର ଜାରି କରିଥିଲା, ସେଥିରେ ବଡ଼ ଧରଣର ଦୁର୍ନୀତି ହୋଇଛି। ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ଦେବା ପାଇଁ ଶେଷ ମୁହୂର୍ତ୍ତରେ ଡେସିୟନ ସଂଶୋଧନ ସହ ଟେଣ୍ଡରେ ଦରକୁ ପାଖାପାଖି ଦୁଇ ଗୁଣ କରିଦିଆଯାଇଥିବାର ଅଭିଯୋଗ କରିଛି କଳିଙ୍ଗ ସେନା। ଆଜି ଏଠାରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି ଯେ ରାଜ୍ୟର ୪ ବିଶ୍ୱବିଦ୍ୟାଳୟରେ ସିସିଟିଭି ଲଗାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିବା ପରେ ଏହି କାର୍ଯ୍ୟ ଆଇଟି ବିଭାଗ ଅଧୀନରେ ଥିବା ଓକାକ୍‌କୁ ଦିଆଯାଇଥିଲା। ୪ ଶିକ୍ଷାନୁଷ୍ଠାନରେ ପ୍ରାୟ ୨୪ କୋଟି ଟଙ୍କା ବ୍ୟୟରେ ସିସିଟିଭି ଲଗାଇବା ପାଇଁ ଟେଣ୍ଡର ହୋଇଥିଲା। ଅତି ଚତୁରତାର ସହ ଟେଣ୍ଡରେ ସର୍ତ୍ତାବଳୀରେ ପରିବର୍ତ୍ତନ ଓ ଦର ନିର୍ଦ୍ଧାରଣ କ୍ଷମତା କର୍ତ୍ତୃପକ୍ଷ ନିଜ ପାଖରେ ରଖିଥିଲେ। ଦୁର୍ନୀତି କରିବାକୁ ଜାଣିଶୁଣି ଏଭଳି ଗୋଳମାଳ ରଖାଯାଇଥିଲା ବୋଲି ଶ୍ରୀ ରଥ କହିଛନ୍ତି।

## ରଘୁନାଥଜୀଉ କଲେଜ ମୁଖ୍ୟ ଫାଟକ ଉଦ୍‌ଘାଟିତ



କଟକ,୭।୧୦(ସଂଚାର ବ୍ୟୁରୋ): ରଘୁନାଥଜୀଉ ମହାବିଦ୍ୟାଳୟର ନୂତନ ମୁଖ୍ୟ ଫାଟକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ। କଲେଜ ପରିସରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି କଲେଜ କର୍ତ୍ତୃପକ୍ଷ ତଥା ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହି କାର୍ଯ୍ୟ ପାଇଁ ବିଧାୟିକାଙ୍କୁ ଅନୁରୋଧ କରାଯାଇଥିଲା। ଅନୁରୋଧ ରକ୍ଷା କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଇ ସମୟ ଭିତରେ ଶେଷ କରାଇଥିଲେ। ବିଧାୟିକା ସୋଫିଆ ମୁଖ୍ୟ ଫାଟକକୁ ଲୋକାର୍ପିତ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ବିଧାୟିକା କହିଥିଲେ ଯେ ଛାତ୍ରଛାତ୍ରୀମାନେ ହିଁ ଦେଶ ଓ ସମାଜର ଭବିଷ୍ୟତ। ଏକ ଉନ୍ନତ ଓ ଶୃଙ୍ଖଳିତ ଶିକ୍ଷା ପରିବେଶ ସୃଷ୍ଟି କରିବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ଏବଂ ସୁରକ୍ଷା ପାଇଁ ସମସ୍ତ ପ୍ରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ। ବିଧାୟିକାଙ୍କ ଏହି ତ୍ୱରିତ ପଦକ୍ଷେପ ଓ ଆନ୍ତରିକ ସହଯୋଗ ପାଇଁ କଲେଜ କର୍ତ୍ତୃପକ୍ଷ, କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

■ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ଦାବି

## ୧୯୦ ଦିନରେ ସଚେତନତା ପଦଯାତ୍ରା



ପୁରୀ,୭।୧୦(ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁବିଧାଜନକ ଦର୍ଶନ ପାଇଁ ଏକ ସ୍ଥାୟୀ ଓ ସମ୍ମାନଜନକ ବ୍ୟବସ୍ଥା ଦାବିରେ ଗତ ୧ ଏପ୍ରିଲ ଉତ୍କଳ ଦିବସରୁ ଆରମ୍ଭ ହୋଇଥିବା ସଚେତନତା ପଦଯାତ୍ରା ଆଜି ୧୯୦ ଦିନରେ ପହଞ୍ଚିଛି। ଶ୍ରୀଗୁଣ୍ଡିଚା ମନ୍ଦିରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପରବର୍ତ୍ତୀ ସମୟରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଜାରି ରହିଛି। ୧୯୦ତମ ଦିନରେ ମଧ୍ୟ ପଦଯାତ୍ରୀମାନେ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି ନିଜ ଦାବି ଦୋହରାଇଥିଲେ। ସିଂହଦ୍ୱାର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରି ସତ୍ୟାଗ୍ରହୀମାନେ ମହାପ୍ରଭୁଙ୍କ ନିକଟରେ ନିଜ ଦୁଃଖ ଓ ଦାବି ଜଣାଇ ଆକୁଳ ଗୁହାରି କରିଥିଲେ। ପଦଯାତ୍ରୀ ସତ୍ୟାଗ୍ରହୀମାନେ କହିଛନ୍ତି ଯେ ଦୀର୍ଘ ୧୯୦ ଦିନ ଧରି ଅହିଂସା ଓ ଗଣତାନ୍ତ୍ରିକ ପଦ୍ଧତିରେ ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇନାହିଁ। ପୁରୀବାସୀ କୌଣସି ବିଶେଷ ସୁବିଧା ନୁହେଁ, ବରଂ ନିଜ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଏକ ସୁବ୍ୟବସ୍ଥିତ, ସହଜ ଓ ସମ୍ମାନଜନକ ବ୍ୟବସ୍ଥା ଚାହୁଁଛନ୍ତି। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ ଆମର ଆନ୍ଦୋଳନ ଅହିଂସା, ଧୈର୍ଯ୍ୟ ଓ ସତ୍ୟାଗ୍ରହର ମାର୍ଗରେ ଚାଲିଛି। ୧୯୦ ଦିନ ପରେ ମଧ୍ୟ ଆମ ସଂକଳ୍ପ ସେହିପରି ଦୃଢ଼ ରହିଛି। ମହାପ୍ରଭୁଙ୍କ ନିକଟରେ ଗୁହାରି କରିବା ସହ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏହି ଦାବିର ଗୁରୁତ୍ୱ ବୁଝି ଶୀଘ୍ର ସ୍ଥାୟୀ ସମାଧାନ କରନ୍ତୁ। ସ୍ଥାୟୀ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ଆମର ଅହିଂସାମୂଳକ ଗଣତାନ୍ତ୍ରିକ ପ୍ରୟାସ ଜାରି ରହିବ।

## ନିଶାମୁକ୍ତ ଅଭିଯାନ ପାଇଁ ସ୍ୱତନ୍ତ୍ର ଚଢ଼ାଉ



ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନସ୍ଥ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଦ୍ୱାରା ପୁଲିସ ଅଧିକାରୀଙ୍କ ସହଯୋଗରେ ଗତ ୧ରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ନିଶାମୁକ୍ତ ଅଭିଯାନ ଚାଲୁ ରହିଛି। ଏହି ଅଭିଯାନରେ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଓ ଡ୍ରଗ୍ସ ଇନ୍ସପେକ୍ଟରମାନଙ୍କ ଦ୍ୱାରା ସମଗ୍ର ରାଜ୍ୟର ବିଭିନ୍ନ ହୋଲସେଲ ଓ ଖୁଚୁରା ଔଷଧ ବିକ୍ରୟ ପ୍ରତିଷ୍ଠାନରେ ବ୍ୟାପକ ଚଢ଼ାଉ କରାଯାଉଛି। ଚଢ଼ାଉ ସମୟରେ ଆଲ୍ପ୍ରାଜୋଲାମ୍, ନାଇଟ୍ରାଜେପାମ୍, ପେଣ୍ଟାଜୋସିନ୍, ଟ୍ରାମାଡୋଲ୍ ଇତ୍ୟାଦି ସାଇକୋଟ୍ରୋପିକ୍ ଔଷଧର କ୍ରୟ ଓ ପଞ୍ଜୀକୃତ ଚିକିତ୍ସକଙ୍କ ବୈଧ ପ୍ରେସକ୍ରିପ୍ସନ୍ ଆଧାରରେ ଏହାର ବିକ୍ରୟ କରାଯାଉଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ ୨୨୦ଟି ପ୍ରତିଷ୍ଠାନରେ ଚଢ଼ାଉ କରାଯାଇଛି। ଏଥିମଧ୍ୟରୁ ୧୩୭ଟି ପ୍ରତିଷ୍ଠାନ ବିରୋଧରେ ଡ୍ରଗ୍ସ ଆଣ୍ଡ କସ୍ମେଟିକ୍ସ ଆଇନ, ୧୯୪୦ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀର ଉଲ୍ଲଂଘନ ନେଇ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଥିବା ଏକ ଚଢ଼ାଉ ସମୟରେ ୧୧୦୦ ଆମ୍ପୁଲ୍ ପେଣ୍ଟାଜୋସିନ୍ ଇଞ୍ଜେକ୍ସନ୍ ସମେତ ଅନ୍ୟାନ୍ୟ ଔଷଧ ଓ ମେଡିକାଲ୍ ଡିଭାଇସ୍ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୯ ଲକ୍ଷ ୭୦ ହଜାର ଟଙ୍କା। ସେହିପରି, ପୁରୀ ଜିଲ୍ଲାର ଅସ୍ତରଙ୍ଗ ଥାନା, ନୂଆପଡ଼ା ଜିଲ୍ଲାର ଜୋଙ୍କ ଥାନା ଓ ଦେବଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲାଇସେନ୍ସବିହୀନ ପ୍ରତିଷ୍ଠାନରୁ ପ୍ରାୟ ୧ ଲକ୍ଷ ୯୨ ହଜାର ୦୦୦ ଟଙ୍କା ମୂଲ୍ୟର ଔଷଧ ଜବତ କରାଯାଇଛି। ଏହି ଘଟଣାଗୁଡ଼ିକରେ ଦୋଷୀ ବ୍ୟକ୍ତିମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

## ବନ୍ଦ୍‌ରୁ ଦୂରରେ ରହିବ କଟକ ମାଲଗୋଦାମ



କଟକ, ୭।୧୦(ସଂଚାର ବ୍ୟୁରୋ): କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ପକ୍ଷରୁ ଗୁରୁବାର ଦିଆଯାଇଥିବା ‘ଓଡ଼ିଶା ବନ୍ଦ’ ଡାକରେ ସାମିଲ ହେବ ନାହିଁ କଟକ ମାଲଗୋଦାମ ବ୍ୟବସାୟୀ ସଂଘ। ହଠାତ୍ ବନ୍ଦ ଡାକରାରେ ସାମିଲ ହୋଇ ବ୍ୟବସାୟିକ କାରବାର ବନ୍ଦ କରିବା ସଂଘ ପକ୍ଷରେ ସମ୍ଭବ ନୁହେଁ ବୋଲି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ ସ୍ପଷ୍ଟ କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, କୌଣସି ରାଜନୈତିକ ଦଳ କିମ୍ବା ସଂଗଠନ ଓଡ଼ିଶା ବନ୍ଦ କିମ୍ବା ଭାରତ ବନ୍ଦ ଡାକରା ଦେଲେ, ମାଲଗୋଦାମ ବ୍ୟବସାୟୀ ସଂଘ ନିକଟରେ ପ୍ରଥମେ ଲିଖିତ ଭାବେ ଅନୁରୋଧ କରାଯାଇଥାଏ। ଏହା ପରେ ସଂଘ ଓ ଏହା ସହ ଜଡ଼ିତ ବିଭିନ୍ନ ବ୍ୟବସାୟିକ ଓ ଶ୍ରମିକ ସଂଗଠନ ସହ ଆଲୋଚନା କରାଯାଇ ସାମୂହିକ ଭାବେ ନିଷ୍ପତ୍ତି ନିଆଯାଏ। ଚଳିତ ବନ୍ଦ ପାଇଁ ସେଭଳି ପ୍ରକ୍ରିୟା ହୋଇନଥିବାରୁ ସଂଘ ବନ୍ଦରେ ସାମିଲ ହେଉନାହିଁ। ମାଲଗୋଦାମ ବ୍ୟବସାୟୀ ସଂଘ ସହ କଟକ ଚାମ୍ବର ଅଫ୍ କମର୍ସ, ରାଇସ୍ ମର୍ଚାଣ୍ଟ ଆସୋସିଏସନ୍, ରିଟେଲ୍ ଡିଲର୍ସ ଆସୋସିଏସନ୍, ଲେବର ଆସୋସିଏସନ୍ ଏବଂ ଟ୍ରକ୍-ଲରୀ ଆସୋସିଏସନ୍ ସମେତ ଅନ୍ୟାନ୍ୟ ସଂଗଠନ ଜଡ଼ିତ ଅଛନ୍ତି।

■ ଚୌଦ୍ୱାର ଜେଲ୍ କଏଦୀ ଫେରାର ମାମଲା

## ନିୟମିତ ଜାମିନ୍ ପାଇଁ ହାଇକୋର୍ଟରେ ସୁଜିତ ରାଉଳ

କଟକ,୭।୧୦ (ସଂଚାର ବ୍ୟୁରୋ): ଚୌଦ୍ୱାର ମଣ୍ଡଳ କାରାଗାରରୁ ଦୁଇ ବିଚାରାଧୀନ କଏଦୀ ଫେରାର ଘଟଣାରେ ନୂଆ ମୋଡ଼ ଆସିଛି। ଏହି ମାମଲାରେ ଗିରଫ ହୋଇ ଜେଲ୍ କଷ୍ଟୋଡିରେ ଥିବା ଚୌଦ୍ୱାର ଜେଲ୍‌ର ପୂର୍ବତନ ଅଧୀକ୍ଷକ ସୁଜିତ ରାଉଳ ନିୟମିତ ଜାମିନ ପାଇଁ ଓଡ଼ିଶା ହାଇକୋର୍ଟରେ ଆବେଦନ କରିଛନ୍ତି। ତଳ କୋର୍ଟରୁ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟର ଆଶ୍ରୟ ନେଇଛନ୍ତି। ଦୁଇ କଏଦୀ ଜେଲ୍‌ରୁ ଫେରାର ହେବା ଘଟଣାର ତଦନ୍ତ ବେଳେ ଜେଲ୍‌ର ଅଫିସିଆଲ୍ ରେକର୍ଡ ଓ ମିନିଟ୍ ବୁକ୍‌ରେ ଜାଲିଆତି ହୋଇଥିବା ତଥ୍ୟ ସାମ୍ନାକୁ ଆସିଥିଲା। ସେତେବେଳେ ଜେଲ୍‌ର ଦାୟିତ୍ୱରେ ଥିବା ସୁଜିତ ରାଉଳ କଏଦୀଙ୍କୁ ଫେରାର କରାଇବାରେ ସହଯୋଗ କରିବା ଉଦ୍ଦେଶ୍ୟରେ ରେକର୍ଡରେ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ପୁଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଗିରଫ ପୂର୍ବରୁ ସୁଜିତ ରାଉଳ ପୁଲିସ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ପାଇଁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିଥିଲେ। ଏହାପରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରିଥିଲା। ପରେ ନିମ୍ନ ଅଦାଲତରେ ମଧ୍ୟ ଜାମିନ ପାଇଁ ଆବେଦନ କରିଥିଲେ ସୁଜିତ ରାଉଳ। ତେବେ ସେଠାରେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ନିମ୍ନ ଅଦାଲତ ଜାମିନ ଆବେଦନ ଖାରଜ କରିବା ପରେ ଏବେ ସେ ନିୟମିତ ଜାମିନ ପାଇଁ ହାଇକୋର୍ଟକୁ ଯାଇଛନ୍ତି। ଏପଟେ ଗିରଫ ପରଠାରୁ ଜେଲ୍ କଷ୍ଟଡିରେ ଥିବା ସୁଜିତ ରାଉଳଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ବର୍ତ୍ତମାନ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସାଧୀନ ଅଛନ୍ତି। ହାଇକୋର୍ଟରେ ଦାଖଲ ହୋଇଥିବା ନିୟମିତ ଜାମିନ ଆବେଦନର ଶୁଣାଣି ଆଗାମୀ ଦିନରେ ହେବ।

## ହଜିଯାଉଥିବା ଓଡ଼ିଆ ଖାଦ୍ୟକୁ ନେଇ ଜାତୀୟସ୍ତରୀୟ ରୋଷେଇ ପ୍ରତିଯୋଗିତା



ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ଧୀରେ ଧୀରେ ହଜିଯାଉଥିବା ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ନେଇ ଜାତୀୟସ୍ତରୀୟ ରୋଷେଇ ପ୍ରତିଯୋଗିତା ‘କହିଁ ଗୁମ୍ ନ ହୋ ଯାଏ- ସିଜନ-୯’ ଅନୁଷ୍ଠିତ ହୋଇଛି। ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରୁ ୪୫ ଜଣ ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ ପର୍ଯ୍ୟାୟରେ ଭାଗ ନେଇଥିଲେ। ପ୍ରତିଯୋଗୀମାନେ ନିଜ ନିଜ ଅଞ୍ଚଳର ପାରମ୍ପରିକ ଓ ଧୀରେ ଧୀରେ ହଜିଯାଉଥିବା ଖାଦ୍ୟକୁ ନୂଆ ଚିନ୍ତାଧାରା ସହ ସୁନ୍ଦର ଭାବେ ପ୍ରସ୍ତୁତ ଓ ପରିବେଷଣ କରିଥିଲେ। ଚଳିତ ପ୍ରତିଯୋଗିତାର ଥିମ୍ ଥିଲା ‘ମାଇଁ ଷ୍ଟେଟ ଇନ ମାଇଁ ପ୍ଲେଟ’। ଏହି ଥିମ୍ ମାଧ୍ୟମରେ ପ୍ରତିଯୋଗୀମାନେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସହିତ ଭାରତର ବିଭିନ୍ନ ଅଞ୍ଚଳର ପାରମ୍ପରିକ ଖାଦ୍ୟକୁ ମଧ୍ୟ ନିଆରା ଢଙ୍ଗରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମଟି ରାଜ୍ୟ ସଂଯୋଜିକା ସଙ୍ଗୀତା ଦାସ, ଫାଉଣ୍ଡର୍, ସଙ୍ଗୀତା ଡ୍ରିମ୍ ଫୁଡ୍ସଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ଅନୁଷ୍ଠିତ ହୋଇଛି।

ବିଚାର ଓ ଜାତୀୟ ପର୍ଯ୍ୟାୟ ପାଇଁ ଚୟନ ପ୍ରତିଯୋଗିତାରେ ଅଭିଜ୍ଞ ବିଚାରକମଣ୍ଡଳୀଙ୍କ ଦ୍ୱାରା ଖାଦ୍ୟର ସ୍ୱାଦ, ପାରମ୍ପରିକତା, ଉପସ୍ଥାପନା, ସୃଜନଶୀଳତା ଓ ଥିମ୍‌ର ଉପଯୋଗ ଆଦି ବିଭିନ୍ନ ଦିଗକୁ ଆଧାର କରି ବିଚାର କରାଯାଇଥିଲା। ବିଚାର ପରେ ଶ୍ରେଷ୍ଠ ତିନି ଜଣ ପ୍ରତିଯୋଗୀଙ୍କୁ ଜାତୀୟସ୍ତରୀୟ ପର୍ଯ୍ୟାୟ ପାଇଁ ଚୟନ କରାଯାଇଛି। ସେମାନେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ପର୍ଯ୍ୟାୟରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ।

## ବେଦକ୍ଷତା: ଗ୍ରାମାଞ୍ଚଳ ଯୁବକଙ୍କ ପାଇଁ ଜୀବିକା ନିର୍ବାହର ମାର୍ଗ ସୃଷ୍ଟି କରୁଛି



ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳର ଯୁବକଙ୍କର ଏକ ଉତ୍ତମ ଭବିଷ୍ୟତ ସଠିକ୍ ସୁଯୋଗ ପାଇବା ଉପରେ ନିର୍ଭର କରେ। ଉଚ୍ଚାକାଂକ୍ଷା ଓ ଦୃଢ଼ ସଂକଳ୍ପ ପ୍ରଚୁର ଥିବା ବେଳେ ଅର୍ଥପୂର୍ଣ୍ଣ ନିଯୁକ୍ତି ପାଇଁ ମାର୍ଗ ବେଳେବେଳେ ଅପହଞ୍ଚ ହୋଇଥାଏ। ବେଦାନ୍ତ ଆଲୁମିନିୟମ ଏହାର ଦକ୍ଷତା ବିକାଶ ପଦକ୍ଷେପ ‘ବେଦକ୍ଷତା’ ଜରିଆରେ ଏହି ଆବଶ୍ୟକତାକୁ ସମ୍ବୋଧିତ କରିବା ଲକ୍ଷ୍ୟରେ ଏହାର ଆଖପାଖ ସମ୍ପ୍ରଦାୟର ଯୁବକଯୁବତୀମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ ଦକ୍ଷତା, ପରିଦର୍ଶନ ଓ ସୁଯୋଗ ସହ ସଜ୍ଜିତ କରିବାରେ ସାହାଯ୍ୟ କରୁଛି, ଯାହା ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ କରିପାରିବ।

ସୋସିଓ-ଇକୋନୋମିକ୍ ଆଣ୍ଡ ଏଜୁକେସନାଲ୍ ଡେଭେଲପମେଣ୍ଟ ସୋସାଇଟି (ଏସ୍‌ଇଇଡିଏସ୍)ର ସହଭାଗିତାରେ କାର୍ଯ୍ୟକାରୀ ହୋଇଥିବା ବେଦକ୍ଷତା ଅଂଶଗ୍ରହଣକାରୀଙ୍କୁ ମୋବାଇଲ୍ ମରାମତି, ସିଲେଇ ମେସିନ୍ ଅପରେସନ୍, ଖାଦ୍ୟ ଓ ପାନୀୟ ସେବା, ବୈଦ୍ୟୁତିକ ମରାମତି ପରି ବ୍ୟବସାୟରେ ତାଲିମ ସହ ସଜ୍ଜିତ କରେ। ବ୍ୟବସାୟଭିତ୍ତିକ ତାଲିମ ବ୍ୟତୀତ ବେଦକ୍ଷତା ଅଂଶଗ୍ରହଣକାରୀଙ୍କୁ ଆତ୍ମବିଶ୍ୱାସ, ଯୋଗାଯୋଗ ଦକ୍ଷତା ଓ କାର୍ଯ୍ୟସ୍ଥଳୀ ପ୍ରସ୍ତୁତି ବିକଶିତ କରିବାରେ ସାହାଯ୍ୟ କରିଥାଏ, ଯାହା ସେମାନଙ୍କୁ ବୃତ୍ତିଗତ ପରିବେଶରେ ଗତି କରିବାକୁ ଓ ଦୀର୍ଘକାଳୀନ ଜୀବିକା ସୁଯୋଗ ଖୋଜିବାରେ ସକ୍ଷମ କରିଥାଏ।

ନିଜର ଅଭିଜ୍ଞତା ଦର୍ଶାଇ ଗୋମତୀ ମହାକୁଲ ଯିଏକି ବେଦକ୍ଷତା ଅଧୀନରେ ସିଲାଇ ମେସିନ୍ ଅପରେଟର ତାଲିମ ସମାପ୍ତ କରିଛନ୍ତି ଓ ବର୍ତ୍ତମାନ ଶାହି ଏକ୍ସପୋର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରରେ କାର୍ଯ୍ୟରତ ଅଛନ୍ତି। ସେ କହିଛନ୍ତି ଯେ ବେଦକ୍ଷତା ମୋତେ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସ ରଖିବା ଓ ନିଯୁକ୍ତି ପାଇବା ପାଇଁ ଆତ୍ମବିଶ୍ୱାସ ଦେଇଥିଲା। ମୋର ପ୍ରଥମ ଚାକିରି ପାଇବା ମୋ ପାଇଁ ଏବଂ ମୋ ପରିବାର ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା ଏବଂ ଏହା ମୋତେ ମୋର ଭବିଷ୍ୟତ ବିଷୟରେ ଅଧିକ ସ୍ୱାଧୀନ ଓ ଆଶାବାଦୀ ହେବାରେ ସାହାଯ୍ୟ କରିଛି। ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ତାଲିମ ସଫଳତାର ସହ ଶେଷ କରି ହାଇଦ୍ରାବାଦର ନିଜା ମ୍ୟାନ୍ ପାୱାର ସର୍ଭିସ୍ ସହ ନିଯୁକ୍ତି ପାଇବା ପରେ ସଲିମ୍ ଟୁଫୁନ କହିଛନ୍ତି ଯେ ଏକ ବୈଷୟିକ ବ୍ୟବସାୟ ଶିଖିବା ମୋତେ ମୋର ଭବିଷ୍ୟତ ପାଇଁ ଏକ ସ୍ପଷ୍ଟ ଦିଗ ଦେଇଥିଲା। ପ୍ରାକ୍ଟିକାଲ ଏକ୍ସପୋଜର ଅଭିଜ୍ଞତା ମୋତେ କାର୍ଯ୍ୟସ୍ଥଳୀ ପାଇଁ ପ୍ରାସଙ୍ଗିକ ଦକ୍ଷତା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା ଏବଂ ମୋତେ ନିଜକୁ ସମର୍ଥନ କରିବା ଓ ମୋ ପରିବାରର ଆକାଂକ୍ଷାରେ ଯୋଗଦାନ କରିବାର ଆତ୍ମବିଶ୍ୱାସ ମଧ୍ୟ ଦେଇଥିଲା।

# ଆଇଟିଇଆର୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରାଜୁଏସନ୍ ଦିବସ ଆୟୋଜିତ




ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ବିଭିନ୍ନ ବିଭାଗରେ ୨୦୨୬ରେ ଶିକ୍ଷା ସମାପ୍ତ କରିଥିବା ବି.ଟେକ୍, ଏମ୍.ଟେକ୍, ବିସିଏ, ଏମ୍‌ସିଏ ଓ ଏମ୍‌ଏସ୍‌ସି ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଗ୍ରାଜୁଏସନ୍ ଦିବସ ୨୦୨୬ରେ ଡିଗ୍ରୀ ପ୍ରଦାନ କରାଯାଇଛି। ଗତ ସୋମବାର ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନ ଆଇଟିଇଆରର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସିଏସ୍‌ଇ) ବିଭାଗର ୨୦୨୨-୨୬ ଶିକ୍ଷା ବର୍ଷର ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ସିଭିଲ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇନ୍‌ଫର୍ମେସନ୍ ଟେକ୍ନୋଲଜି, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଡାଟା ସାଇନ୍ସ), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସାଇବର ସିକ୍ୟୁରିଟି), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଆଣ୍ଡ ମେସିନ୍ ଲର୍ଣ୍ଣିଂ) ଓ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଇଣ୍ଟରନେଟ ଅଫ୍ ଥିଙ୍ଗ୍‌ସ)। ସେହିପରି ସ୍ନାତକୋତ୍ତର ପାଠ୍ୟକ୍ରମରେ ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ଷ୍ଟ୍ରକ୍‌ଚରାଲ ଇଞ୍ଜିନିୟରିଂ, ପାୱାର ସିଷ୍ଟମ୍ସ ଆଣ୍ଡ ପାୱାର ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ (କମ୍ୟୁନିକେସନ୍ ସିଷ୍ଟମ୍ ଇଞ୍ଜିନିୟରିଂ) ଏବଂ ହିଟ୍ ପାୱାର ଆଣ୍ଡ ଥର୍ମାଲ ଇଞ୍ଜିନିୟରିଂ ଅଧ୍ୟୟନ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଡିଗ୍ରୀ ପ୍ରଦାନ କରାଯାଇଛି।

ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନର ପ୍ରଥମ ପର୍ଯ୍ୟାୟରେ ବୋଷ୍ଟନ୍ କନ୍‌ସଲ୍‌ଟିଂ ଗ୍ରୁପ୍ (ବିସିଜି)ର ପ୍ରୋଗ୍ରାମ୍ ଡାଇରେକ୍ଟର ଅମିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜ୍ଞାନସିସ୍‌ର ଏଚଆର୍ ଭାଇସ୍ ପ୍ରେସିଡେଣ୍ଟ ଶାଶ୍ୱତି ପାଣ୍ଡବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ ଶପଥ ପାଠ କରାଇଥିଲେ। ଆଇଟିଇଆର୍ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରି ଏହାର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ ଗବେଷଣାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଆଇଟିଇଆର୍‌ର ଆଡିସନାଲ୍ ଡିନ୍ (ଷ୍ଟୁଡେଣ୍ଟ୍ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ଓ ଦ୍ୱିତୀୟ ପର୍ଯ୍ୟାୟରେ ଆଇଟିଇଆର୍‌ର ଆଡିସନାଲ୍ ଡିନ୍ (ଏକାଡେମିକ୍) ପ୍ରଫେସର ଧୀରେନ୍ଦ୍ର ନାଥ ଥାଟୋଇ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମ ଦିନରେ ସୋଆ ଉପକୁଳପତି ପ୍ରଫେସର ପିକେ ପାତ୍ର, କଣ୍ଟ୍ରୋଲର୍ ଅଫ୍ ଏକ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଲା ଦାସ ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ଟିସିଏସ୍ ସେଣ୍ଟର ହେଡ୍ ବିଭୁ ପଣ୍ଡା ଓ ଦ୍ୱିତୀୟ ପର୍ଯ୍ୟାୟରେ ଡିଏଲଏଟ ଓଡ଼ିଶାସ୍ଥିତ ଭୁବନେଶ୍ୱର ଶାଖାର ଇଞ୍ଜିନିୟରିଂ ଏଆଇ ଆଣ୍ଡ ଡାଟା ଡାଇରେକ୍ଟର ବିକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୮ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Thursday 8 October 2026, Bhubaneswar

# ଅଢେଇ ଦଶନ୍ଧୀର ମୋଦି

୨୦୦୧ ମସିହାର ଅକ୍ଟୋବର ୭ ତାରିଖରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ନରେନ୍ଦ୍ର ମୋଦୀ ଯେଉଁ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ, ଆଜି ତାହା ପୂର୍ଣ୍ଣ ପଚିଶ ବର୍ଷ ପୂରଣ କରିଛି। ଏହି ଦୀର୍ଘ ସମୟରେ ସେ କେବଳ ରାଜ୍ୟ ସ୍ତରରୁ ଜାତୀୟ ସ୍ତରକୁ ଉତ୍‌ଥିତ ହୋଇନାହାନ୍ତି, ବରଂ ଭାରତୀୟ ରାଜନୀତିର ଗତିପଥକୁ ବଦଳାଇ ଦେଇଛନ୍ତି। ଏହି ଯାତ୍ରାରେ ଉତ୍‌ଥାନ ଓ ପତନ ଉଭୟ ରହିଛି। ତଥାପି ରାଜନୈତିକ ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଯେ, ସେ ପ୍ରତିଟି ସଙ୍କଟକୁ ନିଜର ରାଜନୈତିକ ପୁଞ୍ଜିରେ ପରିଣତ କରିବାରେ ସଫଳ ହୋଇଛନ୍ତି।




୨୦୦୧ରେ କେଶୁଭାଇ ପଟେଲଙ୍କ ସ୍ଥାନରେ ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ସେତେବେଳେ ଭୁଜ ଭୂମିକମ୍ପର ପରିଣାମ ଓ ରାଜ୍ୟର ପ୍ରଶାସନିକ ଦୁର୍ବଳତା ଦେଖାଯାଉଥିଲା। କିଛି ମାସ ପରେ ୨୦୦୨ ଗୋଧରା ଘଟଣା ଓ ତା'ପରର ସାମ୍ପ୍ରଦାୟିକ ହିଂସା ତାଙ୍କ ପାଇଁ ବଡ଼ ରାଜନୈତିକ ଚ୍ୟାଲେଞ୍ଜ ହୋଇଥିଲା। ସମାଲୋଚକମାନେ ତାଙ୍କୁ ଦାୟୀ କରିଥିଲେ ଓ ଆନ୍ତର୍ଜାତିକ ସ୍ତରରେ ମଧ ତାଙ୍କ ବିରୁଦ୍ଧରେ ପ୍ରଚାର ଚାଲିଥିଲା। ରାଜନୈତିକ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଥିଲା। ବିରୋଧୀମାନେ ଏହାକୁ ତାଙ୍କ ବିରୁଦ୍ଧରେ ବ୍ୟବହାର କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ମୋଦୀ ଏହାକୁ "ହିନ୍ଦୁତ୍ୱ ଓ ବିକାଶ"ର ମିଶ୍ରିତ ନାରେଟିଭ୍‌ରେ ପରିଣତ କରି ୨୦୦୨, ୨୦୦୭ ଓ ୨୦୧୨ରେ ଗୁଜରାଟ ନିର୍ବାଚନରେ ବିଜୟ ହାସଲ କଲେ। ଏହି ସମୟରେ ଗୁଜରାଟ ମଡେଲ ତାଙ୍କୁ ଜାତୀୟ ସ୍ତରରେ 'ବିକାଶପୁରୁଷ' ଭାବେ ପ୍ରତିଷ୍ଠିତ କରାଇଥିଲା।

୨୦୧୪ରେ ଲୋକସଭା ନିର୍ବାଚନରେ ବିଜେପି ଏକାକୀ ୨୮୨ ଆସନ ପାଇବା ସହିତ ମୋଦୀ ପ୍ରଧାନମନ୍ତ୍ରୀ ହେଲେ। ଏହା କେବଳ ଏକ ନିର୍ବାଚନୀ ବିଜୟ ନଥିଲା; ଏହା ଭାରତୀୟ ରାଜନୀତିରେ "ଏକବ୍ୟକ୍ତି କେନ୍ଦ୍ରିତ" ରାଜନୀତିର ପୁନରାବିର୍ଭାବ ଥିଲା। ୨୦୧୯ରେ ଆସନ ସଂଖ୍ୟା ୩୦୩କୁ ବଢ଼ିବା ଏହାକୁ ଆହୁରି ଦୃଢ଼ କଲା। ୨୦୨୪ରେ ବିଜେପି ଏକାକୀ ସଂଖ୍ୟାଗରିଷ୍ଠତା ହରାଇଲେ ମଧ ଏନଡିଏ ସରକାର ଗଠନ କରି ତୃତୀୟ ଥର ପାଇଁ ସେ ପ୍ରଧାନମନ୍ତ୍ରୀ ହେଲେ। ରାଜନୈତିକ ବ୍ୟାଖ୍ୟାରେ ଏହା ସ୍ପଷ୍ଟ କରେ ଯେ, ମୋଦୀଙ୍କ ବ୍ୟକ୍ତିଗତ ଆକର୍ଷଣ ଏବେ ମଧ ବଳବାନ୍, କିନ୍ତୁ ଏକଦଳୀୟ ଆଧିପତ୍ୟର ସୀମା ଦେଖାଯାଇଛି। ଏହା ଭବିଷ୍ୟତରେ ଗଠବନ୍ଧନ ରାଜନୀତିକୁ ପୁନର୍ଜୀବିତ କରିପାରେ।

ଏହି ଯାତ୍ରାରେ ବିମୁଦ୍ରୀକରଣ, ଜିଏସଟି, କୃଷି ଆଇନ ବିରୋଧ ଆନ୍ଦୋଳନ ଓ କୋଭିଡ୍-୧୯ ପରିଚାଳନା ଭଳି ଘଟଣା ସମାଲୋଚନାର କାରଣ ହୋଇଥିଲା। ରାଜନୈତିକ ଦୃଷ୍ଟିରୁ ଏହି ସମସ୍ତ ଘଟଣା ମୋଦୀଙ୍କୁ 'ନିଷ୍ପତ୍ତି ନେବାର ସାହସ' ଓ 'ବିରୋଧ ସତ୍ତ୍ୱେ ଆଗକୁ ବଢ଼ିବା'ର ପ୍ରତିମୂର୍ତ୍ତି ଭାବେ ପ୍ରତିଷ୍ଠିତ କରିଛି। ବିରୋଧୀମାନେ ଏହାକୁ ସ୍ୱେଚ୍ଛାଚାର ବୋଲି କହିଥିଲେ, କିନ୍ତୁ ସାଧାରଣ ଜନତାର ଏକ ବଡ଼ ଅଂଶ ଏହାକୁ 'ଦୃଢ଼ ନେତୃତ୍ୱ' ଭାବେ ଗ୍ରହଣ କରିଛନ୍ତି।

ବିକାଶର ଦିଗରେ ତାଙ୍କ କାର୍ଯ୍ୟ ବିଶେଷ ଭାବେ ଉଲ୍ଲେଖନୀୟ। ଗୁଜରାଟରେ ଜ୍ୟୋତିଗ୍ରାମ ଯୋଜନା, ଭାଇବ୍ରାଣ୍ଟ ଗୁଜରାଟ ସମିଟ୍, ଜଳ ସଂରକ୍ଷଣ ଓ ଶିଳ୍ପ ଉନ୍ନୟନ ରାଜ୍ୟକୁ ଆଗୁଆ କରାଇଥିଲା। ପ୍ରଧାନମନ୍ତ୍ରୀ ଭାବେ ଜାନ ଧନ ଯୋଜନା, ସ୍ୱଚ୍ଛ ଭାରତ, ଜିଏସଟି, ମେକ ଇନ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଉପିଆଇ, ଜଳ ଜୀବନ ମିଶନ ଓ ପିଏମ ଆବାସ ଯୋଜନା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ରାଜନୈତିକ ବ୍ୟାଖ୍ୟାରେ ଏହି ସମସ୍ତ କାର୍ଯ୍ୟ କେବଳ ଉନ୍ନୟନ ନୁହେଁ, ବରଂ ଏକ 'ସାମାଜିକ ଚୁକ୍ତି'ର ଅଂଶ। ଏହା ଦ୍ୱାରା ମୋଦୀ ଗରିବ, ମହିଳା ଓ ଗ୍ରାମୀଣ ଜନତାଙ୍କ ମଧ୍ୟରେ ଏକ ସ୍ଥାୟୀ ଭୋଟ୍ ବ୍ୟାଙ୍କ ତିଆରି କରିଛନ୍ତି। ଧାରା ୩୭୦ ରଦ୍ଦ ଓ ରାମ ମନ୍ଦିର ପ୍ରତିଷ୍ଠା ଭଳି ନିଷ୍ପତ୍ତି ତାଙ୍କ ମୂଳ ଆଧାରକୁ ଆହୁରି ଦୃଢ଼ କରିଛି।

ଏହି ପଚିଶ ବର୍ଷରେ ମୋଦୀ ରାଜନୀତିର ଉତ୍‌ଥାନ ଓ ପତନ ଉଭୟ ସାମ୍ନା କରିଛନ୍ତି। ସମାଲୋଚନା ଓ ବିରୋଧ ଥାଇ ମଧ ସେ ବିକାଶକୁ ରାଜନୈତିକ ହତିଆର ଭାବେ ବ୍ୟବହାର କରିଛନ୍ତି। ଭାରତର ଅର୍ଥନୀତି, ଭିତ୍ତିଭୂମି ଓ କଲ୍ୟାଣ ଦିଗରେ ଏକ ନୂତନ ଦିଗ ଦେଖାଯାଇଛି। ଭବିଷ୍ୟତରେ ଏହି ଯାତ୍ରା କିପରି ଆଗକୁ ବଢ଼େ, ତାହା ଦେଶର ରାଜନୈତିକ ସନ୍ତୁଳନ ଓ ବିକାଶ ପଥ ଉଭୟକୁ ପ୍ରଭାବିତ କରିବ।

## ଧନ୍ୟବାଦ ସରକାର



**ସତ୍ୟ ଦେବ**

ଗତ ସରକାରଙ୍କ ସମୟରେ ଦୀର୍ଘ ୮ ବର୍ଷ ଧରି ବନ୍ଦ ରହିଥିବା ଛାତ୍ର ରାଜନୀତିକୁ ବର୍ତ୍ତମାନର ସରକାର ପୁନର୍ବାର ଆରମ୍ଭ କରିଥିବାରୁ ଏହାକୁ ସ୍ୱାଗତ କରୁଛି। ଦୀର୍ଘଦିନ ଧରି ଛାତ୍ର ନିର୍ବାଚନ ବନ୍ଦ ରହିବା ଫଳରେ କଲେଜ ଓ ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ନିଜ ସମସ୍ୟାକୁ ସଂଗଠିତ ଭାବରେ ଉପସ୍ଥାପନ କରିବାର ଏକ ଗଣତାନ୍ତ୍ରିକ ମଞ୍ଚରୁ ବଞ୍ଚିତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ସମସ୍ୟା କେବଳ ଶିକ୍ଷାଦାନରେ ସୀମିତ ନୁହେଁ। ଅଧିକ ଫିସ୍, ସମୟରେ ଛାତ୍ରବୃତ୍ତି ନମିଳିବା, ହଷ୍ଟେଲରେ ଆବଶ୍ୟକ ସୁବିଧାର ଅଭାବ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ଲାଇବ୍ରେରୀ ଓ ଲାବରେଟୋରୀର ସୁବିଧା, ପରୀକ୍ଷା ପରିଚାଳନା, ଫଳାଫଳ ପ୍ରକାଶରେ ବିଳମ୍ବ, ସାର୍ଟିଫିକେଟ୍ ଓ ଅନ୍ୟାନ୍ୟ ଶିକ୍ଷାଗତ କାଗଜପତ୍ର ପାଇବାରେ ସମସ୍ୟା, କ୍ୟାମ୍ପସରେ ସୁରକ୍ଷା ଓ ମୌଳିକ ସୁବିଧାର ଅଭାବ ଭଳି ଅନେକ ପ୍ରସଙ୍ଗ ରହିଛି।

ଏହା ସହିତ, କୌଣସି ଛାତ୍ରଛାତ୍ରୀ ନିଜ ସମସ୍ୟା ନେଇ ପ୍ରଶାସନ ନିକଟରେ ପହଞ୍ଚିଲେ ତାଙ୍କ କଥା ଶୁଣାଯିବା ଓ ସମସ୍ୟାର ସମାଧାନ ହେବା ମଧ୍ୟ ଜରୁରୀ। ଛାତ୍ର ପ୍ରତିନିଧି ଥିଲେ ଏହି ସମସ୍ୟାଗୁଡ଼ିକୁ ସଂଗଠିତ ଭାବରେ କଲେଜ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଉଠାଯାଇପାରିବ। ଛାତ୍ରମାନଙ୍କ ସ୍ୱର ଦବି ନଯାଇ, ସେମାନଙ୍କ ଅଧିକାର ଓ ଭବିଷ୍ୟତ ସମ୍ପର୍କିତ ପ୍ରସଙ୍ଗଗୁଡ଼ିକ ଆଲୋଚନାରେ ଆସିବା ଦରକାର। ଛାତ୍ର ରାଜନୀତି ମାଧ୍ୟମରେ କେବଳ ନିର୍ବାଚନ ନୁହେଁ, ବରଂ ନେତୃତ୍ୱ, ଦାୟିତ୍ୱବୋଧ, ଗଣତାନ୍ତ୍ରିକ ଚିନ୍ତାଧାରା ଓ ସାମାଜିକ ଦାୟିତ୍ୱ ଭଳି ଗୁଣର ବିକାଶ ହୋଇପାରେ। ମୋର ଶେଷ କଥା-ଛାତ୍ର ରାଜନୀତି ହିଂସାମୁକ୍ତ, ସ୍ୱଚ୍ଛ, ଶୃଙ୍ଖଳିତ ଓ ଗଣତାନ୍ତ୍ରିକ ହେଉ। ରାଜନୈତିକ ବିରୋଧ କେବେ ମଧ୍ୟ ବ୍ୟକ୍ତିଗତ ଶତ୍ରୁତା କିମ୍ବା ହିଂସାର ରୂପ ନନେଉ। କୌଣସି ନିରୀହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ନହେଉ। ସୁସ୍ଥ ପରିବେଶରେ, ନିୟମ ଅନୁସାରେ ଓ ନିରପେକ୍ଷ ଭାବରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେଉ-ଏହା ହିଁ ମୋର ଆଶା।

ପୂର୍ବତନ ରାଜ୍ୟ ସଂଯୋଜକ
ଫାର୍ମା ଭିଜନ୍, ଓଡ଼ିଶା

# ସେବା ସେତୁ: ଯେତେବେଳେ ଶାସନ ଜନତାଙ୍କ ଦ୍ୱାରକୁ ଯାଏ



**ପ୍ରଭାକର ସାହୁ**

ଗଣତନ୍ତ୍ରର ଅର୍ଥ କେବଳ ଲୋକଙ୍କ ଦ୍ୱାରା ସରକାର ଚୟନ ନୁହେଁ। ଏହାର ପ୍ରକୃତ ଅର୍ଥ ସେତେବେଳେ ପ୍ରତିଫଳିତ ହୁଏ, ଯେତେବେଳେ ଶାସନ ବ୍ୟବସ୍ଥା ଲୋକଙ୍କ ଜୀବନର ସମସ୍ୟାକୁ ବୁଝେ, ସେମାନଙ୍କ କଥା ଶୁଣେ ଏବଂ ସମାଧାନ ପାଇଁ ତତ୍ପର ହୁଏ। ଜଣେ ନାଗରିକଙ୍କୁ ନିଜ ସମସ୍ୟା ନେଇ ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଦୌଡ଼ିବାକୁ ନ ପଡ଼ି, ଯଦି ପ୍ରଶାସନ ନିଜେ ତାଙ୍କ ନିକଟକୁ ଆସି ତାଙ୍କ କଥା ଶୁଣେ, ତେବେ ଶାସନ ଅଧିକ ମାନବିକ, ଉତ୍ତରଦାୟୀ ଓ ଲୋକମୁଖୀ ହୋଇଥାଏ। ଏହି ଚିନ୍ତାଧାରାର ଏକ ସଜୀବ ପ୍ରତିଛବି ହେଉଛି 'ସେବା ସେତୁ'। ନାମଟି ନିଜେ ଏହାର ଉଦ୍ଦେଶ୍ୟକୁ ବ୍ୟକ୍ତ କରେ। ସରକାର ଓ ସାଧାରଣ ଜନତାଙ୍କ ମଧରେ ପ୍ରଶାସନିକ ପ୍ରକ୍ରିୟା, ସୂଚନାର ଅଭାବ କିମ୍ବା କାର୍ଯ୍ୟାଳୟକୁ ବାରମ୍ବାର ଯିବାର ଅସୁବିଧା ଯୋଗୁଁ ଯେଉଁ ଦୂରତା ସୃଷ୍ଟି ହୁଏ, ତାହାକୁ କମାଇବାର ଏକ ପ୍ରୟାସ ହେଉଛି ଏହି ଅଭିଯାନ। ଏହା କେବଳ ଏକ ଜନଶୁଣାଣି ଶିବିର ନୁହେଁ; ଏହା ଶାସନର ଦିଗ ଓ ଦୃଷ୍ଟିକୋଣରେ ଏକ ପରିବର୍ତ୍ତନର ସଙ୍କେତ। ରାସଗୋବିନ୍ଦପୁରରେ 'ସେବା ସେତୁ' ଅଭିଯାନର ଶୁଭାରମ୍ଭ ଏହି ଦୃଷ୍ଟିକୋଣକୁ ଆହୁରି ସ୍ପଷ୍ଟ କରିଛି। ରାସଗୋବିନ୍ଦପୁର ଏନଏସି କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି ଶିବିରରେ ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିଥିଲେ। ତାଙ୍କ ସହିତ ଜିଲ୍ଲା ଓ ଉପଖଣ୍ଡସ୍ତରର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଜିଲ୍ଲାପାଳ ହେମକାନ୍ତ ସୟ, ଏସପି ବରୁଣ ଗୁଣ୍ଟପାଲିଙ୍କ ସମେତ ଏଡିଏମ୍, ବିଡିଓ, ତହସିଲଦାର, ଥାନାଧିକାରୀ, ରେଞ୍ଜର ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତି ଏହି ଶିବିରକୁ ଏକ ସମନ୍ୱିତ ପ୍ରଶାସନିକ ମଞ୍ଚର ରୂପ ଦେଇଥିଲା। ଏହାର ବିଶେଷତ୍ୱ ହେଉଛି ଜଣେ ନାଗରିକଙ୍କ ସମସ୍ୟା ଯେଉଁ ବିଭାଗ ସହ ଜଡ଼ିତ, ସେହି ବିଭାଗର ଅଧିକାରୀ ତାଙ୍କ ସମ୍ମୁଖରେ ଉପସ୍ଥିତ। ଅର୍ଥାତ୍, ଅଭିଯୋଗ ନେଇ ଜଣେ ନାଗରିକଙ୍କୁ ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ ଘୁରିବାର ଆବଶ୍ୟକତା କମିଯାଏ। ଏହା ହେଉଛି 'ସେବା ସେତୁ'ର ମୂଳ ଦର୍ଶନ ସେବା ପାଇଁ ଲୋକେ ପ୍ରଶାସନ ପାଖକୁ ଯିବେ ନାହିଁ; ପ୍ରଶାସନ ଲୋକଙ୍କ ନିକଟକୁ ଯିବ।




ରାସଗୋବିନ୍ଦପୁର ଶିବିରରେ ମୋଟ ୩୧୫ଟି ଅଭିଯୋଗ ପଞ୍ଜୀକୃତ ହେବା ଏହି ପଦକ୍ଷେପର ପ୍ରାସଙ୍ଗିକତାକୁ ସ୍ପଷ୍ଟ କରେ। ଏହି ସଂଖ୍ୟା କେବଳ ଏକ ପରିସଂଖ୍ୟାନ ନୁହେଁ। ପ୍ରତ୍ୟେକ ଅଭିଯୋଗ ପଛରେ ରହିଛି ଜଣେ ବ୍ୟକ୍ତି, ଜଣେ ପରିବାର ଏବଂ ତାଙ୍କ ଜୀବନ ସହ ଜଡ଼ିତ ଏକ ସମସ୍ୟା। କାହା ପାଇଁ ଏହା ଜମିର ପଟ୍ଟା, କାହା ପାଇଁ ଘର, କାହା ପାଇଁ ସରକାରୀ ଯୋଜନାର ସୁଫଳ, ଆଉ କାହା ପାଇଁ ନିଜ ଅଧିକାର ସହ ଜଡ଼ିତ ଏକ ପ୍ରଶ୍ନ ହୋଇପାରେ।

ତେଣୁ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ଓ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ହେଉଛି ଏକ ସମ୍ବେଦନଶୀଳ ପ୍ରଶାସନର ପରିଚୟ। ଶିବିରରେ ମନ୍ତ୍ରୀ ଡଃ ମହାପାତ୍ର ସମ୍ପୃକ୍ତ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ହିଁ ଆବଶ୍ୟକ ପଦକ୍ଷେପ ନେବାକୁ ଦେଇଥିବା ନିର୍ଦ୍ଦେଶ ଏହି ଦିଗରେ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି। କାରଣ ଅଭିଯୋଗ ଗ୍ରହଣ କରିବା ହେଉଛି ପ୍ରଥମ ପଦକ୍ଷେପ; ତାହାର ସମାଧାନ କରିବା ହେଉଛି ପ୍ରକୃତ ଲକ୍ଷ୍ୟ। 'ସେବା ସେତୁ'ର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ମାନବିକ ଦୃଷ୍ଟିକୋଣ। ଭୂମିହୀନଙ୍କୁ ପଟ୍ଟା ଦେବା କେବଳ ଜମିର ଅଧିକାର ପ୍ରଦାନ ନୁହେଁ; ଏହା ଜଣେ ପରିବାରକୁ ସ୍ଥାୟୀତ୍ୱ ଓ ନିରାପତ୍ତା ଦେବା। ବାସହୀନଙ୍କୁ ଘର ଯୋଗାଇଦେବା କେବଳ ଏକ ଛାତ ଦେବା ନୁହେଁ; ଏହା ସମ୍ମାନର ସହ ବଞ୍ଚିବାର ଅଧିକାରକୁ ସୁଦୃଢ଼ କରିବା। ସେହିପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଅର୍ଥ ହେଉଛି ଶାସନର ଲାଭ ଶେଷ ଧାଡ଼ିର ଲୋକ ପର୍ଯ୍ୟନ୍ତ ପହଞ୍ଚାଇବା।

ଆଜି ପ୍ରଶାସନିକ ବ୍ୟବସ୍ଥାରେ ପ୍ରଯୁକ୍ତିର ବ୍ୟବହାର ବଢ଼ିଛି। ଅନଲାଇନ୍ ଆବେଦନ, ଡିଜିଟାଲ୍ ସେବା ଓ ଅନଲାଇନ୍ ଅଭିଯୋଗ ବ୍ୟବସ୍ଥା ନାଗରିକଙ୍କୁ ଅନେକ ସୁବିଧା ଦେଇଛି। କିନ୍ତୁ ପ୍ରଯୁକ୍ତି ଯେତେ ଆଗକୁ ବଢ଼ିଲେ ମଧ ଶାସନର ମାନବିକ ସ୍ପର୍ଶର ବିକଳ୍ପ ହୋଇପାରିବ ନାହିଁ। ଜଣେ ଅଧିକାରୀ ଯେତେବେଳେ ଜଣେ ନାଗରିକଙ୍କ କଥା ସାମ୍ନାସାମ୍ନି ଶୁଣନ୍ତି, ସମସ୍ୟାକୁ ବୁଝନ୍ତି ଏବଂ ସମାଧାନ ପାଇଁ ଦାୟିତ୍ୱ ନିଅନ୍ତି, ସେତେବେଳେ ଶାସନ ଏକ ମାନବିକ ଚେହେରା ପାଏ।

ରାସଗୋବିନ୍ଦପୁରର 'ସେବା ସେତୁ' ଏହି ମାନବିକ ପ୍ରଶାସନର ଏକ ଉଦାହରଣ। ଏହା ଜନତାଙ୍କୁ କେବଳ ଅଭିଯୋଗ କରିବାର ମଞ୍ଚ ଦେଉନାହିଁ; ସରକାର ଓ ଲୋକଙ୍କ ମଧରେ ସଂଳାପର ଏକ ନୂଆ ଦ୍ୱାର ଖୋଲୁଛି। ଲୋକେ ନିଜ ସମସ୍ୟା କହୁଛନ୍ତି, ପ୍ରଶାସନ ତାହା ଶୁଣୁଛି ଏବଂ ସମାଧାନର ରାସ୍ତା ଖୋଜୁଛି। ଏହି ସଂଳାପ ହିଁ ଗଣତନ୍ତ୍ରର ମୂଳ ଶକ୍ତି।

ତେବେ ଏହି ଅଭିଯାନର ସଫଳତାକୁ କେବଳ ଗୋଟିଏ ଦିନର ଶିବିର କିମ୍ବା ୩୧୫ଟି ଅଭିଯୋଗର ସଂଖ୍ୟାରେ ସୀମିତ ରଖାଯାଇପାରିବ ନାହିଁ। ଏହାର ପ୍ରକୃତ ସଫଳତା ନିର୍ଭର କରିବ ପଞ୍ଜୀକୃତ ଅଭିଯୋଗଗୁଡ଼ିକ କେତେ ଶୀଘ୍ର ଓ ପ୍ରଭାବଶାଳୀ ଭାବେ ସମାଧାନ ହେଉଛି, ତାହା ଉପରେ। ଜନଶୁଣାଣିରୁ ଜନସମାଧାନ ଆଡ଼କୁ ଯାତ୍ରା ହିଁ 'ସେବା ସେତୁ'ର ପରବର୍ତ୍ତୀ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଶାସନର ପ୍ରକୃତ ଶକ୍ତି ତାହାର କାର୍ଯ୍ୟାଳୟ, ଫାଇଲ କିମ୍ବା ନିୟମରେ ନୁହେଁ; ଏହା ଲୋକଙ୍କ ଆସ୍ଥାରେ ରହିଥାଏ। ଯେତେବେଳେ ଜଣେ ସାଧାରଣ ନାଗରିକ ଅନୁଭବ କରନ୍ତି ଯେ ତାଙ୍କ କଥା ଶୁଣିବାକୁ ସରକାର ତାଙ୍କ ନିକଟକୁ ଆସୁଛି, ସେତେବେଳେ ସେହି ଆସ୍ଥା ଆହୁରି ଦୃଢ଼ ହୁଏ। ରାସଗୋବିନ୍ଦପୁରରୁ 'ସେବା ସେତୁ' ତେଣୁ ଏକ ସରଳ କିନ୍ତୁ ଗଭୀର ବାର୍ତ୍ତା ଦେଉଛି—ଶାସନର ଦୂରତା ଯେତେ କମିବ, ଜନତାଙ୍କ ଆସ୍ଥା ସେତେ ବଢ଼ିବ। ଲୋକଙ୍କ ସମସ୍ୟା ଶୁଣିବା, ତାହାକୁ ବୁଝିବା ଓ ସମାଧାନ କରିବାର ଏହି ପ୍ରକ୍ରିୟା ହିଁ ଏକ ସମ୍ବେଦନଶୀଳ ଓ ଉତ୍ତରଦାୟୀ ସରକାରର ପରିଚୟ। 'ସେବା ସେତୁ' ତେଣୁ କେବଳ ଏକ ଅଭିଯାନର ନାମ ନୁହେଁ; ଏହା ଏକ ଶାସନ-ଦର୍ଶନ। ଏଠାରେ ସରକାର ଓ ଜନତାଙ୍କ ମଧରେ ଦୂରତା ନୁହେଁ, ସମ୍ପର୍କ ରହିବ; ଅଭିଯୋଗ ନୁହେଁ, ସମାଧାନ ହେବ; କାର୍ଯ୍ୟାଳୟର ଚାରିକାନ୍ଥ ନୁହେଁ, ଲୋକଙ୍କ ଦ୍ୱାରମୁହଁ ହେବ ପ୍ରଶାସନର ପ୍ରଥମ ଠିକଣା। ରାସଗୋବିନ୍ଦପୁରରୁ ଉଠିଥିବା ଏହି ପଦକ୍ଷେପ ଏକ ବଡ଼ ବାର୍ତ୍ତା ଦେଉଛି—ଲୋକଙ୍କ ନିକଟକୁ ଯାଉଥିବା ଶାସନ ହିଁ ପ୍ରକୃତ ଲୋକମୁଖୀ ଶାସନ।

ମୋବାଇଲ: ୯୪୩୯୬୫୪୨୨୨

# ବଡ଼ ଠାକୁରଙ୍କ ଗାଦି 'ଝାଟି ଜାଗା'



**ଡକ୍ଟର ତପନ କୁମାର ପାଳ**

ବିଶ୍ୱବିଶ୍ରୁତ ଜଗନ୍ନାଥ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ, ଧାମର ପ୍ରାଚୀନତା ମୂର୍ତ୍ତିତତ୍ତ୍ୱ, ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ। ସାଧାରଣ ବ୍ୟକ୍ତି ପକ୍ଷରେ ଏହାର ସୂକ୍ଷ୍ମାତିସୂକ୍ଷ୍ମ ଦର୍ଶନର ପରିଚୟ ପାଇବା ଏକ ଦୁରୂହ ବ୍ୟାପାର। ପୁରୀ ଠାକୁରଙ୍କ ତିନୋଟି ଗାଦି ରହିଛି। ବଡ଼ ଠାକୁରଙ୍କ ଗାଦି ହେଉଛି 'ଝାଟି ଜାଗା'। ଶ୍ରୀଅଙ୍ଗ ଭୂମିରେ ଥାଇ ଶ୍ରୀମୁଖ ବାହାରକୁ ଦୃଶ୍ୟମାନ। ଗୋଲାକୃତି ତଥା ଦେଉଳିଆ ଅବସ୍ଥିତି। ଏହାର ଠିକ ପଛକୁ ରହିଛି ଶ୍ରୀଜଗନ୍ନାଥଙ୍କ ଗାଦି ଭାବେ ପରିଚିତ 'କୁରୁଣ୍ଟି ମଠ'। ଏହି ଦୁଇଟି ମାର୍କଣ୍ଡେଶ୍ୱର ସାହି ଅଧୀନରେ ରହିଥିବା ସ୍ଥଳେ ବାସେଳୀ ସାହିରେ ରହିଛି 'ହାତୀ ଗୁରୁଦେବ ମଠ' ତଥା ଦେବୀ ସୁଭଦ୍ରାଙ୍କ ଗାଦି। ପୁରୀରେ ଏହି ତିନୋଟି ଗାଦି ପୂଜା ପାଇଥାଏ। ଠାକୁରେ ପାତାଳି ହେବା ଅବସରରେ ଏହି ସ୍ଥାନ ମାନଙ୍କରେ ବିଗ୍ରହ ଅବସ୍ଥାନ କରିଥିବା ଜନ ମାନସରେ ବିଶ୍ୱାସ ରହିଛି।

ଝାଟି ଜାଗା ଅର୍ଥ କାଗଜପତ୍ରରେ ତାହା ହେଉଛି 'ଆର୍ତ୍ତତ୍ରାଣଙ୍କ ଗାଦି'। ଅର୍ଥାତ୍ ଶ୍ରୀବଳଭଦ୍ରଙ୍କ ଆସ୍ଥାନ। ଆବହମାନ ସମୟରୁ ବିଶ୍ୱାସ ରହିଛି ମାଳ ମାଳ ନାଗ ସାପ ଠାକୁରଙ୍କ ଆସ୍ଥାନରେ ବୁଲନ୍ତି। ଗାଦି ବ୍ରହ୍ମ ଚାରିପଟେ ଚଳପ୍ରଚଳ ହୁଅନ୍ତି। ସେହି ଭିତରେ ରୁହନ୍ତି। ଅଧିକ ବୟସ ହେବାରେ ବିଶାଳକାୟ ଶରୀର କ୍ରମଶଃ କ୍ଷୟ ହୋଇ ଅନେକ ସେହି ଭିତରେ ଲୀନ ହୋଇଛନ୍ତି। ଜନଗହଳି ଭିତରେ ବିଷଧର ସର୍ପ ଯିବା ଆସିବା କରୁଥିଲେ ମଧ ସର୍ପ ଦଂଶନରେ କେବେ କାହାରି ଜୀବନ ଯାଇଥିବା କେହି ଶୁଣି ନାହାନ୍ତି। ଏସବୁ ବଡ଼ ଠାକୁରଙ୍କ ମାହାତ୍ମ୍ୟ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଦୃଢ଼ ବିଶ୍ୱାସ। ସେଠାରେ ଆଗେ ଥିଲା ଜଙ୍ଗଲମୟ ପରିବେଶ। ସେତେବେଳେ ଏହି ଅଞ୍ଚଳରେ ବାଘ ବି ବୁଲେ। ନିକଟରେ ନଦୀ ଘାଟ ମଙ୍ଗଳା ନଦୀ। ସବୁଜିମାମୟ ପରିବେଶରେ ଗଢ଼ା ହେଉଥିଲା ସମାଜର ଆଧାତ୍ମିକ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ। ଯୁବକମାନେ ଏହିଠାକୁ ଆସି ଏସବୁ ଦିଗରେ ନିଜକୁ ପ୍ରସ୍ତୁତ କରୁଥିଲେ। ଆଜି କର୍ପୂର ଉଡିଗଲେ ମଧ ଏହାର ଚାକ୍ଷୁସ ପ୍ରମାଣ ସ୍ୱରୂପ ଆସ୍ଥାନ, ଠାକୁରେ ତଥା ପରମ୍ପରା ବଞ୍ଚିଛି। ହେଲେ ଭୌଗୋଳିକ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ତଥାପି ଜାଗା ପରିସରରେ ଛଅଟି ପୋଖରୀ ଆଜି ବି ରହିଛି। ଯାହା କି ଅନ୍ୟ ଜାଗାରେ ପ୍ରାୟତଃ ଦେଖାଯାଏନି।

'ମାଦଳା ପାଞ୍ଜି'ର ତଥ୍ୟ ତଥା ସ୍ଥାନୀୟ ପୁରୁଖା ପୁରୀ ବାସିନ୍ଦା ମାନଙ୍କ କହିବା ଅନୁଯାୟୀ ହୁଏତ କ୍ଷୁଦ୍ର କୁଟୀରରେ ସ୍ଥାପିତ ଭାଗବତ ଗାଦିରୁ ଏହି ଅନୁଷ୍ଠାନର ଜନ୍ମ। ଅର୍ଥାତ୍ ଠାକୁରଙ୍କ ଏହି ଆସ୍ଥାନ ବହୁ ପ୍ରାଚୀନ। ମହାରାଜା ପ୍ରତାପ ରୁଦ୍ର ଦେବଙ୍କ ସମୟରେ ଭକ୍ତି ଆନ୍ଦୋଳନରୁ ସୂତ୍ରପାତ ହୋଇଥିଲା ଭାଗବତ ଟୁଙ୍ଗି। ସେଠାରେ ଭାଗବତ ମହାପୁରାଣର ପୂଜନ ଓ ପାରାୟଣ ଆରମ୍ଭ ହୋଇଥିଲା। ଉକ୍ତ ଜାଗାରେ ଆଧାତ୍ମିକ, ମାନସିକ ଓ ଶାରୀରିକ ବିକାଶ ବ୍ୟବସ୍ଥା ହୋଇଥିଲା। ଜାଗାରେ ଗାଦି ଗୁରୁଦେବ ତଥା ହନୁମାନ ମଧ ପୂଜା ପାଉଛନ୍ତି। ସେ କାଳର କିଛି ପରମ୍ପରା ଆଜି ବି ବଞ୍ଚିଛି। ଶ୍ରୀକୃଷ୍ଣ ଲୀଳାରେ ଯମୁନା ଗାଧୁଆ ଓ ଭାଗବତ ଜନ୍ମ ଏଠାରେ ଧୁମଧାମରେ ପାଳିତ ହୁଏ। ବ୍ୟାୟାମ ଗୃହରେ ଜାଗା ସାଙ୍ଗମାନେ କସରତ କରିବା ସହ ପ୍ରାଚୀନ ଓ କିଛି ଆଧୁନିକ ବ୍ୟାୟାମ ଉପକରଣମାନ ରହିଛି। ଜାଗାର ସମସ୍ୟା ମଧ ଅନେକ ରହିଛି। ଜାଗା ପାଚେରୀ ଅଧାବିଧା ପଡ଼ିଥିବାରେ ଅଧିକ ବର୍ଷା ହେଲେ ନାଳ ପାଣି ଜାଗା ପରିସରରେ ପଶୁଛି। ପିଲାଙ୍କ ଖେଳ ପଡ଼ିଆ, ବୟସ୍କଙ୍କ ଅବସରବିନୋଦନ ପାଇଁ ବ୍ୟବସ୍ଥା ଓ ଆଧୁନିକ ବ୍ୟାୟାମ ଗୃହଟିଏ ଆଦି ଅନେକ ଯୋଜନା ରହିଥିଲେ ମଧ ଅର୍ଥ ବାଧକ ସାଜୁଛି। ସରକାରୀ ପ୍ରୋତ୍ସାହନ ଅଭାବରେ କିଛି ନିର୍ମାଣ ଅସୁବିଧା ପଡ଼ିଛି। ଜାଗାର ବାର୍ଷିକ ଖର୍ଚ୍ଚ ପରିଚାଳନା ପାଇଁ ସମସ୍ତେ ମିଶି କୁହାବୋଲା କରି ଯାହା କିଛି ଅନୁଦାନ ପାଇଛନ୍ତି ସେଥିରେ କଲ୍ୟାଣ ମଣ୍ଡପ ଓ କିଛି ଦୋକାନ ଘର ଆଦି ତିଆରିଛନ୍ତି। ହେଲେ ଶ୍ରୀକ୍ଷେତ୍ରରେ ଥିବା ପ୍ରାଚୀନ ଐତିହ୍ୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର ଆବଶ୍ୟକତା ଅନୁସାରେ ତତ୍ପରତା ଦେଖାଉ ନଥିବା ଅଭିଯୋଗ ହୋଇଛି। ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ। ଇତିହାସରୁ ଆଜି ପର୍ଯ୍ୟନ୍ତ ଏହି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉପାସନା ପଦ୍ଧତି ସମସ୍ତଙ୍କ ମନରେ ସୃଷ୍ଟି କରି ଆସିଛି ଅଜସ୍ର ବିସ୍ମୟ ଓ ଉନ୍ମାଦନା। ରହସ୍ୟର ପ୍ରସ୍ଥ ପ୍ରସ୍ଥ ଘେରରେ ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କର ମୂଳ, ଉଦ୍ଭବ, ବିକାଶ ଓ ବିବର୍ତ୍ତନ ପ୍ରତିଟି ଗବେଷକ ଓ ଜିଜ୍ଞାସୁ ମନରେ ସୃଷ୍ଟି କରେ ବୁଢ଼ିଆଣୀ ଜାଲ ପରି ଗୋଲକଧନ୍ଦା। ଏହି ଠାକୁର ମାନଙ୍କର ଆକାର ପ୍ରକାର ଓ ପୂଜାପଦ୍ଧତି, ବିରୋଧାଭାସ ଓ ସମନ୍ୱୟର ଯେତେ ମୀମାଂସା କଲେ ମଧ ତାହା ସ୍ପଷ୍ଟ ହୁଏନାହିଁ। ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ ଅରୂପ, ଆକାର ପରି ଦିଶୁଥିଲେ ମଧ ନିରାକାର। ସେ ନିର୍ଗୁଣ ହୋଇ ବି ସଗୁଣ। ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମଧ ମହାକାରୁଣ୍ୟ। ତେଣୁ ସେ କରୁଣାସାଗର, କୃପାସିନ୍ଧୁ।

ଭୁବନେଶ୍ୱର, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩
E-MAIL : PALTAPANKUMAR007@GMAIL.COM

# ଶକ୍ତି, ପରାକ୍ରମ ଏବଂ ପବିତ୍ରତାର ଉଚ୍ଚତା:- ଶକ୍ତିପୀଠ ମା' ବରୁଣେଇଙ୍କ ରହସ୍ୟ

**ଉମା ଶଙ୍କର ପ୍ରସାଦ**

ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାର ବରୁଣୀ ପାହାଡ଼ର ଅସମାନ ଉପତ୍ୟକାରେ, ରାଜଧାନୀ ଭୁବନେଶ୍ୱରଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଅଞ୍ଚଳର ଅନ୍ୟତମ ଆଧାତ୍ମିକ ଏବଂ ଐତିହାସିକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର "ମା' ବରୁଣୀ ଏବଂ କରୁଣୀ ମନ୍ଦିର"। ଏହା କେବଳ ଏକ ପାରମ୍ପରିକ ପୂଜାସ୍ଥଳ ନୁହେଁ, ବରଂ ଦିବ୍ୟ ନାରୀ ଶକ୍ତି, ରାଜକୀୟ ପୃଷ୍ଠପୋଷକତା ଏବଂ ଓଡ଼ିଶାର ଅଦମ୍ୟ ବୀରତ୍ୱର ଏକ ଅମର ପ୍ରତୀକ ଅଟେ।

ସ୍ଥାପତ୍ୟ ଏବଂ ଦିବ୍ୟ ସତ୍ତ୍ୱା-- ଏହି ମନ୍ଦିରରେ କଳା ମୁଗୁନି ପଥରରେ ତିଆରି, ପ୍ରାୟ ୧୮ ଇଞ୍ଚ ଉଚ୍ଚତାର ଦୁଇଟି ଅଧିଷ୍ଠାତ୍ରୀ ଦେବୀ ବିରାଜମାନ ଅଛନ୍ତି। ବାମ ପଟେ ମା' ବରୁଣୀ ଏବଂ ଡାହାଣ ପଟେ ମା' କରୁଣୀ ଭାବରେ ପୂଜା ପାଉଥିବା ଏହି ଦେବୀମାନଙ୍କୁ ଶକ୍ତିର ଉଗ୍ର ରୂପ ଭାବରେ ବିବେଚନା କରାଯାଏ। ଏଠାରେ ପ୍ରତିମାଗୁଡ଼ିକୁ ଯୁଦ୍ଧ ପୋଷାକରେ ସଜ୍ଜିତ କରାଯାଇଥିବା ଦେଖିବାକୁ ମିଳେ, ଯାହା ଏହି ପୀଠର ବ୍ରହ୍ମାଣ୍ଡ ଶକ୍ତି ଏବଂ ସାମରିକ ବୀରତ୍ୱର ଭାବନାକୁ ପ୍ରକାଶ କରେ।

ପବିତ୍ର ଗର୍ଭଗୃହରେ ପହଞ୍ଚିବା ପାଇଁ ଭକ୍ତ ଏବଂ ଇତିହାସ ପ୍ରେମୀମାନଙ୍କୁ ପାହାଡ଼ ଉପରକୁ ୮୮ଟି ପଥର ପାହାଚ ଚଢ଼ିବାକୁ ପଡ଼େ। ଏହି ସ୍ଥାନର ଶାନ୍ତ ଏବଂ ରହସ୍ୟମୟ ପରିବେଶକୁ ଆହୁରି ମନୋଜ୍ଞ କରିଥାଏ "ସ୍ୱର୍ଣ୍ଣ ଗଙ୍ଗା"—ଯାହା ପାହାଡ଼ରୁ ବାହାରିଥିବା ଏକ ପ୍ରାକୃତିକ ଝରଣା। ଏହାର ଶୀତଳ ଏବଂ ଖଣିଜ ପଦାର୍ଥରେ ଭରା ପାଣି ଏକ ପବିତ୍ର କୁଣ୍ଡରେ ପଡ଼େ, ଯେଉଁଠାରେ ତୀର୍ଥଯାତ୍ରୀମାନେ ମନ୍ଦିର ପରିସରରେ ପ୍ରବେଶ କରିବା ପୂର୍ବରୁ ପାରମ୍ପରିକ ଭାବେ ପବିତ୍ର ସ୍ନାନ କରନ୍ତି। ଏହି ପାହାଡ଼ଗୁଡ଼ିକରେ ପୌରାଣିକ କାହାଣୀ ମଧ ଜଡିତ ରହିଛି; ସ୍ଥାନୀୟ ବିଶ୍ୱାସ ଅନୁଯାୟୀ ପାଣ୍ଡବମାନେ ସେମାନଙ୍କର ଅଜ୍ଞାତବାସର କିଛି ଅଂଶ ଏଠାରେ ବିତାଇଥିଲେ ଏବଂ ପାଣ୍ଡବ ଗୁହା ଭଳି ସ୍ମୃତିଚିହ୍ନ ଛାଡିଯାଇଥିଲେ।

ଐତିହାସିକ ମୂଳଦୁଆ:-- ଖୋର୍ଦ୍ଧାର୍ ଅଭ୍ୟୁଦୟ

ବରୁଣୀ ପୀଠର ଇତିହାସ ମଧ୍ୟଯୁଗୀୟ ଓଡ଼ିଶାର ରାଜନୈତିକ ପରିବର୍ତ୍ତନ ସହିତ ଗଭିର ଭାବରେ ଜଡିତ। ୧୫୬୮ ମସିହାରେ ଗୋହିରୀଟିକିରା ଯୁଦ୍ଧରେ ରାଜା ମୁକୁନ୍ଦ ଦେବଙ୍କ ଦୁଃଖଦ ମୃତ୍ୟୁ ପରେ ରାଜନୈତିକ ପରିସ୍ଥିତି ଭାଙ୍ଗିପଡ଼ିଥିଲା। ଏହି ଅସ୍ଥିରତା ମଧରେ, ଭୋଇ ବଂଶର ଜଣେ ଅଭିଜ୍ଞ ରାଜନେତା ଦନାଇ ବିଦ୍ୟାଧରଙ୍କ ପୁତ୍ର ରାମଚନ୍ଦ୍ର ଦେବ ବରୁଣୀ ପାହାଡ଼ର ପାଦଦେଶରେ ଏକ ନୂତନ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କରିଥିଲେ। ଯାହା ପିଲାଦିନେ ଷଷ୍ଠ ଶ୍ରେଣୀ ସାହିତ୍ୟ ବହିରେ " ଲକ୍ଷେ ରାଜାଙ୍କର ମଉଡମଣୀ ସେ ଖୋରଧା ରାଇଜ ରାଜା, ବରୁଣାଇ ତଳେ ତୋଳାଇ ନଅର ପାଳୁଥିଲେ ସୁଖେ ପ୍ରଜା" ସେ ତାଙ୍କ ରାଜଧାନୀର ନାମ ଜଗନ୍ନାଥପୁର କଟକ (ଆଧୁନିକ ଖୋର୍ଦ୍ଧା) ରଖିଥିଲେ ଏବଂ ଖୋର୍ଦ୍ଧାଗଡ଼ର କ୍ଷେତ୍ରେଶ୍ୱରୀ (ରକ୍ଷକ ଦେବୀ) ଭାବରେ ମା' ବରୁଣୀଙ୍କୁ ପ୍ରତିଷ୍ଠା କରିଥିଲେ। ଯେହେତୁ ଭୋଇ ରାଜାମାନେ ଏବଂ ସେମାନଙ୍କର ଶକ୍ତିଶାଳୀ ସେନା ଏହି ଦେବୀମାନଙ୍କୁ ସେମାନଙ୍କର ସର୍ବୋଚ୍ଚ ସେନାପତି ଭାବରେ ବିବେଚନା କରୁଥିଲେ, ତେଣୁ କୌଣସି ସାମରିକ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଅତ୍ୟନ୍ତ ଭକ୍ତିର ସହ ଏହି ଦେବୀଙ୍କୁ ପୂଜା କରାଯାଉଥିଲା। ଦୁର୍ଗାପୂଜା ଏବଂ ଦଶହରା ପରି ପ୍ରମୁଖ ପର୍ବଗୁଡ଼ିକରେ, ପୁରୀର ଜଗନ୍ନାଥ ମନ୍ଦିରର ପବିତ୍ର ରୋଷଘରୁ ସିଧାସଳଖ ଅଣାଯାଇଥିବା ସ୍ୱତନ୍ତ୍ର ନୀତିକାନ୍ତି, ପାରମ୍ପରିକ ଶାଢ଼ୀ ଏବଂ ମହାପ୍ରସାଦ ଏଠାରେ ଅର୍ପଣ କରାଯାଇଥାଏ, ଯାହା ପୁରୀ ଏବଂ ଖୋର୍ଦ୍ଧା ମଧରେ ଏକ ଗଭିର ଆଧାତ୍ମିକ ସେତୁକୁ ପ୍ରତିଫଳିତ କରିଥାଏ।

ପାଇକ ବିଦ୍ରୋହ

ବରୁଣୀ ପାହାଡ଼ ଭାରତର ବ୍ରିଟିଶ ବିରୋଧୀ ସଂଗ୍ରାମର ଏକ ଗୌରବମୟ ଅଧ୍ୟାୟକୁ ଧାରଣ କରିଛି ଏବଂ ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରାଥମିକ ପ୍ରତିରୋଧର ଏକ ପ୍ରମୁଖ କେନ୍ଦ୍ର ଭାବରେ ପରିଚିତ। ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଅଧୀନକୁ ଆସିଥିବା ଶେଷ ସ୍ୱାଧୀନ ସ୍ଥାନୀୟ ଅଞ୍ଚଳଗୁଡ଼ିକ ମଧରୁ ଖୋର୍ଦ୍ଧା ଅନ୍ୟତମ। ପାହାଡ଼ ଉପତ୍ୟକା ଏବଂ ଖୋର୍ଦ୍ଧାଗଡ଼ର ଅବଶେଷଗୁଡ଼ିକ ରାଜା ମୁକୁନ୍ଦ ଦେବଙ୍କ ମୁଖ୍ୟ ପରାମର୍ଶଦାତା ତଥା ସେନାପତି ବୀର ଜୟୀ ରାଜଗୁରୁ (ଜୟକୃଷ୍ଣ ରାଜଗୁରୁ ମହାପାତ୍ର)ଙ୍କ ନେତୃତ୍ୱରେ ହୋଇଥିବା ଭୀଷଣ ଯୁଦ୍ଧର ସାକ୍ଷୀ ରହିଛି। ଯେତେବେଳେ ବ୍ରିଟିଶମାନେ ଏହି ଅଞ୍ଚଳକୁ ଅଧିକାର କରିବାକୁ ଚେଷ୍ଟା କରିଥିଲେ, ସେତେବେଳେ ଜୟୀ ରାଜଗୁରୁ ଓଡ଼ିଶାର ପାରମ୍ପରିକ ମିଲିସିଆ ତଥା ଯୋଦ୍ଧା ଗୋଷ୍ଠୀ ପାଇକମାନଙ୍କୁ ଏକାଠି କରିଥିଲେ। ବରୁଣୀ ପାହାଡ଼ର ରଣନୈତିକ ପ୍ରାକୃତିକ ଦୁର୍ଗରୁ ପରିଚାଳନା କରି, ପାଇକମାନେ ଉପନିବେଶବାଦୀ ଶକ୍ତି ବିରୁଦ୍ଧରେ ଏକ ଦୀର୍ଘସ୍ଥାୟୀ ଏବଂ ସାହସିକ ଯୁଦ୍ଧ ଲଢ଼ିଥିଲେ। ଯଦିଓ ବ୍ରିଟିଶମାନେ ଉନ୍ନତ ଅସ୍ତ୍ରଶସ୍ତ୍ର ଏବଂ ଭାଗ କର ଓ ରାଜ୍ କର ନୀତି ମାଧମରେ ଶେଷରେ ନିୟନ୍ତ୍ରଣ ହାସଲ କରିଥିଲେ—ଯାହା ୧୮୦୬ ମସିହାରେ ଜୟୀ ରାଜଗୁରୁଙ୍କ ଦୁଃଖଦ ଫାଶୀ ଏବଂ ୧୮୧୭ର ଐତିହାସିକ ପାଇକ ବିଦ୍ରୋହରେ ପର୍ଯ୍ୟବସିତ ହୋଇଥିଲା—ତଥାପି ବରୁଣୀ ମାଟିରେ ସ୍ୱାଧୀନତାର ସ୍ପନ୍ଦନ ସବୁଦିନ ପାଇଁ ଅମର ହୋଇ ରହିଛି। ଏହି ପାହାଡ଼ ସ୍ୱଦେଶୀ ପ୍ରତିରୋଧ, ବଳିଦାନ ଏବଂ ମାତୃଭୂମି ପ୍ରତି ପ୍ରେମର ଏକ ସ୍ମାରକୀ ଭାବରେ ସବୁଦିନ ପାଇଁ ଛିଡ଼ା ହୋଇଛି।

ଆଜିର ସାଂସ୍କୃତିକ ଗୁରୁତ୍ୱକୁ ବିଚାର କଲେ

ସାମ୍ପ୍ରତିକ ସମୟରେ, ମା' ବରୁଣୀ ଏକ ଜୀବନ୍ତ ସାଂସ୍କୃତିକ ଏବଂ ଧାର୍ମିକ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛନ୍ତି। ପ୍ରତିବର୍ଷ ରଜ ପର୍ବ ଏବଂ ଦଶହରା ସମୟରେ ହେଉଥିବା ଉତ୍ସବରେ ହଜାର ହଜାର ଭକ୍ତ ଏବଂ ପର୍ଯ୍ୟଟକ ଆଶୀର୍ବାଦ ଭିକ୍ଷା କରିବାକୁ, ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବାକୁ ଏବଂ ଓଡ଼ିଶାର ସାମରିକ ଗୌରବକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଆସିଥାନ୍ତି। ମା' ବରୁଣୀ କେବଳ ପଥର ଏବଂ ମନ୍ଦିର ନୁହଁନ୍ତି; ସେ ଖୋର୍ଦ୍ଧାର ଓ ଆମର ପ୍ରାଣସ୍ପନ୍ଦନ ଅଟନ୍ତି। ଅଶେଷ ପ୍ରାକୃତିକ ସୌନ୍ଦର୍ଯ୍ୟ, ଗଭୀର ଶାକ୍ତ ଆଧାତ୍ମିକତା ଏବଂ ଭୀଷଣ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗାଥାକୁ ଏକାଠି କରି, ବରୁଣୀ ପାହାଡ଼ ଓଡ଼ିଆ ପରିଚୟ ଏବଂ ଗୌରବର ଏକ ଅଦମ୍ୟ ସ୍ତମ୍ଭ ଭାବରେ ରହିଆସିଛି।

ଖୋର୍ଦ୍ଧା, (୬୩୭୦୬୭୫୫୬୨)



# ଆମ ସମୟର ଅବତାରୀ ପୁରୁଷ

## ମୋଦିଙ୍କୁ ବିଶ୍ୱନେତାଙ୍କ ଭୂୟସୀ ପ୍ରଶଂସା | ଅପରାଜେୟ ୨୫ ପାଇଁ ବିଶ୍ୱ ଦରବାରରେ ସମ୍ମାନିତ

ନୂଆଦିଲ୍ଲୀ,୭।୧୦ଃ ସରକାରର ମୁଖ୍ୟ ଭାବରେ କ୍ରମାଗତ ୨୫ ବର୍ଷର ଏକ ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଶ୍ୱର ପ୍ରମୁଖ ନେତାମାନେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ୨୦୦୧ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ଓ ପରବର୍ତ୍ତୀ ସମୟରେ ୨୦୧୪ରୁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବା ପର୍ଯ୍ୟନ୍ତ ଏହି ୨୫ ବର୍ଷର ଯାତ୍ରାକୁ ବିଶ୍ୱ ନେତାମାନେ ପ୍ରଶଂସା କରିଛନ୍ତି। ତାଙ୍କର ପରିବର୍ତ୍ତନକାରୀ ନେତୃତ୍ୱ, ସୁଶାସନ ପ୍ରତି ନିଷ୍ଠା ଏବଂ ବିଶ୍ୱ ଶାନ୍ତି ତଥା ନିରନ୍ତର ବିକାଶ ପ୍ରତି ଥିବା ପ୍ରତିବଦ୍ଧତାକୁ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନେ ସାଧୁବାଦ ଜଣାଇଛନ୍ତି।

ଭୁଟାନର ପ୍ରଧାନମନ୍ତ୍ରୀ ଶେରିଙ୍ଗ ତୋବଗେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅଭିନନ୍ଦନ ଜଣାଇ "ଆମ ସମୟର ଜଣେ ଅବତାରୀ ପୁରୁଷ" ବୋଲି ଅଭିହିତ କରିଛନ୍ତି। ସେହିପରି ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁ କହିଛନ୍ତି ଯେ, ଗଣତନ୍ତ୍ରରେ ୨୫ ବର୍ଷ ଧରି ନିରବିଚ୍ଛିନ୍ନ ନେତୃତ୍ୱ ପ୍ରଦାନ କରିବା ଏକ ବିରଳ ସଫଳତା। ଗୁଜରାଟର ରୂପାନ୍ତରଣଠାରୁ ଆରମ୍ଭ କରି ଭାରତକୁ ବିଶ୍ୱର ଅନ୍ୟତମ ବୃହତ୍ତମ ତଥା ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ଭାବେ ଗଢ଼ିତୋଳିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେ ମତ ଦେଇଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି କେବଳ ଭାରତର ବିକାଶକୁ ତ୍ୱରାନ୍ୱିତ କରିନାହାଁନ୍ତି ବରଂ ଅନ୍ତର୍ଜାତୀୟ ସ୍ତରରେ ଦେଶର ପ୍ରତିଷ୍ଠାକୁ ମଧ୍ୟ ନୂତନ ଉଚ୍ଚତାକୁ ନେଇଯାଇଛନ୍ତି। ଆସନ୍ତା ବର୍ଷ ଜାପାନ-ଭାରତ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ ହେବାକୁ ଥିବାବେଳେ ଦୁଇ ଦେଶର ରଣନୀତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ସେ ଆଶା ପ୍ରକାଶ କରିଛନ୍ତି। ଫିଲିପାଇନ୍ସ ରାଷ୍ଟ୍ରପତି, ନେପାଳ ପ୍ରଧାନମନ୍ତ୍ରୀ, ବୋତ୍ସ୍ୱାନା ରାଷ୍ଟ୍ରପତି, ବେଲଜିୟମ ପ୍ରଧାନମନ୍ତ୍ରୀ, ଡୋମିନିକା ପ୍ରଧାନମନ୍ତ୍ରୀ ଏବଂ ସର୍ବିଆର ପୂର୍ବତନ ରାଷ୍ଟ୍ରପତି ପ୍ରମୁଖ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ୨୫ ବର୍ଷର ସଫଳ ଯାତ୍ରା ପାଇଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରିଛନ୍ତି।

ସିଇସି ନିଯୁକ୍ତି ଆଇନ ଉପରେ ନିଷ୍ପତ୍ତି ପ୍ରତ୍ୟାହାର ମାମଲା

# ଆମେ ଯାଞ୍ଚ କରିବୁ ଓ ତା'ପରେ ନିଷ୍ପତ୍ତି ନେବୁ: ସିଜେଆଇ

ନୂଆଦିଲ୍ଲୀ,୭।୧୦ଃ ସୁପ୍ରିମକୋର୍ଟରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତି ଆଇନ ନେଇ ନିଷ୍ପତ୍ତି ପ୍ରତ୍ୟାହାର ଲାଗି ଆବେଦନ ଦାୟର ହୋଇଛି। ଏହି ଆବେଦନ ଉପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ 'ସେ ଆବେଦନର ଯାଞ୍ଚ କରିବେ' ବୋଲି ବୁଧବାର କହିଛନ୍ତି।



ବରିଷ୍ଠ ଓକିଲ ଗୋପାଳ ଶଙ୍କର ନାରାୟଣନ ସିଜେଆଇଙ୍କ ନିକଟରେ ଏହି ଆବେଦନ ଦାଖଲ କରିଛନ୍ତି। ନାରାୟଣନ ସ୍ପଷ୍ଟ ଭାବେ କହିଛନ୍ତି ଯେ ଏହା ଏକ ଇଣ୍ଟର ଲୋକ୍ୟୁଟାରୀ ଆପ୍ଲିକେସନ ଅଟେ, ଯାହାକୁ ୨୩ ସେପ୍ଟେମ୍ବର ନିଷ୍ପତ୍ତି ପ୍ରତ୍ୟାହାର ଲାଗି ଦାୟର କରାଯାଇଛି।

ଏହି ନିଷ୍ପତ୍ତି ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ବେଞ୍ଚ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନର(ନିଯୁକ୍ତି, ସେବା ସର୍ତ୍ତ ଓ କାର୍ଯ୍ୟକାଳ) ଅଧିନିୟମ ୨୦୨୩କୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଉପରେ ଶୁଣାଇଥିଲେ। ତେବେ ସିଜେଆଇ ଏହି ମାମଲା ଉପରେ ବିଚାର କରିବା ପାଇଁ ସହମତି ଦେଇ କହିଛନ୍ତି ଯେ 'ଆମେ ଯାଞ୍ଚ କରିବୁ ଓ ତା'ପରେ ନିଷ୍ପତ୍ତି ନେବୁ'। ସିଜେଆଇ ଏହା ବି କହିଛନ୍ତି ଯେ ଏ ନେଇ ଏକ କ୍ୟୁରେଟିଭ ପିଟିସନ ଦାୟର ହୋଇଥିବା ମଧ୍ୟ ଆମ୍ଭେ ପଢ଼ିଛୁ। ବରିଷ୍ଠ ଓକିଲ ଶଙ୍କର ନାରାୟଣନ 'ହଁ'ରେ ଏହାର ଉତ୍ତର ଦେଇଛନ୍ତି ଓ କହିଛନ୍ତି ଯେ ଏହାକୁ କେହି ଅନ୍ୟ ଦାୟର କରିଥାଇ ପାରନ୍ତି, ତେବେ କ୍ୟୁରେଟିଭ ପିଟିସନ ପୂର୍ବରୁ ରିଭ୍ୟୁ ପିଟିସନ ରୁଜୁ ହେବା କଥା।

ନାରାୟଣନ କହିଛନ୍ତି ଯେ ତେବେ ମୋ ମାମଲା ଏକ ଇଣ୍ଟର ଲୋକ୍ୟୁଟରୀ ଆପ୍ଲିକେସନ। ଏହି ଆପ୍ଲିକେସନ ସେହି ଆଧାରରେ ଦାୟର ହୋଇଥିଲା ଯେ ବେଞ୍ଚରେ ସାମିଲ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମା ପକ୍ଷପାତି ହେବାର ଆଶଙ୍କା ଥିଲା, କାରଣ ତାଙ୍କ ପୁଅ ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଲାଗି ଷ୍ଟାଣ୍ଡିଂ କାଉନସିଲ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ସେପ୍ଟେମ୍ବର ୨୩ରେ ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ବେଞ୍ଚ ସିଇସି ଆଇନକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକୁ ବଡ଼ ବେଞ୍ଚକୁ ପଠାଇବାରେ ପୃଥକ ପୃଥକ ରାୟ ରଖିଥିଲେ। ଗୋଟିଏ ପଟେ ଜଷ୍ଟିସ ଦତ୍ତ ଏପରି କିଛି ଜରୁରି ନୁହେଁ ବୋଲି କହିଥିବା ବେଳେ ଜଷ୍ଟିସ୍ ଶର୍ମାଙ୍କ ରାୟ ପୃଥକ ଥିଲା। ତେବେ ଶେଷରେ ବେଞ୍ଚ ମାମଲାକୁ ୫ ଜଜଙ୍କ ବେଞ୍ଚକୁ ପଠାଇ ଦେଇଛନ୍ତି ଓ ଏହାକୁ ସିଜେଆଇଙ୍କ ସାମ୍ନାରେ ରଖିଛନ୍ତି।

# ପାର୍କିଂ ଟ୍ରକ୍‌କୁ ଧକ୍କା ଦେଲା ଅନିୟନ୍ତ୍ରିତ କାର୍, ତିନି ଟେନିସ୍ ଖେଳାଳି ମୃତ



ସୁଲତାନପୁର,୭।୧୦ଃ 'ଏକ୍ସପ୍ରେସ୍‌ୱେ'ର କଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରକ୍‌କୁ ଅନିୟନ୍ତ୍ରିତ କାର୍ ଶକ୍ତ ଧକ୍କା ଦେବା ଫଳରେ ୩ଜଣ ଟେନିସ୍ ଖେଳାଳିଙ୍କର ମୃତ୍ୟୁ ଘଟିଛି। ଉତ୍ତର ପ୍ରଦେଶର ପୂର୍ବାଞ୍ଚଳ ଏକ୍ସପ୍ରେସୱେରେ ଆଜି ସକାଳୁ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମାଇଲଷ୍ଟୋନ ୯୭.୫ ନିକଟରେ ଦ୍ରୁତଗାମୀ କାର ନିୟନ୍ତ୍ରଣ ହରାଇ ପାର୍କିଂ ହୋଇଥିବା ଏକ ଟ୍ରକ୍ ସହିତ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଧକ୍କା ଏତେ ତୀବ୍ର ଥିଲା ଯେ ଏର୍ଟିଗା କାରଟି ଖଣ୍ଡ ଖଣ୍ଡ ହୋଇ ଯାଇଥିଲା। ପଥଚାରୀ ଓ ୟୁପିଡିଏ ସୁରକ୍ଷା କର୍ମୀମାନେ ବହୁତ ଚେଷ୍ଟା ପରେ କାରର ଗେଟ୍ ଭାଙ୍ଗି ଆହତମାନଙ୍କୁ ବାହାର କରିଥିଲେ। ଆହତମାନଙ୍କୁ ଆମ୍ବୁଲାନ୍ସ ଦ୍ୱାରା ଅଯୋଧ୍ୟା ମେଡିକାଲ୍ କଲେଜକୁ ପଠାଯାଇଥିଲା, ଯେଉଁଠାରେ ଡାକ୍ତର ତିନି ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନଙ୍କୁ ନିତ୍ୟ ପ୍ରଜାପତି, ଇରଫାନ ଅନସାରୀ ଓ ଅନିକେତ ବୋଲି ଚିହ୍ନଟ କରାଯାଇଛି। ସେମାନେ ଲକ୍ଷ୍ନୌରୁ ଦେଓରିଆ ଯାତ୍ରା କରୁଥିଲେ।

ରାଜ୍ୟସଭା ଟିକେଟ୍ ଅସନ୍ତୋଷ!

# ବିଜେପି ସାଂସଦ ଲେଖିଲେ 'ଟାଟା ବାଏ-ବାଏ'



ଲକ୍ଷ୍ନୌ, ୭।୧୦ଃ ରାଜ୍ୟସଭା ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବା ପରେ ଉତ୍ତର ପ୍ରଦେଶର ବରେଲିର ପୂର୍ବତନ ବିଜେପି ସାଂସଦ ଧର୍ମେନ୍ଦ୍ର କଶ୍ୟପଙ୍କ ଏକ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ସେ ନିଜ ଫେସବୁକ୍ ଆକାଉଣ୍ଟରେ କେବଳ 'ଟାଟା ବାଏ-ବାଏ' ଲେଖିବା ପରେ ଏହା ଭାଇରାଲ୍ ହୋଇଯାଇଛି, ଯାହାକୁ ନେଇ ସେ ଦଳ ଛାଡ଼ିବେ କି ନାହିଁ ସେନେଇ କଳ୍ପନାଜଳ୍ପନା ଜାରି ରହିଛି। ପୋଷ୍ଟ ସାମ୍ନାକୁ ଆସିବା ପରେ ତାଙ୍କ ସମର୍ଥକ ଓ କାର୍ଯ୍ୟକର୍ତ୍ତାମାନେ ତାଙ୍କ ଘରେ ପହଞ୍ଚିଥିଲେ ଓ ଫୋନ୍ ମଧ୍ୟ କ୍ରମାଗତ ଭାବେ ବାଜିବାକୁ ଲାଗିଥିଲା। ରାଜ୍ୟସଭା ତାଲିକାରେ ନିଜର କିମ୍ବା ନିଜ ଝିଅ କୀର୍ତ୍ତି କଶ୍ୟପଙ୍କ ନାଁ ନଥିବାରୁ ସେ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି। ତେବେ ଏହି ପୋଷ୍ଟ ସମ୍ପର୍କରେ ମତ ରଖି ଧର୍ମେନ୍ଦ୍ର କଶ୍ୟପ କହିଛନ୍ତି ଯେ ରାଜ୍ୟସଭା ସହ ଏହାର କୌଣସି ସମ୍ପର୍କ ନାହିଁ। କିନ୍ତୁ ୨୦୨୪ ନିର୍ବାଚନରେ ଯେଉଁମାନେ ତାଙ୍କୁ ଖୋଲାଖୋଲି ବିରୋଧ କରିଥିଲେ, ସେମାନେ ଯଦି ଦଳରେ ଆଗଧାଡ଼ିରେ ବସିବେ, ତେବେ ତାଙ୍କ ଭଳି ବ୍ୟକ୍ତିଙ୍କ ପାଇଁ 'ଟାଟା-ବାଏ-ବାଏ' କହିବା ସ୍ୱାଭାବିକ ବୋଲି ସେ କହିଛନ୍ତି।

ପ୍ରେମାନନ୍ଦ ମହାରାଜଙ୍କ ୫ କୋଟି ଟଙ୍କା ପ୍ରଦାନ ଅଭିଯୋଗ

# ଦୃଢ଼ ଖଣ୍ଡନକଲା ବିରାଟ କୋହଲିଙ୍କ ଟିମ୍



ନୂଆଦିଲ୍ଲୀ, ୭।୧୦ଃ ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟ ଦୀପକ ଲୋଦିଙ୍କ ମୃତ୍ୟୁ ପରେ 'କେଳିକୁଞ୍ଜ ଆଶ୍ରମ'କୁ ନେଇ ବିଭିନ୍ନ ଚର୍ଚ୍ଚା ଜାରି ରହିଛି। ଏହି କ୍ରମରେ 'ଶ୍ରୀକୃଷ୍ଣ ଜନ୍ମଭୂମି ସଂଘର୍ଷ ନ୍ୟାସ'ର ସଭାପତି ଫଳାହାରୀ ମହାରାଜ ଏକ ଚାଞ୍ଚଲ୍ୟକର ଦାବି କରି ଅଭିଯୋଗ କରିଥିଲେ ଯେ, ପ୍ରସିଦ୍ଧ କ୍ରିକେଟର ବିରାଟ କୋହଲି ଓ ତାଙ୍କ ଅଭିନେତ୍ରୀ ପତ୍ନୀ ଅନୁଷ୍କା ଶର୍ମା ପ୍ରମୋଶନ ଲାଗି ୫ କୋଟି ଟଙ୍କା ନେଇ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଥିଲେ। ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ ବର୍ତ୍ତମାନ ବିରାଟ କୋହଲିଙ୍କ ଟିମ୍ ପକ୍ଷରୁ ଏକ ଆନୁଷ୍ଠାନିକ ବିବୃତି ଜାରି କରାଯାଇଛି। ବିରାଟ କୋହଲିଙ୍କ ମୁଖପାତ୍ର ସ୍ପଷ୍ଟ ଭାବେ କହିଛନ୍ତି ଯେ ଫଳାହାରୀ ମହାରାଜ (ଦିନେଶ ଶର୍ମା) କରିଥିବା ଏହି ଦାବି ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ଓ ତଥ୍ୟଗତ ଭାବେ ଭୁଲ ଅଟେ। ବିରାଟ କୋହଲି କେବଳ ନିଜର ଗଭୀର ବିଶ୍ୱାସ ଓ ଶ୍ରଦ୍ଧାବଶତଃ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଥାନ୍ତି ବୋଲି ସ୍ପଷ୍ଟ କରାଯାଇଛି।

# ପୈତୃକ ସମ୍ପତ୍ତି ବିକିବେ ରାଜପାଲ ଯାଦବ

ମୁମ୍ବାଇ,୭।୧୦ ଃ ଅଭିନେତା ରାଜପାଲ ଯାଦବଙ୍କ ପୈତୃକ ସମ୍ପତ୍ତି ବିକ୍ରି କରିବା ପ୍ରସ୍ତାବକୁ ସୁପ୍ରିମକୋର୍ଟ ବୁଧବାର ମଞ୍ଜୁରୀ ଦେଇଛନ୍ତି। ୨୦୧୨ ମସିହାରେ ଏକ ଚଳଚ୍ଚିତ୍ର ପାଇଁ ନିଆଯାଇଥିବା ଋଣ ସହିତ ଜଡ଼ିତ ଚେକ୍ ବାଉନ୍ସ ମାମଲାରେ ବକେୟା ରାଶି ପରିଶୋଧ କରିବା ପାଇଁ ରାଜପାଳ ଏଭଳି କରିବେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ରାଜପାଲ ଯାଦବ ୨ କୋଟି ଟଙ୍କା ପ୍ରଦାନ କରିବା ପାଇଁ ଏକ ଡିମାଣ୍ଡ ଡ୍ରାଫ୍ଟ ବ୍ୟବସ୍ଥା କରିଛନ୍ତି।

ୟୁପି ରାଜ୍ୟସଭା ନିର୍ବାଚନ

# ତୃତୀୟ ପ୍ରାର୍ଥୀ ଦେବାରୁ ଓହରିଲା ସମାଜବାଦୀ ପାର୍ଟି

## ବିନା ପ୍ରତିଦ୍ୱନ୍ଦ୍ୱିତାରେ ହେବ ନିର୍ବାଚନ

ଲକ୍ଷ୍ନୌ,୭।୧୦ଃ ଉତ୍ତର ପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ହେବାକୁଥିବା ନିର୍ବାଚନରେ କୌଣସି ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ଏକପ୍ରକାର ଟଳିଯାଇଛି। ସମାଜବାଦୀ ପାର୍ଟି (ଏସ୍‌ପି) ତୃତୀୟ ପ୍ରାର୍ଥୀ ଦେବାରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛି। ଏହାଫଳରେ ଭାଜପା ଆଠ ଜଣ ଓ ସମାଜବାଦୀ ପାର୍ଟି ଦୁଇ ଜଣ ପ୍ରାର୍ଥୀଙ୍କ ସହିତ ମୋଟ ୧୦ଟି ଆସନରେ ସମସ୍ତ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବା ନେଇ ସ୍ପଷ୍ଟ ହୋଇଯାଇଛି। ପ୍ରଥମେ ସମାଜବାଦୀ ପାର୍ଟି ତୃତୀୟ ପ୍ରାର୍ଥୀ ଦେବା ପାଇଁ ସମସ୍ତ ପ୍ରସ୍ତୁତି ଏବଂ ଆନୁଷ୍ଠାନିକ କାର୍ଯ୍ୟ ଶେଷ କରିଥିଲା। ମାତ୍ର ସଂଖ୍ୟା ଗଣନା ଓ କ୍ରସ୍-ଭୋଟିଂ ଆଶଙ୍କାକୁ ଦୃଷ୍ଟିରେ ରଖି ମଙ୍ଗଳବାର ସକାଳେ ଦଳ ନିଜର ନିଷ୍ପତ୍ତି ବଦଳାଇଥିଲା। ଏନେଇ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ



ସୋସିଆଲ୍ ମିଡିଆ 'ଏକ୍ସ'ରେ ଲେଖିଛନ୍ତି ଯେ ବର୍ତ୍ତମାନ ଆମର ନଜର ତିନୋଟି ଆସନ ଉପରେ ନୁହେଁ, ବରଂ ୪୦୩ଟି ଆସନ ଉପରେ ରହିଛି, ଯାହାକି ଆଗାମୀ ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପ୍ରତି ଦଳର ଫୋକସ୍ ସ୍ପଷ୍ଟ କରିଛି।

# ୟୁକ୍ରେନ ଉପରେ ୭୦ରୁ ଊର୍ଦ୍ଧ୍ୱ କ୍ଷେପଣାସ୍ତ୍ର ମାଡ଼, ୧୧ ନିହତ



ମସ୍କୋ,୭।୧୦ଃ ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହାର ସେନା କିଭ୍ ଏବଂ ୟୁକ୍ରେନର ଅନ୍ୟାନ୍ୟ ଅଞ୍ଚଳରେ ସାମରିକ ଶିଳ୍ପ ଲକ୍ଷ୍ୟସ୍ଥଳ ଉପରେ ଅସ୍ତ୍ର ଏବଂ ଡ୍ରୋନ୍ ବ୍ୟବହାର କରି ଏକ ବଡ଼ ଆକ୍ରମଣ କରିଛି। ମନ୍ତ୍ରଣାଳୟ କହିଛି, ଆକ୍ରମଣରେ ସ୍ଥଳ, ସମୁଦ୍ର ଏବଂ ଆକାଶ ମାର୍ଗରୁ ନିକ୍ଷେପ କରାଯାଉଥିବା ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ସାମିଲ ଥିଲା। ମନ୍ତ୍ରଣାଳୟ ଅନୁଯାୟୀ, କିଭରେ ଫାୟାର ପଏଣ୍ଟ ଦ୍ୱାରା ପରିଚାଳିତ ସୁବିଧାଗୁଡ଼ିକୁ ମଧ୍ୟ ଆକ୍ରମଣ କରାଯାଇଛି। ସେଠାରେ ଫ୍ଲେମିଙ୍ଗୋ କ୍ରୁଜ୍ ମିସାଇଲ ଏବଂ ମଧ୍ୟମ ତଥା ଦୂରଗାମୀ ଡ୍ରୋନ୍ ନିର୍ମାଣ ଓ ସଂରକ୍ଷଣ କରାଯାଉଥିବା ଜଣାପଡ଼ିଛି। ଏହି ଆକ୍ରମଣରେ ୧୧ ଜଣ ପ୍ରାଣ ହରାଇଛନ୍ତି।

ରଏଟର୍ସ ରିପୋର୍ଟ କରିଛି ଯେ କିଭ୍, ଚେର୍ନିହିଭ୍, କିରୋଭୋହ୍ରାଦ୍, ପୋଲ୍ଟାଭା ଏବଂ ଖାରକିଭ୍ ଅଞ୍ଚଳରେ ସାମରିକ-ଶିଳ୍ପ ଲକ୍ଷ୍ୟସ୍ଥଳ ଉପର ଆକ୍ରମଣ କରାଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନସ୍କି କହିଛନ୍ତି ଯେ, ଦେଶର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରି ପ୍ରାୟ ୭୦ଟି କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରାଯାଇଛି।

# ୟୁକ୍ରେନ୍ ଡ୍ରୋନ୍ ମାଡ଼ରେ ଜଳିଗଲା ଟ୍ୟାଙ୍କର

- ୨୩ ଭାରତୀୟ ନାବିକ ସୁରକ୍ଷିତ
- ଚିନ୍ତା ପ୍ରକଟ କଲା ଭାରତ

ମସ୍କୋ,୭।୧୦ଃ ରୁଷର ବ୍ଲାକ ସି ଉପକୂଳରେ ମଙ୍ଗଳବାର ଦିନ ଏକ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ଯୋଗୁଁ ଲାଇବେରିଆନ ପତାକା ବହନ କରୁଥିବା ଆଫ୍ରାମାକ୍ସ ରିଓରେ ନିଆଁ ଲାଗିଛି। ଏଥିରେ ୨୩ ଜଣ ଭାରତୀୟ କ୍ରୁ ସଦସ୍ୟ ଥିଲେ। ରୁଷ ଅଧିକାରୀଙ୍କ ଅନୁଯାୟୀ, ସମସ୍ତଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା। ରୁଷର ପରିବହନ ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ଟ୍ୟାଙ୍କର ଉପରେ ନୌସେନା ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିଲା। ସୋଚି ନିକଟବର୍ତ୍ତୀ କୃଷ୍ଣ ସାଗରରେ ନିଆଁ ଲାଗିଯାଇଥିଲା। ନିଆଁର ତୀବ୍ରତା ଯୋଗୁଁ ପ୍ରଥମେ ନିଆଁ ଲିଭାଇ ପାରିନଥିଲେ। କିନ୍ତୁ ପରେ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ନିୟୋଜିତ କରାଯାଇଥିଲା। ଟ୍ୟାଙ୍କରରେ ଥିବା ସମ୍ପୂର୍ଣ୍ଣ କ୍ରୁ ଭାରତୀୟ ଥିଲେ। ଭାରତର ବୈଦେଶିକ ମନ୍ତ୍ରଣାଳୟ ପୂର୍ବରୁ ବ୍ଲାକ୍ ସି ଏବଂ ହରମୁଜ୍ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ନିନ୍ଦା କରିଛି।

# ପରମାଣୁ ସର୍ତ୍ତରୁ ପଛକୁ ହଟିଲା ୱାଶିଂଟନ

## ଯୁଦ୍ଧରେ ଆମେରିକାର ହୋଇଛି ପ୍ରଭୂତ କ୍ଷତି

ୱାଶିଂଟନ,୭।୧୦ଃ ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ସଂଘର୍ଷ ଏବଂ କୂଟନୈତିକ ଆଲୋଚନାକୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଇରାନ ସହ ଚାଲିଥିବା ପରମାଣୁ ଆଲୋଚନାରେ ଆମେରିକା ନିଜର ପୂର୍ବ ପ୍ରାଥମିକ ସର୍ତ୍ତରୁ ପଛକୁ ହଟିଛି। ପୂର୍ବରୁ ୟୁରାନିୟମ ସମୃଦ୍ଧି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆମେରିକା ଜିଦ୍ ଧରିଥିବାବେଳେ, ବର୍ତ୍ତମାନ ଏହାକୁ ସୀମିତ କରିବା କଥା କହୁଛି। ଆମେରିକାର ଉପାଧ୍ୟକ୍ଷ ଜେଡି ଭାନ୍ସଙ୍କ କହିବାନୁଯାୟୀ, ଇରାନକୁ ନିଜର ୬୦ ପ୍ରତିଶତ ସମୃଦ୍ଧ ଇନ୍ଧନ କ୍ଷମତା ହ୍ରାସ କରିବାକୁ ପଡ଼ିବ ଏବଂ କେବଳ ପ୍ରତିଶ୍ରୁତି ଦେଲେ ଚଳିବ ନାହିଁ,



ବରଂ ଭୂମିସ୍ତରରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ହେବ। ଅନ୍ୟପକ୍ଷରେ, ଇରାନ ସହ ଚାଲିଥିବା ଯୁଦ୍ଧରେ ଆମେରିକାକୁ ବଡ଼ଧରଣର ସାମରିକ କ୍ଷତି ସହିବାକୁ ପଡ଼ିଛି। ଆମେରିକୀୟ କଂଗ୍ରେସର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ୩.୩ ବିଲିୟନ ଡଲାରର କ୍ଷତି ସହିଥିବାବେଳେ ୮୧ଟି ସାମରିକ ବିମାନ, ଡ୍ରୋନ୍ ଏବଂ ହେଲିକପ୍ଟର ନଷ୍ଟ ହୋଇଛି।

ଏହି କ୍ଷତିଗ୍ରସ୍ତ ତାଲିକାରେ ଗୋଟିଏ ଅତ୍ୟାଧୁନିକ ଏଫ-୩୫ଏ ଲାଇଟନିଂ-୨ ଷ୍ଟିଲଥ୍ ଫାଇଟର ଜେଟ୍, ୧୨ଟି ଏଫ-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଏବଂ ୪୫ଟି ଏମକ୍ୟୁ-୯ ରିପର ଡ୍ରୋନ୍ ସାମିଲ ଅଛି। ଯୁଦ୍ଧ ପ୍ରାରମ୍ଭରେ 'ଫ୍ରେଣ୍ଡଲି ଫାୟାର' (ନିଜ ଦେଶର ସେନା ଗୁଳିମାଡ଼) ଏବଂ ଇରାନୀ ଆକ୍ରମଣରେ ଏହି କ୍ଷତି ଘଟିଛି। ମଧ୍ୟପ୍ରାଚ୍ୟରେ ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରି ଇରାନ ଏହି ବଡ଼ ଆକ୍ରମଣ କରିଥିଲା। ବର୍ତ୍ତମାନ ଏତେସବୁ କ୍ଷତି ସତ୍ତ୍ୱେ ଆମେରିକା ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରିବା ପାଇଁ କୂଟନୈତିକ ଏବଂ କଠୋର ସାମରିକ ଚାପ ଜାରି ରଖିଛି।

# ଯୁଦ୍ଧ ବନ୍ଦ ପାଇଁ ଭାରତର ତ୍ରିପାକ୍ଷିକ ଶାନ୍ତି ପ୍ରସ୍ତାବ

## ୟୁକ୍ରେନ୍ ଓ ରୁଷର ଉଚ୍ଛ୍ୱସିତ ପ୍ରଶଂସା



ମସ୍କୋ/କିଭ୍,୭।୧୦ଃ ଦୀର୍ଘ ପାଞ୍ଚ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଭାରତ ପକ୍ଷରୁ ଏକ ତିନୋଟି ପ୍ରମୁଖ ଦିଗବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଓ ଯୁଦ୍ଧବିରତି ପ୍ରସ୍ତାବ ଆଗତ କରାଯାଇଛି। ଗତମାସରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ କିଭ୍ ଗସ୍ତ ସମୟରେ ହସ୍ତାନ୍ତର କରାଯାଇଥିବା ଏହି ପ୍ରସ୍ତାବରେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ, କୃଷ୍ଣସାଗର ମାଧ୍ୟମରେ ଖାଦ୍ୟଶସ୍ୟ ଓ ଶକ୍ତି ପରିବହନ ସୁରକ୍ଷିତ ରଖିବା ଏବଂ ବାଣିଜ୍ୟିକ ଜାହାଜ ଚଳାଚଳ ଉପରେ କଟକଣା ହଟାଇବା ଭଳି ଦିଗ ସାମିଲ ରହିଛି, ଯାହାକୁ ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା ସବୁଠାରୁ ବ୍ୟାପକ ଏବଂ ଗ୍ରହଣଯୋଗ୍ୟ ପ୍ରସ୍ତାବ ବୋଲି କହିଛନ୍ତି।

ତୁର୍କୀ, ମିଶର ଓ ଆମେରିକା ପକ୍ଷରୁ ଆସିଥିବା ଯୁଦ୍ଧବିରତି ପ୍ରସ୍ତାବ ତୁଳନାରେ ଭାରତର ପ୍ରସ୍ତାବ ଅଧିକ ବାସ୍ତବବାଦୀ ହୋଇଥିବା ବେଳେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରପେକ୍ଷ ଆଭିମୁଖ୍ୟ ଓ ଶାନ୍ତି ପ୍ରଚେଷ୍ଟାର ଉଚ୍ଚ ପ୍ରଶଂସା କରିଛନ୍ତି। ବୈଦେଶିକ ମନ୍ତ୍ରୀ ଜୟଶଙ୍କର ମଧ୍ୟ ଦିଲ୍ଲୀରେ ଅନୁଷ୍ଠିତ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ ଭାରତ କେବଳ ପରାମର୍ଶ ମଧ୍ୟରେ ସୀମିତ ନରହି ଦୁଇ ଦେଶ ସହ ସୀମାନ୍ତ ବିବାଦ ଓ ଶତ୍ରୁତା ହ୍ରାସ ପାଇଁ ବ୍ୟାବହାରିକ ଆଲୋଚନା ଜାରି ରଖିଛି। ରୁଷ ସହ ନିବିଡ଼ ସାମରିକ ଓ ଦ୍ୱିପାକ୍ଷିକ ସମ୍ପର୍କ ହେତୁ ଭାରତ ଏହି ଯୁଦ୍ଧରେ ନିଜକୁ ନିରପେକ୍ଷ ରଖି ଆସିଥିଲେ ମଧ୍ୟ କୂଟନୈତିକ ସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ ଏବେ ପ୍ରମୁଖ ମଧ୍ୟସ୍ଥ ଭୂମିକା ଗ୍ରହଣ କରିଛି।

# ଭୁଶୁଡ଼ିଲା ୪ ମହଲା କୋଠା, ୨ ଆହତ



ନୂଆଦିଲ୍ଲୀ,୭।୧୦ଃ ପୂର୍ବ ଦିଲ୍ଲୀର ସୀମାପୁରୀ ଅଞ୍ଚଳରେ ବୁଧବାର ଏକ ପୁରୁଣା ୪ ମହଲା କୋଠା ଭୁଶୁଡ଼ି ପଡ଼ିଛି। ଘର ଭୁଶୁଡ଼ି ପଡ଼ିବା ନେଇ ଦମକଳ ବିଭାଗକୁ ଅପରାହ୍ଣ ୩ଟା ୩୨ ମିନିଟ୍‌ରେ ସୂଚନା ମିଳିଥିଲା। ଏହା ସହିତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିବା ସାଙ୍ଗକୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଅଭିଯାଇ ଆରମ୍ଭ କରିଛନ୍ତି। ଘର ଧ୍ୱଂସାବଶେଷ ତଳେ ୪ ଜଣ ଲୋକ ଫଶି ରହିଥିବାର ଆଶଙ୍କା କରାଯାଉଛି। ଘଟଣାରେ ୨ ଜଣ ଆହତ ହୋଇଛନ୍ତି। କୁହାଯାଉଛି ଯେଉଁ ଘରଟି ଭୁଶୁଡ଼ି ପଡ଼ିଛି ତାହା ଏକ ଏଲ ଆକୃତିର ଓ ୨୫ ଗଜ ଜମି ଉପରେ ନିର୍ମିତ ହୋଇଥିଲା। ଏହି ଘରଟି ଭୁଶୁଡ଼ି ପଡ଼ିବା ଯୋଗୁଁ ପଡ଼ିଶା ଘର ଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏହା ପୂର୍ବରୁ ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ସେପ୍ଟେମ୍ବର ୬ ତାରିଖ ଦିନ ଏକ ୫ ମହଲା ପିଜି ବିଲ୍ଡିଂ ଭୁଶୁଡ଼ି ପଡ଼ିବା ଯୋଗୁଁ ୭ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା।

# ଗୋଟିଏ ପରମାଣୁ, ଦୁଇଟି ପ୍ରତିଛବି

## ମିଳିଲା ନିର୍ଭୁଲ ଔଷଧ ପ୍ରସ୍ତୁତିର ମୂଳ ରହସ୍ୟ

ଷ୍ଟକହୋମ,୭।୧୦ଃ ଆମର ବାମ ଓ ଡାହାଣ ହାତ ଦେଖିବାକୁ ଏକାପରି ଲାଗୁଥିଲେ ମଧ୍ୟ ବାମହାତୀ ଗ୍ଲୋଭ୍‌ସକୁ ଡାହାଣ ହାତରେ ପିନ୍ଧିହୁଏ ନାହିଁ। ରସାୟନ ବିଜ୍ଞାନରେ ମଧ୍ୟ ଏହିପରି ଏକ ସମସ୍ୟା ରହିଛି। ଅନେକ ଅଣୁ ଦୁଇଟି ପ୍ରକାରର ହୋଇଥାଆନ୍ତି, ଯାହା ଦେଖିବାକୁ ପରସ୍ପରର ପ୍ରତିଛବି ପରି ହୋଇଥାଆନ୍ତି। ଏଥିରେ ସମାନ ପରମାଣୁ ଥିଲେ ମଧ୍ୟ ଜୀବଜଗତ ଭିତରେ ସେଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ସେଗୁଡ଼ିକରେ ସମାନ ଉପାଦାନ ବା ପରମାଣୁ ଥାଏ, କିନ୍ତୁ ସେମାନଙ୍କର ଗଠନ ଏପରି ଭାବରେ ସଜ୍ଜିତ ହୋଇଥାଏ ଯେ ସେଗୁଡ଼ିକୁ ଗୋଟିଏ ଉପରେ ଆଉ ଗୋଟିଏ ରଖିଲେ ସେଗୁଡ଼ିକ ସମ୍ପୂର୍ଣ୍ଣ ମେଳ ହୋଇପାରେ ନାହିଁ। କିପରି ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଏହିପରି ଦୁଇଟି ଅଣୁ ମଧ୍ୟରୁ କେବଳ ଗୋଟିଏ ପ୍ରକାରର ଅଣୁକୁ ଅଧିକ ମାତ୍ରାରେ ପ୍ରସ୍ତୁତ କରାଯାଇପାରିବ - ଏହି ଆବିଷ୍କାର ପାଇଁ ହେନ୍‌ରି ବି. କାଗାନ୍ ଓ କେନସୋ ସୋଇଙ୍କୁ ରସାୟନ ବିଜ୍ଞାନ ପାଇଁ ଚଳିତ ବର୍ଷର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି।

ଆମ ଶରୀରରେ ପ୍ରୋଟିନ୍ ଗଠନ କରୁଥିବା ଆମିନୋ ଏସିଡ୍ ଭଳି ଅନେକ ଅଣୁ ଦୁଇଟି ରୂପରେ ମିଳିଥାଏ। ପ୍ରୋଟିନ୍‌ର ମୁଖ୍ୟ ଗଠନମୂଳକ ଉପାଦାନ ବା ବିଲ୍ଡିଂ ବ୍ଲକ୍ ଭାବେ କାର୍ଯ୍ୟ କରୁଥିବା ଆମିନୋ



ଏସିଡ୍ ଦୁଇଟି ରୂପରେ ଅସ୍ତିତ୍ୱ ରଖିଥାଏ। ମାତ୍ର ଆଶ୍ଚର୍ଯ୍ୟର କଥା, ଜୀବଜଗତ ଏଗୁଡ଼ିକ ମଧ୍ୟରୁ କେବଳ ଗୋଟିଏ ରୂପକୁ ଅଧିକ ବ୍ୟବହାର କରିଥାଏ। ରସାୟନ ବିଜ୍ଞାନୀମାନେ ଏହି ଏକପାଖିଆ ପ୍ରବୃତ୍ତିକୁ 'ହୋମୋଚିରାଲିଟି' ବୋଲି କହିଥାଆନ୍ତି। ବୈଜ୍ଞାନିକମାନେ ଦୀର୍ଘକାଳ ଏପରି କାହିଁକି ହୁଏ ବୋଲି ଧରି ଚିନ୍ତା କରୁଥିଲେ। ସାଧାରଣତଃ ଯେତେବେଳେ ବୈଜ୍ଞାନିକମାନେ ଏହିପରି ଅଣୁ ତିଆରି କରିବାକୁ ଚେଷ୍ଟା କରୁଥିଲେ, ସେତେବେଳେ ଉଭୟ ପ୍ରକାରର ଅଣୁ ସମାନ ପରିମାଣରେ ବାହାରୁଥିଲା।

ଏକ ଶତାବ୍ଦୀରୁ ଅଧିକ ସମୟ ଧରି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହେଉଥିଲେ ଯେ ଜୀବଜଗତର ଏହି ପସନ୍ଦ ବା ପକ୍ଷପାତିତା କିପରି ସୃଷ୍ଟି ହେଲା। ଯେତେବେଳେ ବୈଜ୍ଞାନିକମାନେ ଏପରି ଅଣୁଗୁଡ଼ିକୁ କୃତ୍ରିମ ଭାବରେ ତିଆରି କରିବାକୁ ଚେଷ୍ଟା କରୁଥିଲେ, ସେତେବେଳେ ସେମାନଙ୍କର ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଉଭୟ ପ୍ରତିଛବି ରୂପ ସମାନ ପରିମାଣରେ ତିଆରି ହେଉଥିଲା। ତେଣୁ ପ୍ରକୃତି କିପରି କେବଳ ଗୋଟିଏ ମାତ୍ର ରୂପକୁ ବାଛିଥାଏ, ତାହା ବୁଝିବା ବୈଜ୍ଞାନିକଙ୍କ ପାଇଁ ଏକ ବଡ଼ ରହସ୍ୟ ଥିଲା। ଏହାକୁ ଉଭୟ ହେନ୍‌ରି ବି. କାଗାନ୍ ଓ କେନସୋ ସୋଇ ସମାଧାନ କରିଛନ୍ତି।

ଏହି ଆବିଷ୍କାର ଦ୍ୱାରା ବୈଜ୍ଞାନିକମାନେ ଜାଣିପାରିଛନ୍ତି ଯେ କିପରି ଗୋଟିଏ ପ୍ରକାରର ଅଣୁ ସୃଷ୍ଟି ହୋଇ ପ୍ରାଧାନ୍ୟ ବିସ୍ତାର କରିଥାଏ। ଔଷଧ ତିଆରି କରିବା ସମୟରେ ଏହାର ପ୍ରଭାବ ବହୁତ ରହିଛି। ଶରୀରରେ ଔଷଧ କିପରି କାମ କରିବ ତାହା ସଠିକ୍ ଅଣୁର ଚୟନ ଉପରେ ନିର୍ଭର କରିଥାଏ। ତେଣୁ ଏହି ଆବିଷ୍କାର ଉତ୍ତମ ଔଷଧ ତିଆରି କରିବାରେ ଓ ଜୀବଜଗତର ଏକ ମୂଳ ରହସ୍ୟକୁ ବୁଝିବାରେ ବଡ଼ ସାହାଯ୍ୟ କରିଛି।

### ରାହୁଲ-ପ୍ରିୟଙ୍କାଙ୍କ ଗିରଫଦାରୀକୁ ନେଇ ଇଣ୍ଡିମେଣ୍ଟର ହାଇଡ୍ରାମା

# ଗଣତନ୍ତ୍ରର ମହାସମରରେ ଦିଲ୍ଲୀ ରଣକ୍ଷେତ୍ର



- ପୁଲିସ ବସର ଟାୟାର୍ ପଙ୍କଚର କଲେ ବିରୋଧୀ
- ରାସ୍ତାରେ ଶୋଇଲେ ପ୍ରିୟଙ୍କା, ଦେଲେ ରଣହୁଙ୍କାର
- ପ୍ରତି ଏଫଆଇଆର ମୋ ପାଇଁ ମେଡାଲ: ରାହୁଲ

ନୂଆଦିଲ୍ଲୀ,୭।୧୦(ସଂଚାର ବ୍ୟୁରୋ): ଇଣ୍ଡିଆ ବ୍ଲକର ପ୍ରମୁଖ ନେତାମାନେ ଭୋଟର ତାଲିକା ସଂଶୋଧନ (ଭୋଟ୍ ଚୋରି ଅଭିଯୋଗ)କୁ ନେଇ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବରଖାସ୍ତ ଦାବିରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବିଶାଳ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିବାଦ ସମୟରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନେକ ବିରୋଧୀ ନେତାଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିଛି। ପ୍ରତିବାଦସ୍ଥଳରୁ ପୁଲିସ ଗାଡ଼ିରେ ବସାଇ ନେବା ସମୟରେ ଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଥିଲା। କଂଗ୍ରେସ କର୍ମୀମାନେ ପୁଲିସ ବସର ଗୋଟିଏ ଟାୟାରକୁ ପଙ୍କଚର କରିଦେଇଥିଲେ। ଏହାପରେ ରାହୁଲ ଗାନ୍ଧୀଙ୍କୁ ଅନ୍ୟ ଏକ ବସରେ ବାରାଖମ୍ବା ରୋଡ୍ ସ୍ଥିତ ପୁଲିସ ଷ୍ଟେସନକୁ ନିଆଯାଇଥିବା ବେଳେ କିଛି ଘଣ୍ଟା ପରେ ତାଙ୍କୁ ଖଲାସ କରାଯାଇଥିଲା। ରାହୁଲ ଓ ପ୍ରିୟଙ୍କାଙ୍କ ସହ କେ.ସି. ଭେନୁଗୋପାଳ, ପଓ୍ୱନ ଖେଡା, ଏଏ ରହିମ ଓ ଶିବଦାସନ ପ୍ରମୁଖ ଅଟକ ଥିବା ଅନ୍ୟାନ୍ୟ ନେତାମାନେ ମଧ୍ୟ ମୁକ୍ତ ହୋଇଛନ୍ତି।

ଆଜିର ପ୍ରଦର୍ଶନ ନିର୍ଦ୍ଧାରିତ ସ୍ଥାନ ଜନ୍ତରମନ୍ତରରେ ହେବାର ଥିଲା। ଇଣ୍ଡିଆ ବ୍ଲକର ନେତାମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଆମନ୍ତ୍ରଣ କ୍ରମେ ଦିଲ୍ଲୀର ଜନପଥସ୍ଥିତ ସାଗର ରତ୍ନ ରେଷ୍ଟୁରାଣ୍ଟରେ ଏକାଠି ହୋଇ 'ଭୋଟ୍ ଚୋରି' ପ୍ରସଙ୍ଗ ଓ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ଆଗକୁ ବଢ଼ାଇବା ପାଇଁ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମଧ୍ୟାହ୍ନଭୋଜନ ସାରି ସାଂସଦମାନେ ସେଠିରେ ବସି ଜନ୍ତର ମନ୍ତର ଆଡ଼କୁ ଯାଇଥିଲେ। କିନ୍ତୁ ପୂର୍ବରୁ କୌଣସି ଅନୁମତି ନିଆଯାଇ ନ ଥିବା ଦର୍ଶାଇ ପୁଲିସ ସମସ୍ତ ରାସ୍ତା ବ୍ୟାରିକେଡ୍ କରି ବସଗୁଡ଼ିକୁ ଅଟକାଇଥିଲା। ପ୍ରାରମ୍ଭରେ ରାହୁଲ ଗାନ୍ଧିଙ୍କ ସମେତ ସମସ୍ତ ନେତାଙ୍କୁ ଏକ ବସ୍‌ରେ ବସାଯାଇଥିଲା। ମିଳିତ ଭାବେ ଅନ୍ୟମାନଙ୍କୁ ଆଣିବା ସମୟରେ ଇଣ୍ଡିଆ ବ୍ଲକର ନେତାମାନେ ବସରୁ ଓହ୍ଲାଇ ରାସ୍ତା ଉପରେ ବସିପଡ଼ିଥିଲେ। ରାହୁଲ ଓ ପ୍ରିୟଙ୍କା ଗାନ୍ଧି ରାସ୍ତାରେ ବସି ରହି ପୁଲିସର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ। ପ୍ରିୟଙ୍କା ଗାନ୍ଧି ରାସ୍ତାରେ ଶୋଇପଡ଼ି କହିଥିଲେ, 'ସାଂସଦମାନଙ୍କ ସହ ଏପରି ବ୍ୟବହାର କରାଯିବା ଅଭୂତପୂର୍ବ। ଆମେ ଏଠାରୁ ହଟିବୁ ନାହିଁ' ପରେ ପୁଲିସ ସେମାନଙ୍କୁ ଜୋରଜବରଦସ୍ତି ଟାଣି ନେଇ ବସରେ ଭର୍ତ୍ତି କରିଥିଲା।

ରାହୁଲ ଗାନ୍ଧି କହିଛନ୍ତି ଯେ, ବିରୋଧୀ ସାଂସଦମାନେ ଜନ୍ତରମନ୍ତରରେ ପ୍ରଦର୍ଶନ ଜାରି ରଖିବେ।

---

- 'ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ–୨୦୨୬'ଦ୍ୱିତୀୟ ଦିନ

## ୧୦୦ ସ୍ୱଚ୍ଛତା ହିରୋ ସମ୍ବର୍ଦ୍ଧିତ

### ସ୍ୱଚ୍ଛତା କର୍ମୀଙ୍କ ସୁରକ୍ଷା ପାଇଁ କେଏମସି ପ୍ରତିଶ୍ରୁତିବଦ୍ଧ



କଟକ,୭।୧୦(ସଂଚାର ବ୍ୟୁରୋ): କଟକ ସହରକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ରଖିବାରେ ନିରବଚ୍ଛିନ୍ନ ଭାବେ ନିଜର ସେବା ଯୋଗାଇ ଆସୁଥିବା ସ୍ୱଚ୍ଛତା କର୍ମୀଙ୍କୁ ସମ୍ମାନ ଓ ସ୍ୱୀକୃତି ଜଣାଇବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ଆୟୋଜିତ 'ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ-୨୦୨୬'ର ଦ୍ୱିତୀୟ ଦିନରେ ୧୦୦ ଜଣ ସ୍ୱଚ୍ଛତା ହିରୋଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସହିଦ ଭବନଠାରେ ଆୟୋଜିତ ତିନିଦିନିଆ ଉତ୍ସବର ଦ୍ୱିତୀୟ ଦିବସକୁ କେଏମ୍‌ସିର ମେୟର ସୁବାସ ସିଂହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସାନିଟେସନ୍ ବିଭାଗର ଡେପୁଟି କମିଶନର ଜୁବୁଲି ଚରଣ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରି 'ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ' ଓ 'ବଡ଼ାଖାନା'କୁ ସ୍ୱଚ୍ଛ ହିରୋମାନଙ୍କୁ ସ୍ୱାଗତ ଜଣାଇବା ସହ ସହରକୁ ସ୍ୱଚ୍ଛ ରଖିବାରେ ସେମାନଙ୍କ ନିଷ୍ଠାପର ସେବା କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ। କେଏମସି ନିରନ୍ତର ଭାବେ ଆପଣାଉଥିବା ବିଭିନ୍ନ ସାମାଜିକ ଓ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ସମ୍ପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ କେଏମସି କମିଶନର କିରନଦୀପ କୌର ସହୋତା କହିଥିଲେ ଯେ ସକାଳୁ ଉଠି ସଫା ରାସ୍ତା ଓ ସଫା ଗଳି ଦେଖିବା ପଛରେ ଶତାଧିକ ସ୍ୱଚ୍ଛତା କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ରହିଛି। ସେମାନଙ୍କ ପରିଶ୍ରମ କେବଳ ସହରରୁ ଆବର୍ଜନା ହଟାଏ ନାହିଁ, ବରଂ ସହରବାସୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମ୍ମାନକୁ ମଧ୍ୟ ସୁରକ୍ଷିତ ରଖେ। ଏଭଳି ସ୍ୱଚ୍ଛତା ହିରୋମାନଙ୍କୁ ସମ୍ମାନିତ କରିବା କେଏମସି ପାଇଁ ଗୌରବର ବିଷୟ ବୋଲି ସେ କହିଥିଲେ। ସେହିପରି ମେୟର ଶ୍ରୀ ସିଂହ କହିଥିଲେ ଯେ ସ୍ୱଚ୍ଛତା କର୍ମୀମାନଙ୍କ ବର୍ତ୍ତମାନ ଓ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ କେଏମ୍‌ସି ସବୁବେଳେ ପ୍ରତିଶ୍ରୁତିବଦ୍ଧ। ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ଉତ୍ତମ ସ୍ୱାସ୍ଥ୍ୟସେବା ଓ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ କେଏମସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

## ଜିଲ୍ଲା ପରାମର୍ଶଦାତା ସମିତି ବୈଠକ ଅନୁଷ୍ଠିତ




କଟକ, ୭।୧୦ (ସଂଚାର ବ୍ୟୁରୋ): କଟକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତା ଏବଂ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି। ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ବାର୍ଷିକ କ୍ରେଡିଟ ଯୋଜନା ଓ ଏହାର ବାର୍ଷିକ ଲକ୍ଷ୍ୟ ହାସଲ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଋଣ ଯୋଗାଣ ଉପରେ ମଧ୍ୟ ଆଲୋଚନା ହୋଇଥଲା। ଅଧ୍ୟକ୍ଷତା ପୂର୍ବକ ଶ୍ରୀ ମହତାବ ବ୍ୟାଙ୍କଗୁଡିକରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନାରେ ପଞ୍ଜୀକରଣର ଅନୁପାତ ଉପରେ ସମୀକ୍ଷା କରିଥିଲେ। ଏଥିସହ ଉପସ୍ଥିତ ବ୍ୟାଙ୍କଗୁଡିକରେ ବିଭିନ୍ନ ବିଭାଗର ଋଣ ଅନୁମୋଦନ ପାଇଁ ବାକି ଥିବା କାର୍ଯ୍ୟ ଗୁଡିକ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଡ଼ିଡ଼ିଏମ ନାବାର୍ଡ ପ୍ରମୁଖ ଉପସ୍ଥିତ ଥିଲେ।

---

### ଆଇନ ମନ୍ତ୍ରୀଙ୍କ ଅଧକ୍ଷ୍ୟତାରେ ଅବକାରୀ ବିଭାଗର ସମୀକ୍ଷା

## ୧୦ରୁ ୩୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ



- ବେଆଇନ କାରବାର ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ
- ଦଣ୍ଡବିଧାନ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୭।୧୦ (ସଂଚାର ବ୍ୟୁରୋ): ବେଆଇନ ନିଶା ଓ ମାଦକ ଦ୍ରବ୍ୟ ଯୋଗୁଁ ଅନେକ ଧନଜୀବନ ହାନି ଘଟୁଛି। ଏଥିସହ ନିଶା କବଳରେ ପଡ଼ି ଯୁବପିଢ଼ି ନିଜର ଉଜ୍ଜ୍ୱଳ ଭବିଷ୍ୟତକୁ ବିନାଶ ଆଡ଼କୁ ନେଇ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଶା ମୁକ୍ତ ଭାରତ ଗଠନ ନେଇ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ଦିଗରେ ଅବକାରୀ ବିଭାଗ ଓ ରାଜ୍ୟବାସୀ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଆଜି ସବୁ ଜିଲ୍ଲାର ଅବକାରୀ ଅଧୀକ୍ଷକମାନଙ୍କୁ ନେଇ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ସରକାର ବେଆଇନ ନିଶା କାରବାରର ମୂଳୋତ୍ପାଟନ ନେଇ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଏହାକୁ ଆଗେଇ ନେବାକୁ ହେଲେ ବିଗତ ଦୁଇ ବର୍ଷ ପରି ବ୍ୟାପକ ମାତ୍ରାରେ ଚଢ଼ାଉ କାର୍ଯ୍ୟକ୍ରମ କରିବାକୁ ପଡିବ। ଆବଶ୍ୟକ ସ୍ଥଳେ ପୁଲିସ ଓ ଜିଲ୍ଲା ପ୍ରଶାସନର ସହଯୋଗ ନେବାକୁ ପଡ଼ିବ। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବେଆଇନ ନିଶା ଓ ଅପରାଧିକ କାରବାର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଆସନ୍ତା ୧୦ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନକୁ ଗୁଇନ୍ଦା ତଥ୍ୟ ଆଧାରରେ ଅଧିକ ଜୋରଦାର କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ସବୁ ଜିଲ୍ଲା ଅବକାରୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏଥିସହ ଅଦାଲତରେ ଅପରାଧୀଙ୍କ ବିରୋଧରେ କଡ଼ା ଦଣ୍ଡବିଧାନ ପାଇଁ ମଜବୁତ ପ୍ରମାଣ ସଂଗ୍ରହ କରିବାକୁ ସେ ବୈଠକରେ ପରାମର୍ଶ ଦେଇଥିଲେ। ଆହୁରି ଚଢ଼ାଉ ସମୟରେ କୌଣସି ଚାପର ବଶବର୍ତ୍ତୀ ନ ହେବା ସହ ଅଭ୍ୟାସଗତ ଅପରାଧୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣାଇବା ପାଇଁ ପରାମର୍ଶ ଦେଇଥିଲେ।

---

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ



ବେଗୁନିଆପଡ଼ା, ୭।୧୦ (ସଂଚାର ବ୍ୟୁରୋ): ବେଗୁନିଆପଡା ଥାନା ଅନ୍ତର୍ଗତ ତାଳସର ଗ୍ରାମରେ ସାପ କାମ୍ ନାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ଜଣକ ହେଲେ ତାଳସର ଗ୍ରାମର କୃଷ୍ଣ ସ୍ୱାଇଁଙ୍କ ସ୍ତ୍ରୀ ରଞ୍ଜିତା ସ୍ୱାଇଁ (୩୨) । ସୂଚନା ଅନୁଯାୟୀ ମୃତ ରଞ୍ଜିତା ନିଜ ବିଲରେ କାମ କରୁଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ତୁରନ୍ତୁ ତାଙ୍କୁ ପ୍ରଥମେ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ଆଜି ଶେଷକୃତ୍ୟ ସମ୍ପନ୍ନ ନିଜ ଗ୍ରାମରେ ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଦାବି ହୋଇଛି ।

---

## ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ପଦ୍ମନାଭ ପୃଷ୍ଟିଙ୍କ ପରଲୋକ



ବାଲିଚନ୍ଦ୍ରପୁର,୭।୧୦(ସଂଚାର ବ୍ୟୁରୋ): ବାଲିପଡ଼ିଆ ଯୁବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା, ନାଟ୍ୟ ନିର୍ଦ୍ଦେଶକ, ଲେଖକ ଓ ଅଭିନେତା ତଥା ସୁଗାୟକ ପଦ୍ମନାଭ ପୃଷ୍ଟିଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ୭୨ ବର୍ଷ ବୟସରେ ତାଙ୍କର ହୃଦଘାତରେ ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ୧୬ ବର୍ଷ ବୟସରୁ ପଦ୍ମନାଭ ପୃଷ୍ଟି ଗ୍ରାମ୍ୟ ନାଟକ, ଗୀତିନାଟ୍ୟ ଓ ଯାତ୍ରାରେ ଅଭିନୟ ଆରମ୍ଭ କରିଥିଲେ। ବଳିଷ୍ଠ ଅଭିନୟ ସାଙ୍ଗକୁ କମ ବୟସରୁ ଗୀତିନାଟ୍ୟ ରଚନା ଓ ନାଟକ ନିର୍ଦ୍ଦେଶନା ଆରମ୍ଭ କରିଥିଲେ। ପ୍ରାୟ ୩୫ଟି ଗୀତିନାଟ୍ୟ ସେ ରଚନା କରିଥିବା ବେଳେ ତାହା ଅପ୍ରକାଶିତ ହୋଇ ରହିଯାଇଛି। ପ୍ରାୟ ୨୦୦ରୁ ଅଧିକ ନାଟକରେ ସେ ଅଭିନୟ କରିଥିଲେ।

ଜଣେ ନାଟ୍ୟ ନିର୍ଦ୍ଦେଶକ ଓ ବରିଷ୍ଠ ଅଭିନେତାଙ୍କ ବିୟୋଗରେ ଠକ୍କରବାପା ଆଶ୍ରମ ପକ୍ଷରୁ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଓଳାଶୁଣି ଉନ୍ନୟନ ଟ୍ରଷ୍ଟ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଓ ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ବାଲିପଡ଼ିଆ ଯୁବକ ସଂଘର ସଭାପତି ଦିଲ୍ଲୀପ କୁମାର ସାମଲ, ସମ୍ପାଦକ ସୁବାଷ ଚନ୍ଦ୍ର ତ୍ରିପାଠୀ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ବରିଷ୍ଠ ସାମ୍ବାଦିକ ପ୍ରଭାସ କୁମାର ଦାଶ, ଚଣ୍ଡୀଖୋଲ ବାର୍ ଆସୋସିଏସନର ସମ୍ପାଦକ ପ୍ରକାଶ କୁମାର ଦାଶ, ଯୁବନେତା ନିଗମ ପ୍ରସାଦ ତ୍ରିପାଠୀ, ବଡ଼ଚଣା ଗାନ୍ଧି ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦର ଉପସଭାପତି ଚିତ୍ତରଞ୍ଜନ ତ୍ରିପାଠୀ, ସଂଗ୍ରାମୀ ଏକାଡେମୀର ସଭାପତି ଶ୍ରୀକାନ୍ତ ସାମଲ, ବରିଷ୍ଠ ଆଡଭୋକେଟ ପ୍ରଫୁଲ୍ଲ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ପଲ୍ଲୀ ଜୀବନରେ ଗାଁରେ ରହି ନାଟକ ପ୍ରତି ତାଙ୍କର ପ୍ରତିବଦ୍ଧତା ଓ ମମତା ବେଶ ଅତୁଟ ରହିଥିଲା। ଭୁବନେଶ୍ୱର ଭିଭିଏସ ନଗର ବଜାରରେ ଦୀର୍ଘ ବର୍ଷ ଧରି ସାଇକେଲ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଇଥିଲେ ମଧ୍ୟ ବାଲିପଡ଼ିଆ ଯୁବକ ସଂଘ ଦ୍ୱାରା ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଆୟୋଜନ, ନାଟ୍ୟ ନିର୍ଦ୍ଦେଶନା, ଅଭିନୟ ଓ ସଂକୀର୍ତ୍ତନ ପ୍ରତି ଜୀବନକୁ ସମର୍ପିତ କରିଥିଲେ। ଭୁବନେଶ୍ୱରରୁ ଫେରି ଗାଁରେ ଦୀର୍ଘ ବର୍ଷ ମଧ୍ୟ ସେହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଗତ କିଛି ମାସ ହେଲା ହୃଦ୍‌ଘାତଜନିତ ଅସୁସ୍ଥତାରେ ସେ ପୀଡ଼ିତ ଥିଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ବେଶ୍ ସକ୍ରିୟ ରହିଥିଲେ। ସୋମବାର ବିଳମ୍ବିତ ରାତିରେ ବଡ଼ଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କର ପରଲୋକ ଘଟିବା ପରେ ତାଙ୍କୁ ବାଲିପଡ଼ିଆ ଅଣାଯାଇଥିଲା ଓ ସେଠାରେ ଗ୍ରାମବାସୀଙ୍କ ପକ୍ଷରୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ଦିଆଯାଇ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ନିଆଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିବା ବେଳେ ପୁଅ ବିଶିଷ୍ଟ କବି ଓ ଲେଖକ ଗିରିଜା ପ୍ରସନ୍ନ ପୃଷ୍ଟି ମୁଖାଗ୍ନି ଦେଇଥିଲେ।

---

### ଏମ୍‌ଏମଡିଆର ବିରୋଧରେ ସୁନ୍ଦରଗଡ଼ରେ ପ୍ରତିବାଦ

## ପ୍ରମୁଖ ଖଣି ଅଞ୍ଚଳରେ ଆର୍ଥିକ ଅବରୋଧ



ସୁନ୍ଦରଗଡ଼, ୭।୧୦ (ସଂଚାର ବ୍ୟୁରୋ): ଏମ୍‌ଏମ୍‌ଡିଆର ସଂଶୋଧନ ଆଇନକୁ ବିରୋଧ କରିବା ସହ ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବାର ପ୍ରୟାସ ବିରୋଧରେ ବିଜେଡି ପକ୍ଷରୁ ଆଜି ସୁନ୍ଦରଗଡ଼ରେ ପ୍ରତିବାଦ ପ୍ରଦର୍ଶନ ଓ ଆର୍ଥିକ ଅବରୋଧ ଆୟୋଜିତ ହୋଇଥିଲା। ରତ୍ନଗର୍ଭା ଓଡ଼ିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶରେ ଏକ ବଡ଼ ଭୂମିକା ନିଭାଇ ଆସିଛି। କିନ୍ତୁ ଖଣିଜ ସମ୍ପଦ ଥିବା ଜିଲ୍ଲାଗୁଡ଼ିକର ଲୋକମାନେ ଖଣି ଖନନ ସହ ଜଡ଼ିତ ପରିବେଶଗତ, ସାମାଜିକ ଓ ଆର୍ଥିକ ପରିଣାମର ସମ୍ମୁଖୀନ ହୋଇଆସିଛନ୍ତି। ବିସ୍ଥାପନ, ପ୍ରଦୂଷଣ, ଜଙ୍ଗଲ ଓ କୃଷି ଜମିର ଅବକ୍ଷୟ ଏବଂ ପାରମ୍ପରିକ ଜୀବିକାରେ ବାଧା ସୃଷ୍ଟି ହେଉଥିବା ସମସ୍ୟା ରହିଛି। ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଯୋଗୁଁ ଖଣିଜ ସମ୍ପଦ ଥିବା ଜମି ଉପରେ ରାଜ୍ୟ ସରକାରଙ୍କ ଟିକସ, ସେସ୍ କିମ୍ବା ଶୁଳ୍କ ଲାଗୁ କରିବାର କ୍ଷମତା ଉପରେ ପ୍ରତିବନ୍ଧକ ଲଗାଯାଇଥିବାରୁ ଏହାର ବିରୋଧ କରାଯାଇଛି।

ରାଜ୍ୟର ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ଯଥେଷ୍ଟ ଭାବେ ବ୍ୟୟ କରାଯିବା ଉଚିତ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡ଼କ, ଜଳସେଚନ, ପାନୀୟ ଜଳ, ନିଯୁକ୍ତି, ପରିବେଶ ପୁନରୁଦ୍ଧାର, ଥଇଥାନ ଓ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ। ଖଣିଜ ସମ୍ପଦ ଥିବା ରାଜ୍ୟଗୁଡ଼ିକର ଆର୍ଥିକ କ୍ଷମତାକୁ ସୀମିତ କରିପାରୁଥିବା ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରାଯିବା ସହ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱକୁ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ସୁରକ୍ଷିତ ରଖାଯିବା ଉଚିତ ବୋଲି ବିଜେଡି ନେତାମାନେ ଦାବି କରିଛନ୍ତି।

ପ୍ରତିବାଦର ଅଂଶ ଭାବେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ପ୍ରମୁଖ ଖଣି ଓ ଶିଳ୍ପ ଅଞ୍ଚଳରେ ଆର୍ଥିକ ଅବରୋଧ କରାଯାଇଥିଲା। ଏଥିରେ ରାଜଗାଙ୍ଗପୁର, ଏନ୍‌ଟିପିସି ଦର୍ଲିପାଲି, ଓସିପିଏଲ କୋଇଲା ଖଣି, ଏନ୍‌ଟିପିସି କୋଇଲା ଖଣି, ଜାମକାନି କୋଇଲା ଖଣି, ବସୁନ୍ଧରା, ଗର୍ଜନବାହାଲ, ସିଆରମାଲ ଏବଂ କୁଲ୍‌ଡା କୋଇଲା ଖଣି ସମେତ ବିଭିନ୍ନ ସ୍ଥାନ ରହିଥିଲା। ଏମ୍‌ଏମ୍‌ଡିଆର୍ ସଂଶୋଧନ ବିରୋଧରେ ବିଜେଡି ଦୃଢ଼ ପ୍ରତିବାଦ ଦର୍ଶାଇବା ସହ ଓଡ଼ିଶାର ଖଣିଜ ସମ୍ପଦର ନିୟନ୍ତ୍ରଣ ଓ ବ୍ୟବହାର ସମ୍ପର୍କରେ ରାଜ୍ୟବାସୀଙ୍କ ଚିନ୍ତାକୁ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଏହି ଅବରୋଧ ଆୟୋଜିତ ହୋଇଥିଲା।

---

## ଅଶୋକନଗରରେ ଯୁବକଙ୍କ ମୃତଦେହ ଉଦ୍ଧାର

କୋଲକାତା, ୭।୧୦(ସଂଚାର ବ୍ୟୁରୋ): ଅଶୋକନଗରର ୨୦ ନମ୍ବର ୱାର୍ଡ ଅନ୍ତର୍ଗତ ଅଶ୍ରଫାବାଦ ଅଞ୍ଚଳର ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ସେଠାରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତକ ଜଣକ ହେଲେ ୨୧ ବର୍ଷୀୟ ପ୍ରୀତମ ଘୋଷ, ଯାହାଙ୍କୁ ସ୍ଥାନୀୟ ଲୋକେ 'ଦୀପ' ନାମରେ ଜାଣନ୍ତି।

## ଆପ୍ କ୍ୟାବ୍‌ରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କୋଲକାତା, ୭।୧୦ (ସଂଚାର ବ୍ୟୁରୋ): କୋଲକାତାର ପାଲମର ବଜାର ନିକଟସ୍ଥ ଡି.ସି. ଦେ ରୋଡ୍‌ରୁ ଏକ ଆପ୍ କ୍ୟାବ୍ ଭିତରୁ ଜଣେ ବ୍ୟକ୍ତିଙ୍କ ସନ୍ଦିଗ୍ଧ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ବାଟାଲା ଅଞ୍ଚଳର ଭଗବାନ ପ୍ରସାଦ ଗୁପ୍ତା। ବୁଧବାର ସକାଳେ ରାସ୍ତା କଡ଼ରେ ଏକ ବନ୍ଦ କାର୍ ଭିତରେ ବ୍ୟକ୍ତିଜଣେ ଅବସ୍ଥାହୀନ ଭାବେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମେକାନିକ୍ ସହାୟତାରେ କାର୍ ଲକ୍ ଖୋଲିବା ବେଳେ ମୃତକଙ୍କ ଗୋଡ଼ ଦୁଇଟି ଦଉଡ଼ିରେ ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୁହଁରେ ମଧ୍ୟ ଆଘାତର ଚିହ୍ନ ରହିଛି। ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିବାବେଳେ ଏଣ୍ଟାଲି ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଘଟଣାସ୍ଥଳର ସିସିଟିଭି କ୍ୟାମେରାଗୁଡ଼ିକ ଅଚଳ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

---

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗଠନ ହେଲା...

କରାଯିବ । ଏହାଦ୍ୱାରା ରାଜ୍ୟରେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଜନସାଧାରଣଙ୍କର ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ଉପଯୁକ୍ତ ପ୍ରତିନିଧିତ୍ୱ ଓ ସେମାନଙ୍କ ଅଧିକାର ସମ୍ପର୍କରେ ଉପଯୁକ୍ତ ବ୍ୟବସ୍ଥା କରାଯାଇପାରିବ। ସୂଚନାଯୋଗ୍ୟ ଯେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଇଞ୍ଜିନିଅରିଂ ଓ ମେଡିକାଲ ପରି ବୃତ୍ତିଗତ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ୧୧.୨୫ ପ୍ରତିଶତ ସଂରକ୍ଷଣ'ର ବ୍ୟବସ୍ଥା କରିଛନ୍ତି।

## ଦେଶବାସୀ ମୋ...

ଦେଇଥିଲା। କୋଭିଡ୍ ସଙ୍କଟ ଦେଶର ସାମୂହିକ ଚେତନାର ଗୁରୁତ୍ୱ ବୁଝାଇଥିଲା। ଏଥିସହ ଭଲ ଓ ଖରାପ ଉଭୟ ଅନୁଭୂତି ମଧ୍ୟରେ ଆଗକୁ ବଢ଼ିବା ପାଇଁ ଗଣମାଧ୍ୟମ ମଧ୍ୟ ତାଙ୍କୁ ପ୍ରେରଣା ଦେଇଛି ବୋଲି ସେ କହିଛନ୍ତି। ଭାରତର ହଜାର ହଜାର ବର୍ଷର ସାଂସ୍କୃତିକ ଐତିହ୍ୟ ଓ ମହାନ ଚିନ୍ତାଧାରା ତାଙ୍କୁ ସବୁବେଳେ ଶକ୍ତି ଦେଇଆସିଛି। ବେଦଠାରୁ ସ୍ୱାମୀ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ମହାନ ଚିନ୍ତାଧାରାକୁ ଆପଣାଇଥିବା ଏହି ଦେଶର ସେବା କରିବା ସମୟରେ ସେ କେବେ ନିଜକୁ ଏକା ଅନୁଭବ କରିନଥିବା କହିଛନ୍ତି। ମୋଦି କହିଛନ୍ତି ଯେ ଏହି ଦିନ କେବଳ ଅତୀତକୁ ମନେ ପକାଇବାର ଦିନ ନୁହେଁ, ବରଂ ଭବିଷ୍ୟତ ପାଇଁ ନୂଆ ସଂକଳ୍ପ ନେବାର ଦିନ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ନେଇ ଦେଶକୁ ଆଗକୁ ବଢ଼ିବାକୁ ହେବ ବୋଲି ସେ ଆହ୍ୱାନ ଦେଇଛନ୍ତି। 'ଆମେ ନିଶ୍ଚିତ ଭାବେ ଏହା ହାସଲ କରିବୁ, ଆମେ କରିବୁ, ଆମେ କରିବୁ, ଆମେ କରିବୁ' - ଏଭଳି ସଂକଳ୍ପର ସହ ନିଜ ଭାଷଣ ଶେଷ କରିଥିଲେ ପ୍ରଧାନମନ୍ତ୍ରୀ।

## ଆଜି ଇଣ୍ଡି...

ହେବନି ଘରୋଇ ବସ୍। ଏନେଇ ସୂଚନା ଦେଇଛନ୍ତି ଘରୋଇ ବସ୍ ମାଲିକ ସଂଘ ସଭାପତି ଲୋକନାଥ ପାଣି। ସେ କହିଛନ୍ତି, ବସ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ବନ୍ଦ୍‌ରେ ସାମିଲ ହେବୁନି। କାଲି ଘରୋଇ ବସ୍ ଗଡ଼ିବ। ଯାତ୍ରୀ ପରିବହନ ଜାରି ରହିବ। କାଲିର ବନ୍ଦ ବେଳେ ସରକାର ବସ୍ ଚଳାଚଳ ପାଇଁ ସୁରକ୍ଷା ଯୋଗାନ୍ତୁ ବୋଲି ସେ କହିଛନ୍ତି। ତେବେ ହସ୍ପିଟାଲ୍, ଆମ୍ବୁଲାନ୍ସ ଏବଂ ଔଷଧ ଦୋକାନ ସମେତ ଜରୁରୀକାଳୀନ ସେବାଗୁଡ଼ିକୁ ଏହି ବନ୍ଦରୁ ବାଦ୍ ଦିଆଯାଇଛି।

ଓଡ଼ିଶାର ଗଣତାନ୍ତ୍ରିକ ଅଧିକାର ଓ ସ୍ୱାର୍ଥ, ଲୋକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡି' ମେଣ୍ଟ ଆସନ୍ତାକାଲି ବନ୍ଦ ଡାକରା ଦେଇଛି। ଏସଆଇରର ପ୍ରସଙ୍ଗ ସହିତ ଏମ୍‌ଏମ୍‌ଡିଆର ସଂଶୋଧନ ଆଇନକୁ ସଂପୂର୍ଣ୍ଣ ରଦ୍ଦ କରିବା, ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବରଖାସ୍ତ କରିବା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତ ସମସ୍ତ ଲୋକଙ୍କୁ ତୁରନ୍ତ ରିଲିଫ୍ ଓ ପୁନର୍ବାସ ସହାୟତା ଯୋଗାଇବା ଦାବିରେ 'ଇଣ୍ଡି' ମେଣ୍ଟ ପକ୍ଷରୁ ଏହି ବନ୍ଦ ପାଳନ କରାଯିବ।

## ଅଧଘଣ୍ଟାରେ ବିଜେଡି...

ପ୍ରତ୍ୟାହାର ପ୍ରମୁଖ ଦାବି ନେଇ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ। ଏହି ବନ୍ଦ ଡାକରାକୁ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ସମର୍ଥନ ଦେବକି ନାହିଁ, ତାକୁ ନେଇ ପ୍ରଶ୍ନ ଉଠିଥିଲା। ଏନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଥମେ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ ତାଙ୍କ ଦଳ ଏହି ବନ୍ଦକୁ ସମର୍ଥନ ଦେବ। କାରଣ ନୂଆଦିଲ୍ଲୀରେ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡି ମେଣ୍ଟ ଦ୍ୱାରା ଜାରି ଆନ୍ଦୋଳନକୁ ଦଳ ସମର୍ଥନ କରିଛି। ନୀତିଗତ ନିଷ୍ପତ୍ତି ଭାବେ ଇଣ୍ଡି ମେଣ୍ଟ ଦ୍ୱାରା ଓଡ଼ିଶା ବନ୍ଦକୁ ବିଜେଡି ସମର୍ଥନ ଦେବ। ତେବେ ଏହି ବୟାନ ଦେବାର କିଛି ସମୟ ପରେ ୟୁ-ଟର୍ଣ୍ଣ ମାରିଛି ବିଜେଡି। ଶ୍ରୀମତୀ ମଲ୍ଲିକ ନିଜ ମତ ବଦଳାଇ କହିଛନ୍ତି ଯେ ଆମେ ଆସନ୍ତାକାଲି ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ ଦେବୁନି। ଆମକୁ କେହି ଡାକିନାହାନ୍ତି କି କହିନାହାନ୍ତି। ସମଦୂରତା ରଖି ଆସିଛୁ ଓ ଆଗକୁ ଏହାକୁ ବଜାୟ ରଖିବୁ। କାହାକୁ ସମର୍ଥନ ଦେବୁନି ବୋଲି କହିଛନ୍ତି ଶ୍ରୀମତୀ ମଲ୍ଲିକ। ତେବେ ଏଠାରେ ପ୍ରଶ୍ନ ଉଠୁଛି କାହା ଚାପରେ ଦଳ ନିଜର ଏହି ନିଷ୍ପତ୍ତି ବଦଳାଇଲା। ଏମ୍‌ଏମ୍‌ଡିଆର୍ ବିଧେୟକଙ୍କୁ ବିଜେଡି ତୀବ୍ର ବିରୋଧ କରିଆସିଛି। ଏଥିରେ ଓଡ଼ିଶାର ବହୁତ କ୍ଷତି ହେବ ଓ ରାଜ୍ୟର ସ୍ୱାର୍ଥ ବଳି ପଡ଼ିବ ବୋଲି ଚିତ୍କାର କରି ଆସିଛି ବିଜେଡି। ପୁଣି ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଆୟୋଗରେ କାର୍ଯ୍ୟଶୈଳୀକୁ ନେଇ ଓ ତାଙ୍କ ଇସ୍ତଫା ଦାବିରେ ସମଗ୍ର ଦେଶରେ ଇଣ୍ଡି ମେଣ୍ଟ ଆନ୍ଦୋଳନକୁ ସମର୍ଥନ କରୁଛି ଦଳ। ଏପରିକି ଗତକାଲି ନୂଆଦିଲ୍ଲୀରେ ବିରୋଧୀଙ୍କ ପଦଯାତ୍ରାରେ ସାମିଲ୍ ଥିଲା ବିଜେଡି। ଗୋଟେ ପଟେ ଜୋରଦାର ବିରୋଧ, ପୁଣି ଗୋଟିଏ ପଟେ ସମଦୂରତା ନୀତି। ବିଜେଡିର ଏମିତି ଆଭିମୁଖ୍ୟ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପ୍ରଧାନମନ୍ତ୍ରୀଙ୍କ ଆତ୍ମବିଶ୍ୱାସ...

ଦେଇଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ, ପ୍ରଯୁକ୍ତିବିଦ୍ୟା ଓ ସମସ୍ତ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବା ଆମ ସମସ୍ତଙ୍କର ସାମୂହିକ ସଂକଳ୍ପ। ଏହି ପ୍ରେରଣାଦାୟୀ ବାର୍ତ୍ତା ପ୍ରତ୍ୟେକ ଭାରତୀୟଙ୍କ ମନରେ ନୂତନ ଉତ୍ସାହ ଭରିଛି। ପ୍ରଧାନମନ୍ତ୍ରୀ ଜନସେବା ଓ ସୁଶାସନର ୨୫ ବର୍ଷ ପୂରଣ କରିବା ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀଙ୍କ 'ସେବା ମନ୍ତ୍ର' ଓ 'ସ୍ୱଦେଶୀ' ଭାବନାକୁ ଆପଣେଇ ଆମକୁ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବାକୁ ହେବ। ଏହି ଅବସରରେ ଶ୍ରୀ ପ୍ରଧାନ ମହାପ୍ରଭୁ ଓ ମା' ସମଲେଇଙ୍କ ପାଖରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଛନ୍ତି।

ଏହି ଯାତ୍ରାର ଏକ ମୁଖ୍ୟ ଅଂଶ ଭାବେ ଏଠାରେ ଆୟୋଜିତ 'ସେବା ଜ୍ୟୋତି ପ୍ରଜ୍ୱଳନ' ଏବଂ 'ସେବା ଜ୍ୟୋତି ସ୍ଥାପନା' ପଦଯାତ୍ରାରେ ଶ୍ରୀ ପ୍ରଧାନ ସାମିଲ ହୋଇଥିଲେ। ଏହି ପଦଯାତ୍ରା ଜନଭାଗୀଦାରୀ ଓ ରାଷ୍ଟ୍ର ନିର୍ମାଣର ଏକ ଶକ୍ତିଶାଳୀ ସଂକଳ୍ପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। 'ସେବା ସଙ୍କଳ୍ପ ଅଭିଯାନ' ଅନ୍ତର୍ଗତ ଶ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲା ତୁରଙ୍ଗସ୍ଥିତ ଅଙ୍ଗନୱାଡ଼ି (ଖ) କେନ୍ଦ୍ର ପରିଦର୍ଶନ କରିବା ସହ ଶିଶୁ, ଅଙ୍ଗନୱାଡ଼ି, ଆଶା କର୍ମୀ ଓ ହିତାଧିକାରୀଙ୍କ ସହ ସମୟ ଅତିବାହିତ କରିଥିଲେ। ସେଠାରେ ଶିଶୁ ସୁରକ୍ଷା, ମାତୃ କଲ୍ୟାଣ, ସ୍ୱଚ୍ଛତା ଓ ନିଶା ନିବାରଣ ପାଇଁ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା। ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାରୀ ଯୋଜନା ସହ ସମାଜର ଆନ୍ତରିକ ସହଯୋଗ ମିଶିଲେ ହିଁ ଶିଶୁମାନଙ୍କ ସଠିକ୍ ପୋଷଣ, ଉତ୍ତମ ଯତ୍ନ ଓ ଉଜ୍ଜ୍ୱଳ ଭବିଷ୍ୟତ ନିଶ୍ଚିତ ହୋଇପାରିବ। ଆଗାମୀ ପିଢ଼ି ହିଁ ୨୦୩୬ 'ବିକଶିତ ଓଡ଼ିଶା' ଓ ୨୦୪୭ 'ବିକଶିତ ଭାରତ'ର ପ୍ରକୃତ ମୂଳଦୁଆ। ଡବଲ ଇଞ୍ଜିନ ସରକାର ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ମାତୃ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି।

## କାଗାନ୍ ଓ ସୋଆଇଙ୍କୁ...

କେତେକ ଅଣୁ ଦୁଇଟି ରୂପରେ ଅସ୍ତିତ୍ୱ ରଖନ୍ତି, ଯାହାକି ଆମର ବାମ ଓ ଡାହାଣ ହାତ ପରି ପରସ୍ପରର ପ୍ରତିବିମ୍ବ ହୋଇଥାଏ। ଉଦାହରଣସ୍ୱରୂପ, ପ୍ରୋଟିନ୍ ଗଠନ କରୁଥିବା ଆମିନୋ ଏସିଡ୍‌ଗୁଡ଼ିକ ଦୁଇଟି ପ୍ରତିବିମ୍ବ ରୂପରେ ରହିପାରନ୍ତି, କିନ୍ତୁ ଜୀବିତ ପ୍ରାଣୀମାନେ ପ୍ରୋଟିନ୍ ତିଆରି କରିବା ପାଇଁ ଏଥିରୁ କେବଳ ଗୋଟିଏ ରୂପକୁ ଅଧିକ ମାତ୍ରାରେ ବ୍ୟବହାର କରିଥାନ୍ତି। ବୈଜ୍ଞାନିକମାନେ ଦୀର୍ଘ ଦିନରୁ ଚିନ୍ତାରେ ଥିଲେ ଯେ ଜୀବନ କିପରି ଏହି ଦୁଇଟି ମଧ୍ୟରୁ କେବଳ ଗୋଟିଏ ଅଣୁକୁ ବାଛିଲା। କାରଣ ପୂର୍ବରୁ ଯେତେବେଳେ ବୈଜ୍ଞାନିକମାନେ ଏପରି ଅଣୁ ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲେ, ସେତେବେଳେ ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଉଭୟ ରୂପର ସମାନ ପରିମାଣ ସୃଷ୍ଟି ହେଉଥିଲା। ଏହି ଦିଗରେ କାଗାନ୍ ୧୯୮୬ରେ ଏକ ବଡ଼ ସଫଳତା ପାଇଥିଲେ। ପରେ ସୋଆଇ ଏହି ଧାରାକୁ ଆହୁରି ଆଗକୁ ବଢ଼ାଇଥିଲେ। ନୋବେଲ ପୁରସ୍କାର ଘୋଷଣା ପରେ ପ୍ରଫେସର ସୋଆଇ ଅତ୍ୟନ୍ତ ଉତ୍ସାହିତ ଥିବା ପ୍ରକାଶ କରି ଏହାକୁ ନିଜ ଜୀବନର ସବୁଠାରୁ ରୋମାଞ୍ଚକର ଦିନ ବୋଲି କହିଛନ୍ତି। ସେହିପରି ପ୍ରଫେସର କାଗାନ୍‌ଙ୍କ ସହ ଏହି ସମ୍ମାନ ଭାଗବଣ୍ଟା କରି ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

## ମାଓବାଦୀଙ୍କ ଗୁପ୍ତ...

ସିଂହ କହିଛନ୍ତି ଯେ କିଛି ଦିନ ପୂର୍ବରୁ ୨୬ ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ସେମାନଙ୍କ ଅସ୍ତ୍ରଶସ୍ତ୍ର ସହ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ସେହି ମାଓବାଦୀମାନଙ୍କ ପାଖରେ ୧୬ଟି ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଓ ୧୦ଟି ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଥିଲା। ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନେ ଦେଇଥିବା ସୂଚନା କିମ୍ବା ଗୁଇନ୍ଦା ରିପୋର୍ଟ ଆଧାରରେ ବାରସୁର ଜଙ୍ଗଲରେ ଏହି ସର୍ଚ୍ଚ ଅପରେସନ କରାଯାଇଥିଲା, ଯାହା ଫଳରେ ଏହି ଗୁପ୍ତ ଡମ୍ପ୍‌ର ସନ୍ଧାନ ମିଳିପାରିଛି।

## ମହେଶ୍ୱର ସ୍ୱାଇଁ ହେଲେ...

କରାଯାଇଛି। ସେହିପରି ୨୦୨୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ମଧୁମିତାଙ୍କୁ ନୂଆପଡ଼ା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ମାତୃତ୍ୱ ଛୁଟିରୁ ଫେରିବା ପରେ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଯୋଗ ଦେଇଥିଲେ। ଭୁବନେଶ୍ୱର ଆଡିସ୍‌ନାଲ ରିଭିଜନାଲ କୋର୍ଟରେ ଅତିରିକ୍ତ କମିଶନର ଥିବା ପ୍ରଦୀପ କୁମାର ନାୟକଙ୍କୁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗକୁ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଅନୁ ସଚିବ ଭାବେ କାର୍ଯ୍ୟ କରୁଥିବା ୨୦୨୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଶନୀ ଏ ଏଲଙ୍କୁ ଭବାନୀପାଟଣାର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ଭବାନୀପାଟଣା ସବ୍-କଲେକ୍ଟର ଥିବା ୨୦୨୪ ବ୍ୟାଚ୍‌ର ଆଇଏଏସ୍ କସ୍ତୁରୀ ଶା'ଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଅନୁ ସଚିବ ଭାବେ ବଦଳି କରାଯାଇଛି।

## କାର୍ ସହ ୩୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଫୁଲବାଣୀ,୭।୧୦ (ସଂଚାର ବ୍ୟୁରୋ): ଅବକାରୀ ବିଭାଗ ଦ୍ୱାରା କାର ସହ ୩୨ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣ କରୁଥିବା ଗଞ୍ଜେଇ ଚାଲାଣକାରୀକୁ ଗିରଫ କରିବାରେ ସଫଳ ହୋଇଛି। ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ସୁପରିଟେଣ୍ଡ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ତୁମୁଡ଼ିବନ୍ଧ ଥାନା ଓ୍ୱୁର୍ଙ୍ଗିଆ କଙ୍କାଳ ରାସ୍ତାରେ ଏକ କାରକୁ ଅଟକାଇଥିଲେ ତନଖିବା ପରେ କାରରେ ଗୋଟିଏ ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରୁ ଗଞ୍ଜେଇ ସହ କାର ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣ କରୁଥିବା କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଧୀନ ବାଟାଗୁଡ଼ା ଗାଁର ସଂଜିତ ଡିଗାଲ (୩୪)କୁ ଗିରଫ କରିଥିଲେ। ଅବକାରୀ ଥାନାରେ ଗଞ୍ଜେଇ ଚାଲାଣକୁ ନେଇଁ ଏକ ମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତ ଗଞ୍ଜେଇ ଚାଲାଣକାରୀ ସଂଜିତ ଡିଗାଲକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜବତ ଗଞ୍ଜେଇର ମୂଲ୍ୟ ଆଠ ଲକ୍ଷ କୋଡିଏ ହଜାର ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି।

## ଗ୍ୟାସ ସିଲିଣ୍ଡର ଫାଟି ନାବାଳକ ମୃତ

ଫୁଲବାଣୀ,୭।୧୦ (ସଂଚାର ବ୍ୟୁରୋ): କନ୍ଧମାଳରେ ପିଛା ଛାଡୁନି ଦାଦନ ଯନ୍ତ୍ରଣା। ଗତ ପନ୍ଦର ଦିନ ଭିତରେ ଫିରିଙ୍ଗିଆ ବ୍ଲକରୁ ବାହାର ରାଜ୍ୟରେ କାମ କରିବାକୁ ଯାଇ ଗଲାଣି ୩ ଜଣଙ୍କ ଜୀବନ। କଦମ ପଦର, ନୁଆଁ ପଦର ପରେ ପୁଣି ଫିରିଙ୍ଗିଆ ବ୍ଲକର ତଳ ଦଣ୍ଡିକିଆ ପଞ୍ଚାୟତର ପାଦେରୀ ପଡ଼ା (ସାରୁ ମାହା) ଗାଁର ଜଣେ ୧୭ ବର୍ଷୀୟ +୨ ପାଠ ପଢ଼ା ନାବାଳକର ଏକ ଗ୍ୟାସ ଓ୍ୱେଲ୍ଡିଂ କମ୍ପାନୀରେ କାମ କରୁଥିବା ବେଳେ ଗ୍ୟାସ ସିଲିଣ୍ଡର ଫାଟି ମୃତ୍ୟୁବରଣ କରିଥିବା ଜଣା ପଡ଼ିଛି।

ସୂଚନା ଅନୁସାରେ ଏହି ସାରୁ ମାହା ଗାଁର ଲକ୍ଷ୍ମମନ କହଁରଙ୍କ ପୁଅ ମହେଶ୍ୱର କହଁର +୨ ପାଠ ପଢୁଥିଲେ। ଦ୍ୱିତୀୟ ବର୍ଷରେ ଘରର ଅସୁବିଧା ଦୃଷ୍ଟିରୁ ଟଙ୍କା ଅଭାବରୁ ପାଠ ପଢି ପାରିନଥିଲେ। ଅଧିକ ପାଠ ପଢିବା ଇଚ୍ଛା ଥିବାରୁ ବାଧ୍ୟ ହୋଇ ବାହାର ରାଜ୍ୟକୁ ଯାଇ କାମ କରି କିଛି ଟଙ୍କା ରୋଜଗାର ହେଲା ପରେ ପୁଣି ପାଠ ପଢ଼ିବାକୁ ଇଚ୍ଛା କରି କେରଳର ଏକ ଘରୋଇ ଗ୍ୟାସ ଓ୍ୱେଲ୍ଡିଂ କମ୍ପାନୀରେ କାମ କରୁଥିଲେ। ଗତ ପ୍ରାୟ ୧ ବର୍ଷ ହେବ ସେ ସେହି କମ୍ପାନିରେ କାମ କରୁଥିଲେ ଘରକୁ ବି ଫେରିନଥିଲେ। ଗତ ଅକଟୋବର ରବିବାର ୪ ତାରିଖରେ ଓ୍ୱେଲ୍ଡିଂ କରୁଥିବା ବେଳେ ଗ୍ୟାସ ସିଲିଣ୍ଡର ଫାଟିଯିବାରୁ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଅନ୍ୟପଟେ କେରଳରୁ ଭୁବନେଶ୍ୱରକୁ ମହେଶ୍ୱରଙ୍କ ମୃତଦେହ ଫେରିଥିବା ବେଳେ ଭୁବନେଶ୍ୱରରୁ ନିଜ ପରିବାର ଲୋକେ ମୃତ ଦେହକୁ ନିଜ ଗାଁ ପାଦେରି ପଡା (ସାରୁ ମାହା)କୁ ଆଣିଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବର୍ତ୍ତମାନ ଘରେ ବାପା ମା ଓ ସାନ ଭାଇ ଅଛନ୍ତି ୨ ଭଉଣୀ ବାହାର ରାଜ୍ୟରେ କାମ କରୁଥିବା ପରିବାର ଲୋକେ କହିଛନ୍ତି। ସମସ୍ୟା ଦୃଷ୍ଟିକୋଣରୁ ପ୍ରଶାସନ ଗୁରୁତ୍ୱ ଦେଇ ପରିବାରକୁ ସହଯୋଗ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦେଶୀ ବନ୍ଧୁକ ସହ ଦୁଇଟି ମୃତ ହରିଣ ଜବତ, ଜଣେ ଗିରଫ



ସଜନାଗଡ଼, ୭।୧୦ (ସଂଚାର ବ୍ୟୁରୋ): ଗତ ୬ ତାରିଖ ରାତି ପ୍ରାୟ ୧୧,୩୦ ମିନିଟ ସମୟରେ, କୁଲଡିହା ବିଟ୍-୧ର କର୍ମଚାରୀମାନେ ସାତଘାଟି ଡ୍ୟାମ୍ ଦିଗରୁ ଗୁଳି ଫୁଟିବାର ଶବ୍ଦ ଶୁଣି ତୁରନ୍ତ ତେଣ୍ଡା ବନ୍ୟପ୍ରାଣୀ ବିଟ୍ ର କର୍ମଚାରୀମାନଙ୍କୁ ଖବର ଦେଇଥିଲେ। ଶିକାରୀମାନେ ତେଣ୍ଡା ଗ୍ରାମ ଆଡକୁ ଗତି କରୁଥିବା ସନ୍ଦେହ କରିଥିଲେ। ତଦନୁସାରେ ଉଭୟ ବିଟ୍ ର କର୍ମଚାରୀମାନେ କୁଲଡିହା ବନ୍ୟପ୍ରାଣୀ ଭାରପ୍ରାପ୍ତ ରେଞ୍ଜ ଅଫିସର ଏବଂ ପଞ୍ଚଲିଙ୍ଗେଶ୍ୱର ବନ୍ୟପ୍ରାଣୀ ସେକ୍ସନର ଫରେଷ୍ଟରଙ୍କ ସହିତ, ସାତଘାଟି ଡ୍ୟାମ୍ ପଛପଟେ ଯାଇ ଜଗି ରହିଥିଲେ। ଆଜି ଭୋର ପ୍ରାୟ ୩.୩୦ ମିନିଟ ସମୟରେ ପାଟ୍ରୋଲିଂ କର୍ମଚାରୀମାନେ କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଦିଗରୁ ସନ୍ଦିଗ୍ଧ ଶିକାରୀଙ୍କ ଟର୍ଚ୍ଚଲାଇଟ୍ ଫେରି ଆସୁଥିବା ଦେଖି ସେମାନଙ୍କୁ କାବୁ କରିଥିଲେ। ଅଭିଯୁକ୍ତ ଜଣକ ହେଲେ ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ ତେଣ୍ଡା ଗ୍ରାମର ସ୍ୱର୍ଗତ ନାଲୁ ସିଂଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ସିଂ (୩୩)ଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ଦୁଇଟି ମୃତ ମୂଷା ହରିଣ ଏବଂ ଗୋଟିଏ ହାତ ତିଆରି ବନ୍ଧୁକ ଜବତ କରାଯାଇଥିଲା। ତେବେ ଅନ୍ଧାରର ସୁଯୋଗ ନେଇ ତାଙ୍କ ସହିତ ଥିବା ଅନ୍ୟ ଶିକାରୀ ମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ନୀଳଗିରିର କୁଲଡିହା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ ନୀଳଗିରିର କୋର୍ଟକୁ ପଠାଯାଇଥିଲା। ବେଲ ନାମଂଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ପାର୍ବଣ ପୂର୍ବରୁ ରାସ୍ତାର ଦୁର୍ଦ୍ଦଶାକୁ ନେଇ ଚିନ୍ତାରେ ଲୋକେ

# ବଡ଼ ବଡ଼ ଖାଲ ସାଙ୍ଗକୁ ରାସ୍ତାରେ ଜମୁଛି ପାଣି

ଆନନ୍ଦପୁର,୭।୧୦ (ସଂଚାର ବ୍ୟୁରୋ): ଧରାପୃଷ୍ଠକୁ ଅବତରଣ କରିବେ ମା' ଜଗତଜନନୀ। କାଶତଣ୍ଡୀର ସୌନ୍ଦର୍ଯ୍ୟରେ ହସି ଉଠୁଛି ଧରିତ୍ରୀ। ଗାଁଠୁ ସହର, ସବୁଠି ଦେଖାଦେଲାଣି ପାର୍ବଣର ଉତ୍ସାହ। ଏହା ସହିତ ପାର୍ବଣ ସମୟରେ ରାସ୍ତାଘାଟରେ ଯାତାୟତ ମଧ୍ୟ ବଢ଼ିବାକୁ ଥିବାରୁ ରାସ୍ତାର ଦୁର୍ଦ୍ଦଶାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସାଧାରଣ ଲୋକେ।

ଆନନ୍ଦପୁର ସହର ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ରାସ୍ତାରେ ଦେଖାଦେଇଛି ବଡ଼ ବଡ଼ ଖାଲ। ସାମାନ୍ୟ ବର୍ଷା ହେଲେ ଅନେକ ସ୍ଥାନରେ ରାସ୍ତା ଉପରେ ପାଣି ଜମି ରହୁଛି। ଫଳରେ ଯାତାୟତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ବିଶେଷ କରି



ଆନନ୍ଦପୁର ବ୍ରିଜ୍ ଛକ ନିକଟସ୍ଥ ସେଣ୍ଟ୍ରାଲ ସ୍କୁଲ ସମ୍ମୁଖରେ ବର୍ଷା ହେଲେ ପାଣି ଜମି ରହୁଛି। ସେହିପରି ଫକୀରପୁର ଫିଲ୍ମ ହଲ୍ ଛକ, ଶାଳପଡ଼ା ପେଟ୍ରୋଲ ପମ୍ପ ନିକଟ, ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ଅନ୍ୟପକ୍ଷରେ, ପାର୍ବଣ ପୂର୍ବରୁ ରାସ୍ତାଘାଟ ମରାମତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ

### ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ?

ଶାଳପଡ଼ା ଓଭରବ୍ରିଜ୍ ତଳ ଏବଂ ବେଲବାହାଲୀ ବଜାରର ମୁଖ୍ୟ ରାସ୍ତାରେ ରହିଛି ବଡ଼ ବଡ଼ ଖାଲ। ପାର୍ବଣ ସମୟରେ ଏହି ରାସ୍ତାଗୁଡ଼ିକରେ ଯାତାୟତ ବଢ଼ିବାକୁ ଥିବାରୁ ଏଭଳି ଅବସ୍ଥା ଦିଆଯାଇଥିବା କୁହାଯାଉଛି। ହେଲେ ନିର୍ଦ୍ଦେଶ ସତ୍ତ୍ୱେ ଆନନ୍ଦପୁର ଅଞ୍ଚଳର ବିଭିନ୍ନ ରାସ୍ତାର ଏଭଳି ସମସ୍ୟା ପ୍ରତି ଏଯାଏଁ ପ୍ରଶାସନର ଦୃଷ୍ଟି ପଡ଼ିନଥିବା ଅଭିଯୋଗ ହୋଇଛି। ପାର୍ବଣ ପୂର୍ବରୁ ରାସ୍ତାରେ ଥିବା ଖାଲଗୁଡ଼ିକୁ ତୁରନ୍ତ ପୂରଣ କରିବା ସହ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଛି। ତେବେ ପାର୍ବଣ ସମୟରେ ଲୋକଙ୍କ ଯାତାୟତକୁ ସୁଗମ ଓ ସୁରକ୍ଷିତ କରିବା ପାଇଁ ଆନନ୍ଦପୁର ପ୍ରଶାସନ କେବେ ପଦକ୍ଷେପ ନେଉଛି, ତାହାକୁ ଅପେକ୍ଷା କରିଛନ୍ତି ଅଞ୍ଚଳବାସୀ।

## ବ୍ଲକ୍‌ସ୍ତରୀୟ 'ସେବା ସଂକଳ୍ପ' ଅଭିଯାନ



ବୋରିଗୁମ୍ମା, ୭।୧୦ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ପଞ୍ଚାୟତସମିତି କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ ପରିସରଠାରେ ବ୍ଲକ୍ ସ୍ତରୀୟ "ସେବା ସଂକଳ୍ପ" ଶିବିର ଅନୁଷ୍ଠିତ ହୋଇଯାଇଛି। ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ଶିବିରରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଯୋଗାଣ ଅଧିକାରୀ ସମେଶ୍ୱର ବେହେରା, ବ୍ଲକ ମଙ୍ଗଳ ଅଧିକାରୀ ସୋନାଲି ନାୟକ, ବ୍ଲକ ଜିପିଡିଓ ମହେନ୍ଦ୍ର କୁମାର ପଣ୍ଡା ସମେତ ବୋରିଗୁମ୍ମା ହର୍ଟିକଲଚର ଓ ବ୍ଲକ ସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇଥିଲେ।

ବୋରିଗୁମ୍ମା ବ୍ଲକର ବିଭିନ୍ନ ଅଞ୍ଚଳରେ ଜଳସେଚନ, ରାସ୍ତାଘାଟ, ପାନୀୟ ଜଳ ଓ ଆବାସ ଗୃହ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଥିବା ଲୋକଙ୍କ ପାଖରେ ସରକାରୀ ଯୋଜନା ଯେପରି ସୁରୁଖୁରୁରେ ପହଞ୍ଚିପାରିବ, ସେ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅଧ୍ୟକ୍ଷା କରିଥିଲେ।

ଏହି ଅବସରରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଶିବିର ପରିସରରେ ସଚେତନତା ଷ୍ଟଲ ପ୍ରଦର୍ଶିତ ହୋଇଥିଲା।

### ସ୍ଥାନୀୟ ବିକାଶକୁ ଗତି ଦେବା ଲକ୍ଷ୍ୟ

## ଗଡ଼କୁଜଙ୍ଗରେ ନୂତନ ସମୁଦାୟ କେନ୍ଦ୍ର ଉଦ୍‌ଘାଟିତ

ପାରାଦୀପ,୭।୧୦ (ସଂଚାର ବ୍ୟୁରୋ): ସ୍ଥାନୀୟ ଅଞ୍ଚଳର ସାମାଜିକ-ଆର୍ଥିକ ବିକାଶ ଓ ଜୀବନଧାରଣର ମାନ ବୃଦ୍ଧି ଲକ୍ଷ୍ୟରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଗଡକୁଜଙ୍ଗରେ ଏକ ନୂତନ ସମୁଦାୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ଅଞ୍ଚଳରେ ଚାଲିଥିବା ସାମାଜିକ ବିକାଶମୂଳକ ପଦକ୍ଷେପର ଏହା ଏକ ଅଂଶ ବୋଲି କୁହାଯାଇଛି।

ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ଓ ପରାମର୍ଶ ଆଧାରରେ ଗ୍ରାମର ଆବଶ୍ୟକତାକୁ ଚିହ୍ନଟ କରାଯାଇ ଏହି ସମୁଦାୟ କେନ୍ଦ୍ର ନିର୍ମାଣ କରାଯାଇଛି। ଦୀର୍ଘଦିନ ଧରି ଗଡକୁଜଙ୍ଗବାସୀଙ୍କ ପାଇଁ ସାମୂହିକ ବୈଠକ, ସାଂସ୍କୃତିକ




କାର୍ଯ୍ୟକ୍ରମ, ସାମାଜିକ ଉତ୍ସବ ଓ ବିଭିନ୍ନ ସାମୂହିକ ଆୟୋଜନ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନର ଅଭାବ ରହିଥିଲା। ନୂତନ କେନ୍ଦ୍ର ଏହି ଆବଶ୍ୟକତା ପୂରଣ କରିବା ସହ ଗ୍ରାମବାସୀଙ୍କ ପାଇଁ ଏକ କେନ୍ଦ୍ରୀୟ ସାମାଜିକ ସ୍ଥାନ ଭାବେ କାର୍ଯ୍ୟ କରିବ।

ଉଦ୍‌ଘାଟନୀ ସମାରୋହରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ଉପସଭାପତି ମନୋଜ ସିଂହ, ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ସିଓଓ ରିତେଶ ସିହ୍ନା, ଜନସମ୍ପର୍କ ବିଭାଗର ଏଭିପି ସମରେନ୍ଦୁ ପଟ୍ଟନାୟକ, ଜେଏସଡବ୍ଲ୍ୟୁ ଓଡ଼ିଶାର ଜିଏମ୍ ପ୍ରଶାନ୍ତ ବିଶ୍ୱାଳ ଓ ସିଏସଆର ହେଡ୍ ଅଭିଜିତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ସ୍ଥାନୀୟ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଯୁବପିଢ଼ି ଓ ଜନମାନସରେ ଉତ୍ସାହ ଭରୁଛି 'ସେବା ସଂକଳ୍ପ ଜ୍ୟୋତି ଯାତ୍ରା'

ମାଲକାନଗିରି, ୭।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ଜନସେବା, ଦେଶଭକ୍ତି ଏବଂ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ବିକଶିତ ଭାରତ ସେବା ସଂକଳ୍ପ ଅଭିଯାନ' ଅଧୀନରେ ସେବା ଜ୍ୟୋତି ମଶାଲ ଯାତ୍ରା ଏବେ ସାରା ଓଡ଼ିଶାରେ ଏକ ବଡ଼ ଜନ ଆନ୍ଦୋଳନର ରୂପ ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ବର୍ଷର ଜନସେବା ଓ ରାଷ୍ଟ୍ର ନିର୍ମାଣର ଯାତ୍ରା ଦ୍ୱାରା ଅନୁପ୍ରାଣିତ ହୋଇ ରାଜ୍ୟ ବିଜେପି ପକ୍ଷରୁ ଆୟୋଜିତ ଏହି ମାସେ ବ୍ୟାପୀ ଅଭିଯାନ ପ୍ରତି ଅଞ୍ଚଳରେ ଲୋକଙ୍କୁ ଏକାଠି କରୁଛି।

ଏହି ମଶାଲ ଯାତ୍ରାକୁ ଭବ୍ୟ ସ୍ୱାଗତ କରାଯିବା ସହିତ ଏହା ସ୍ଥାନୀୟ ମାଲ୍ୟବନ୍ତ ହଷ୍ଟେଲ ଛକ ଠାରୁ ଏକ ପଦଯାତ୍ରାରେ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ପହଞ୍ଚି ଥିଲେ। ବିଶେଷଭାବେ ଏହା ମାଧ୍ୟମରେ ସେବା ଓ ଜନକଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଉ ଥିବା ବେଳେ ଏହି ଯାତ୍ରାର ମୂଳ




ଲକ୍ଷ୍ୟ ଲୋକଙ୍କ ମଧ୍ୟରେ ସେବାଭାବ ଜାଗ୍ରତ କରିବା ସହ ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା। ବିଶେଷ କରି ମହିଳା, ଯୁବପିଢ଼ି, ଚାଷୀ ଓ ଅବହେଳିତ ଶ୍ରେଣୀର ଲୋକଙ୍କ ବିକାଶ ଉପରେ ଏହି ଅଭିଯାନରେ ଗୁରୁତ୍ୱ ଦିଆଯାଇଛି।

ମାଲକାନଗିରି ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଶୋକ ପରିଡ଼ା, ସାଂସଦ ଶ୍ରୀ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡକାମୀ, ରାଜ୍ୟ ଉପ ସଭାପତି ତଥା ଜିଲ୍ଲା ପ୍ରଭାରୀ ରମେଶ ସାହୁ ମଞ୍ଚରେ ନିଜ ଅଭିଭାଷଣରେ ନରେନ୍ଦ୍ର ମୋଦି ଙ୍କ ବିକଶିତ ଭାରତ ୨୦୪୭ ଅଭିଯାନ ସହ ସ୍ୱପ୍ନ ସାକାର କରିବା କୁ ନେଇ ମତ ରଖିଥିଲେ। ଶେଷରେ ସାଂସଦ ବିକଶିତ ଭାରତ କୁ ନେଇ ଶପଥ ପାଠ କରାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡମ୍ବରୁ ସୀସା, ବାଲିମେଳା ଚେୟାର ମ୍ୟାନ ପ୍ରଦୀପ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଗଙ୍ଗା ସୋଡ଼ି, ଅଧକ୍ଷା ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।

### ବିଦେଶୀ ମଦ ଦୋକାନ ସ୍ଥାନକୁ ନେଇ ପୌର ପରିଷଦର ସ୍ପଷ୍ଟୀକରଣ

## ୮ ନୁହେଁ, ୯ ନଂ ୱାର୍ଡରେ ଅଛି

ଟିଟିଲାଗଡ, ୭।୧୦ (ସଂଚାର ବ୍ୟୁରୋ): ଟିଟିଲାଗଡ ସହରର ହାଇସ୍କୁଲ ପଡ଼ା ଠାରେ ଖୋଲିଥିବା ନୂତନ ବିଦେଶୀ ଠିପି ବନ୍ଦ ମଦ ଦୋକାନକୁ ନେଇ ଆରମ୍ଭରୁ ବିବାଦ ଲାଗି ରହିଥିବା ଦେଖିବାକୁ ମିଳିଛି। ମଦ ଦୋକାନ ଖୋଲାଯାଇଥିବା ସ୍ଥାନ ୯ ନଂ ୱାର୍ଡ ବଦଳରେ ୮ ନଂ ୱାର୍ଡରେ ଚଞ୍ଚକତା କରି ଖୋଲାଯାଇଥିବା ନେଇ ଅଭିଯୋଗ ହୋଇଥିଲା।ଏପରିକି ସଂପୃକ୍ତ ଦୋକାନ ଥିବା ଜମିର କିସମ,ଜମିର ମାଲିକାନା ଓ ଆବଶ୍ୟକୀୟ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରା ନ ଯାଇ ତରବରିଆ ଭାବରେ ଏଠାରେ ମଦ ଦୋକାନ ଖୋଲିବାକୁ ଅବକାରୀ ବିଭାଗ ଅନୁମତି ଦେଇଥିବା ଅଭିଯୋଗ ଉଠିଥିଲା।ତେବେ ଟିଟିଲାଗଡ ପୌର ପରିଷଦ ପକ୍ଷରୁ ପତ୍ର ସଂଖ୍ୟା ୧୮୮୩/୨୬ ଅନ୍ତର୍ଗତ ସଂପୃକ୍ତ ଦୋକାନ କୁ ଦିଆଯାଇଥିବା ପ୍ରମାଣ ପତ୍ର ରେ ଜମି ମାଲିକ ସହରର ହାଇସ୍କୁଲ ପଡ଼ା ୱାର୍ଡ ନଂ ୯ ର ବାସିନ୍ଦା ଥିବା ଏବଂ ଗତ ୨୦ ବର୍ଷ ଧରି ପୌର ପରିଷଦ ର ହୋଲ୍ଡିଙ୍ଗ ଟ୍ୟାକ୍ସ ଦାତା ରହିଥିବା ଉଲ୍ଲେଖ କରାଯାଇଛି।ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଜାରି ଏହି ପ୍ରମାଣ ପତ୍ର ସାମ୍ନା ଆସିବା ପରେ ଏହି ପ୍ରସଙ୍ଗ ନୂଆ ମୋଡ ନେଇଛି।

## ହେଲ୍‌ଥ ଭିଲାର ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଢେଙ୍କାନାଳ, ୭।୧୦ (ସଂଚାର ବ୍ୟୁରୋ): ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ହେଲ୍ଥ ଭିଲା ପକ୍ଷରୁ ଢେଙ୍କାନାଳ ବାର ଆସୋସିଏସନ ପ୍ରାଙ୍ଗଣରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ପ୍ରାୟ ୭୫ ଜଣ ଆଇନଜୀବୀଙ୍କ ସମେତ ବାର ଆସୋସିଏସନର ସଦସ୍ୟ ଓ କର୍ମଚାରୀମାନେ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆବଶ୍ୟକ ଚିକିତ୍ସା ପରାମର୍ଶ ଗ୍ରହଣ କରିଥିଲେ।

ଶିବିରରେ ରକ୍ତଚାପ, ଡାଇବେଟିସ୍, ହାଡ଼ ଓ ମାଂସପେଶୀଜନିତ ସମସ୍ୟା, ମେରୁଦଣ୍ଡ ଓ ଗଣ୍ଠି ଯନ୍ତ୍ରଣା ଆଦି ସମ୍ପର୍କରେ ପରୀକ୍ଷା କରାଯିବା ସହ ଜୀବନଶୈଳୀଜନିତ ବିଭିନ୍ନ ରୋଗରୁ କିପରି ଦୂରେଇ ରହିହେବ ସେ ନେଇ ଉପସ୍ଥିତ ଆଇନଜୀବୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ଡା. ଶ୍ରିଷ୍ଟି ସିଂହ ଉପସ୍ଥିତ ରହି ଆଇନଜୀବୀ ଓ ଅନ୍ୟ ଅଂଶଗ୍ରହଣକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ପରାମର୍ଶ ଦେବା ସହ ଦୈନନ୍ଦିନ ଜୀବନଶୈଳୀ ସହ ଜଡିତ ସ୍ୱାସ୍ଥ୍ୟ ସମସ୍ୟା ନେଇ ବିସ୍ତୃତ ଭାବେ ବୁଝାଇଥିଲେ।

## କୃଷକ ସଂଘର୍ଷ ଅଭିଯାନର ନୂଆଖାଇ ଭେଟଘାଟ



ଟିଟିଲାଗଡ଼, ୭।୧୦ (ସଂଚାର ବ୍ୟୁରୋ): ଟିଟିଲାଗଡ଼ ବ୍ଲକ ଲୁଥୁରବନ୍ଧ ପଞ୍ଚାୟତ ଅନ୍ତର୍ଗତ ଯାମଜୋର ପଡ଼ିଆଠାରେ କୃଷକ ସଂଘର୍ଷ ଅଭିଯାନ ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ଆବାହକ ବାଳକୃଷ୍ଣ ଷାଣ୍ଡଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜ ସେବୀ ତ୍ରିଲୋଚନ ପୁଞ୍ଜି, ବକ୍ତା ଭାବରେ କଳାହାଣ୍ଡି ଜିଲ୍ଲା ସମାଜବାଦୀ ପାର୍ଟି ସଭାପତି ଜଗଦୀଶ ଯାଦବ, ସିମାଞ୍ଚଳ ବେନୁଆ, ସମାଜସେବୀ ଗୋପାଳ ନିହାଲ ଯୁଗେଶ୍ୱର କଟା ଭୈରବ କଟା ପ୍ରମୁଖ ମଞ୍ଚାସିନ ଥିବା ବେଳେ ନିତ୍ୟାନନ୍ଦ ବିଶି ସଭା ପରିଚାଳନା କରିଥିଲେ। ଉପସ୍ଥିତ ବକ୍ତାମାନେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ଭାଇଚାରା, ଏକତା ଓ ସାମାଜିକ ସମ୍ପର୍କକୁ ମଜବୁତ କରିବା ଉଦ୍ଦେଶ୍ୟରେ ଏହି ଭେଟଘାଟ ଆୟୋଜନ କରାଯାଇଥିଲା। କୃଷି ଓ କୃଷକଙ୍କ ସଙ୍କଟ ଓ ସମାଧାନ ସରକାରଙ୍କ କୃଷକଙ୍କ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ କୃଷକ, ଶ୍ରମିକ ଓ ଅଞ୍ଚଳବାସୀ ଯୋଗଦେଇ ପରସ୍ପରକୁ ନୂଆଖାଇର ଶୁଭେଚ୍ଛା ଜଣାଇଥିଲେ। ନୂଆଖାଇ ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଚାଷୀ ସମାଜର ଭୂମିକା ଓ ତାଙ୍କ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଚାଷୀଙ୍କ ସ୍ୱାର୍ଥ, କୃଷିର ବିକାଶ ଓ ଚାଷୀଙ୍କ ଅଧିକାର ପାଇଁ ଏକଜୁଟ ହୋଇ କାମ କରିବାକୁ ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଓ କୃଷକ ସଂଘର୍ଷ ଅଭିଯାନର କର୍ମକର୍ତ୍ତାମାନେ ଉପସ୍ଥିତ କରିଥିଲେ।

# କାକଟପୁରରେ ବିଜେଡିର ଶକ୍ତି ପ୍ରଦର୍ଶନ

### ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସ୍ୱାଧୀନଙ୍କ ମାଷ୍ଟର ପ୍ଲାନ

କାକଟପୁର/ଅସ୍ତରଙ୍ଗ, ୭।୧୦ (ସଂଚାର ବ୍ୟୁରୋ): କୁହୁଡିର ଲବଣ ସତ୍ୟାଗ୍ରହ ପୀଠରୁ କାକଟପୁରର ଜନ ଗର୍ଜନ ଯାଏଁ - ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ଖେଳିଲା ବଡ ଚାଲ। ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗର ଐତିହାସିକ କୁହୁଡି ଲବଣ ସତ୍ୟାଗ୍ରହ ପୀଠରୁ ଯେଉଁ ପଦଯାତ୍ରା ଆରମ୍ଭ ହୋଇଥିଲା, ତାର ଦ୍ୱିତୀୟ ପର୍ଯ୍ୟାୟ ବୁଧବାର କାକଟପୁର ବ୍ଲକରେ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାକୁ ନେଇ କାକଟପୁର ରାଜନୀତି ଏବେ ପୁରା ସରଗରମ ହୋଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଏହି ପଦଯାତ୍ରାକୁ ବିଜେଡି ପକ୍ଷରୁ ମାଷ୍ଟର ଷ୍ଟ୍ରୋକ ବୋଲି କୁହାଯାଉଛି। ଏହି ପଦଯାତ୍ରା ମାଧ୍ୟମରେ ଗାଁ ଗାଁରେ ଲୋକଙ୍କ ସହ ସିଧା ଯୋଡି ହେବାକୁ ବିଜେଡି ଯୋଜନା କରିଛି।

ବୁଧବାର ମଧ୍ୟାହ୍ନରେ କାକଟପୁର ବ୍ଲକର ୧୬ ଗୋଟି ପଞ୍ଚାୟତ କର୍ମୀମାନଙ୍କୁ ନେଇ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କାକଟପୁର ଆନନ୍ଦ ବଜାର ଜଗନ୍ନାଥ ମନ୍ଦିର ନିକଟରୁ ବାଙ୍ଗୁରୀଗାଁ ଛକ ଦେଇ ନାଶିକେଶ୍ୱର ପଞ୍ଚାୟତ ନାଟେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୭କିମି ରାସ୍ତାରେ



ବିଜେଡିର ଜନ ସୁଅ ଛୁଟିଥିଲା। ୧୬ ପଞ୍ଚାୟତରୁ ଆସିଥିବା ଯୁବ ବିଜେଡି, ଛାତ୍ର ବିଜେଡି ଓ ମହିଳା କର୍ମୀ ହାତରେ ପ୍ଲାକାର୍ଡ ଧରି 'ପିସି ରାଜ ହଟାଅ, ଗାଁ ବଞ୍ଚାଅ' ନାରା ଦେଉଥିଲେ।

ଏହି ପଦଯାତ୍ରାରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମୀଙ୍କୁ ଉଜ୍ଜୀବିତ କରିଥିଲେ। ତାଙ୍କ ସହ ପୁରୀ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଯୁବ ବିଜେଡି ଉପ ସଭାପତି ହରିହର ପାତ୍ର, ବ୍ଲକ ବିଜେଡି ସଭାପତି ରୁଦ୍ର ପ୍ରସାଦ ଲେଙ୍କା ଓ ପ୍ରତି ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ମାନେ ପ୍ରମୁଖ ସାମିଲ ଥିଲେ। ଶତାଧିକ ବିଜୁ ଜନତା ଦଳ କର୍ମୀ ପଦଯାତ୍ରାରେ ସାମିଲ ହୋଇ ଶକ୍ତି ପ୍ରଦର୍ଶନ କରିଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ବେହେରା କହିଥିଲେ, ବର୍ତ୍ତମାନ ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ବ୍ୟାପକ ଦୁର୍ନୀତି ଚାଲିଛି। ଆବାସ ଯୋଜନାରୁ ଆରମ୍ଭ କରି ରାସ୍ତା, ପାନୀୟ ଜଳ ପ୍ରକଳ୍ପରେ ପିସି କାରବାର ବଢ଼ିଛି। ସାଧାରଣ ଲୋକଙ୍କ ଭତ୍ତାରେ ବୟସ ଜାଲିଆତି କରାଯାଇ ଦଳୀୟ ହିସାବରେ ଭତ୍ତା ବଣ୍ଟନ ହେଉଛି, ବାରମ୍ବାର ବିଭିନ୍ନ ପଞ୍ଚାୟତରେ ଆବାସ ଯୋଜନାରେ ଅଭିଯୋଗ କଲେ ମଧ୍ୟ ଯୋଗ୍ୟ ହିତାଧିକାରୀ ସାମିଲ ହେଉନାହାଁନ୍ତି। ସାଧାରଣ ଲୋକ ହଇରାଣ ହେଉଛନ୍ତି। ସେହିପରି ରାଜ୍ୟ ଓ କେନ୍ଦ୍ରରେ ଶାସକ ଦଳ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ଆକାଶ ଛୁଆଁ ହୋଇଛି। ଏହାକୁ ଘରେ ଘରେ ପହଞ୍ଚାଇବା ପାଇଁ ଏହି ପଦଯାତ୍ରା।

ଏହି ଅବସରରେ ପୁରୀ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଶ୍ରୀ ସ୍ୱାଧୀନ କୁମାର ନାୟକ ସ୍ୱତନ୍ତ୍ର ବୟାନ ଦେଇ କହିଛନ୍ତି, ଆଜି ବ୍ଲକରେ ଯେଉଁ ପିସି ମାଫିଆ ଗଢି ଉଠିଛି, ତାକୁ ଭାଙ୍ଗିବାକୁ ଏହି ପଦଯାତ୍ରା। ନବୀନ ବାବୁଙ୍କ ଆଦର୍ଶ ଓ ଗାନ୍ଧୀଜୀଙ୍କ ସତ୍ୟ ଆମ ପାଥେୟ। ଆଗାମୀ ପଞ୍ଚାୟତ ନିର୍ବାଚନରେ ୧୬ଟି ପଞ୍ଚାୟତରେ ଯୁବ ବିଜେଡି ଘରେ ଘରେ ପହଞ୍ଚି ସଙ୍ଗଠନକୁ ବଜ୍ର ଭଳି ମଜବୁତ କରିବ। କାକଟପୁର ଥିଲା ବିଜେଡିର, ଅଛି ବିଜେଡିର, ରହିବ ବି ବିଜେଡିର"।

## ଘୁନସର ଯୁକ୍ତ ତିନି କଲେଜରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ସଇଁତଲା, ୭।୧୦ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଘୁନସର ଯୁକ୍ତ ୩ କଲେଜ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଧନଞ୍ଜୟ ପଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱାଗତ ସମାରୋହରେ ବ୍ୟଙ୍ଗ କବି ସୁଶାନ୍ତ ମିଶ୍ର ମୁଖ୍ୟ ଅତିଥି ଏବଂ କୁସୁର୍ଲା କଲେଜର ଅଧ୍ୟକ୍ଷ ନବୀନ କୁମାର ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବା ବେଳେ ବିଷ୍ଣୁ ପ୍ରସାଦ ନାୟକ ଓ ମାଧବ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

କଲେଜର ଅଧ୍ୟାପକ ସଂଜୀବ କୁମାର ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ କଲେଜର ପ୍ରମୋଦ ନାୟକ, ଉମାକାନ୍ତ ସାହୁ, ସନମ ସୁନା, ଶାମୁକା ରଣା, ଦୋଳଗୋବିନ୍ଦ ମନହୀରା, ଦଳଗୋବିନ୍ଦ ରଣା ଓ ବିଜୟ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ କାୟଲ ସାହୁ ରଙ୍ଗାରଙ୍ଗ ସାଂସ୍କୃତିକ ସମାରୋହର ମଞ୍ଚ ପରିଚାଳନା କରିଥିଲେ। ପରେ କଲେଜର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନବାଗତ ଛାତ୍ରଛାତ୍ରୀମାନେ ଏହି ସ୍ୱାଗତ ସମାରୋହକୁ ନେଇ ଉତ୍ସାହିତ ହୋଇଥିଲେ। ଶେଷରେ ମହେଶ ଦତ୍ତ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସାୟନିକ ଦୁର୍ଘଟଣା ମୁକାବିଲା ପାଇଁ ପ୍ରସ୍ତୁତି

- ଶିଳ୍ପ ବିକାଶ ସହ ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନକୁ ଗୁରୁତ୍ୱ
- ପୂର୍ବ ପ୍ରସ୍ତୁତି ସହ ଜନସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା: ଗର୍ଗ



**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାସାୟନିକ ଦୁର୍ଘଟଣାର ପ୍ରତିରୋଧ, ପ୍ରସ୍ତୁତି, ତ୍ୱରିତ ମୁକାବିଲା ଓ ଦୁର୍ଘଟଣା ପରବର୍ତ୍ତୀ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ନେଇ ରାଜ୍ୟ ସଙ୍କଟ ଗୋଷ୍ଠୀ (ଷ୍ଟେଟ କ୍ରାଇସେସ ଗ୍ରୁପ୍)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସାୟନିକ ଦୁର୍ଘଟଣା ସମୟରେ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବ ପ୍ରସ୍ତୁତି, ତ୍ୱରିତ ପ୍ରତିକ୍ରିୟା ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟ ସଚିବ କହିଥିଲେ ଯେ ଶିଳ୍ପ ବିକାଶ ସହିତ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ସମାନ ଗୁରୁତ୍ୱ ରହିଛି। ସମ୍ଭାବ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ଜିଲ୍ଲା ଓ ସ୍ଥାନୀୟ ସ୍ତରର ଜରୁରୀକାଳୀନ ଯୋଜନା, ନିୟମିତ ମକ୍ ଡ୍ରିଲ୍, ସୁରକ୍ଷା ଅଡିଟ୍ ଓ ତଥ୍ୟଭିତ୍ତିକ ଆକଳନକୁ ଅଧିକ ପ୍ରଭାବଶାଳୀ କରାଯିବା ଆବଶ୍ୟକ। ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ରଖି ଜରୁରୀ ପରିସ୍ଥିତିରେ ତ୍ୱରିତ ଓ ସଫଳ ମୁକାବିଲା କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ବିଭାଗୀୟ ଓ ଜିଲ୍ଲାସ୍ତରୀୟ ପ୍ରସ୍ତୁତିକୁ ଏକ ସମନ୍ୱିତ ବ୍ୟବସ୍ଥା ଅଧୀନରେ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ। ବିପଦ ସମ୍ପର୍କିତ ତଥ୍ୟର ନିୟମିତ ଯାଞ୍ଚ, ଜିଲ୍ଲାରେ ଶିଳ୍ପ ସଂସ୍ଥା ବା କାରଖାନାଠାରୁ ଦୂରରେ ଦ୍ରବ୍ୟ ପରିବହନ କରୁଥିବା ଯାନ ବା ସେଭଳି କ୍ଷେତ୍ରରେ ଦୁର୍ଘଟଣା ଘଟିଲେ ଅଫ୍-ସାଇଟ୍ ଜରୁରୀକାଳୀନ ଯୋଜନାର ସମୀକ୍ଷା, ଜିଆଇଏସ ଆଧାରିତ ମ୍ୟାପିଙ୍ଗ୍ ଓ ସ୍ଥାନୀୟ ପ୍ରଶାସନର ପ୍ରସ୍ତୁତିକୁ ଅଧିକ ମଜବୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ, ଜିଲ୍ଲା, ଶିଳ୍ପ ସଂସ୍ଥା ଓ ଜରୁରୀକାଳୀନ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ଓ ପରସ୍ପର ସହଯୋଗ ବଢ଼ାଇବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ରାସାୟନିକ ଦୁର୍ଘଟଣା ସମୟରେ ତ୍ୱରିତ ପ୍ରତିକ୍ରିୟା ପାଇଁ ପ୍ରଶିକ୍ଷିତ ମାନବ ସମ୍ବଳ, ଆବଶ୍ୟକ ଉପକରଣ ଓ ବିଶେଷ ଜରୁରୀକାଳୀନ ଯାନର ଉପଲବ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ। ଭାରି ଯାନ, ଜରୁରୀ କାଳୀନ ସେବା ଯାନ, ନିୟମିତ ମକ୍ ଡ୍ରିଲ୍, ଉଦ୍ଧାର ଓ ନିରାପଦ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ସହ ଅଗ୍ନିଶମ ସେବା, ଜିଲ୍ଲା ପ୍ରଶାସନ, ଶିଳ୍ପ ସଂସ୍ଥା ଓ ଅନ୍ୟାନ୍ୟ ଜରୁରୀକାଳୀନ ସଂସ୍ଥା ମଧ୍ୟରେ ଯୁଗ୍ମ ଅଭ୍ୟାସ ଓ ସମନ୍ୱୟ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ଚିଲିକା ମଝିରେ ଫସିଲା ଡଙ୍ଗା

# ୪୦ ମିନିଟ୍ ଧରି ଫସି ରହିଲେ ୫୦ ଯାତ୍ରୀ



**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଚିଲିକା ମଝିରେ ଫସିଲା ଯାତ୍ରୀବାହୀ ଡଙ୍ଗା। ଅଚାନକ ଚିଲିକା ହ୍ରଦରେ ଏକ ଯାତ୍ରୀବାହୀ ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ବୋଟ୍‌ଟି ଅଟକି ରହିଥିଲା। ମହିଷା ଗାଁ ନିକଟରେ ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ଅଚାନକ ବୋଟ୍‌ଟି ସେଠାରେ ଅଟକି ରହିଥିଲା। ସେତେବେଳେ ଉକ୍ତ ଯାତ୍ରୀବାହୀ ଡଙ୍ଗାରେ ୫୦ରୁ ଅଧିକ ଲୋକ ଓ ୧୫ଟି ବାଇକ୍ ଥିଲା। ଡଙ୍ଗାଟି ଜହ୍ନିକୁଦ ଘାଟରୁ ଯାତ୍ରୀଙ୍କୁ ନେଇ ସାତପଡ଼ା ଅଭିମୁଖେ ଯାଉଥିବା ସମୟରେ ମଝି ଚିଲିକାରେ ଫସିଯାଇଥିଲା। ତେବେ ପାଖାପାଖି ୪୦ ମିନିଟ୍ ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବୋଟ୍‌ରେ କଲେଜ ଛାତ୍ରୀ ଓ କେତେକ ଛୋଟ ପିଲା ମଧ୍ୟ ଥିଲେ। ଡଙ୍ଗା ଚାଳକ ମେସିନକୁ ସଜାଡ଼ିବାକୁ ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଥିଲେ। ଶେଷରେ ଅନ୍ୟ ଏକ ଡଙ୍ଗାରେ ସମସ୍ତ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ନିଆଯାଇଥିଲା ସୌଭାଗ୍ୟବଶତଃ ଏକ ବଡ଼ ଧରଣର ଅଘଟଣ ଟଳିଯାଇଛି।

# ଟଙ୍ଗପାଣି ବ୍ରିଜ ଉପରେ ଯୁବକଙ୍କ ହାଇଡ୍ରାମା



ନଦୀକୁ ଡେଇଁ ପଡ଼ିବାକୁ ଧମକ

**ବାଲିପାଟଣା,୭।୧୦(ସଂଚାର ବ୍ୟୁରୋ):** ପାଖକୁ ଆସନି ଡେଇଁ ପଡ଼ିବି। ପୁଲିସକୁ ଯୁବକ ଏପରି ଧମକ ଦେଇ ଟଙ୍ଗପାଣି ବ୍ରିଜ ଉପରେ ଯୁବକଙ୍କ ହାଇଡ୍ରାମା। ଟଙ୍ଗପାଣି ବ୍ରିଜ ଉପରୁ କୁଆଖାଇ ନଦୀକୁ ଡେଇଁ ପଡ଼ିବାକୁ ଧମକ ଦେଉଥିବା ଖବର ପାଇ ପିସିଆର ଓ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ।

ବୁଧବାର ଦ୍ୱିପ୍ରହରେ ଜଣେ ଯୁବକ ଟଙ୍ଗପାଣି ବ୍ରିଜ୍ ଉପରୁ କୁଆଖାଇ ନଦୀକୁ ଡେଇଁ ପଡ଼ିବାକୁ ଉଦ୍ୟମ କରୁଥିଲେ। ଖବର ପାଇ ପିସିଆର ଓ ବାଲିଅନ୍ତା ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଯୁବକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ଏହି ସମୟରେ ଯୁବକ ଜଣଙ୍କ ପୁଲିସକୁ ପାଖକୁ ଆସିଲେ ନଦୀକୁ ଡେଇଁପଡ଼ିବେ ବୋଲି ବାରମ୍ବାର ଧମକ ଦେଉଥିଲେ। ଆଉ ମିଡିଆକୁ ଡାକ ବୋଲି ଦାବି କରୁଥିଲେ। ତେବେ ଦୀର୍ଘ ସମୟର କସରତ ପରେ ଯୁବକଙ୍କୁ ପୁଲିସ ଏବଂ ଅଗ୍ନିଶମ ବାହିନୀ କାବୁ କରିବାରେ ସକ୍ଷମ ହୋଇଛନ୍ତି। ପରେ ଯୁବକଙ୍କୁ ବଡ଼ଗଡ଼ ଥାନାକୁ ନେଇ ପଚରାଉଚରା କରୁଛି ପୁଲିସ। ଯୁବକ ଜଣଙ୍କ କୌଣସି ଏକ ଅଭିଯୋଗ ଥାନାରେ କରିଥିଲେ।

## ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲା

# ଶେଷ ଅଭିଯୁକ୍ତ ବୁଦ୍ଧଦେବଙ୍କୁ ମିଳିଲା ଜାମିନ

**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ଇତିହାସର ଚର୍ଚ୍ଚିତ ଗ୍ରାହାମ୍ ଷ୍ଟେନ୍ସ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ବୁଦ୍ଧଦେବ ନାୟକ ଓରଫ ବୁଦ୍ଧିଆକୁ ମିଳିଲା ଜାମିନ। ବୁଦ୍ଧିଆ ଥିଲା ହତ୍ୟାକାଣ୍ଡ ମାମଲାର ଶେଷ ଅଭିଯୁକ୍ତ। ସିବିଆଇ ବୁଦ୍ଧିଆକୁ ପଳାତକ ଘୋଷଣା କରିଥିଲା। ପରେ ଅଭିଯୁକ୍ତ ୨୦୧୯ରେ ଗିରଫ ହୋଇଥିଲା। ଗିରଫର ୭ ବର୍ଷ ପରେ ମିଳିଲା ଜାମିନ। ଭୁବନେଶ୍ୱର ଏଡିଜେ ୪ କୋର୍ଟରୁ ମିଳିଲା ଜାମିନ। ଗତ ୧୯୯୯ ଜାନୁଆରୀ ୨୨ ତାରିଖରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମରେ ଘଟିଥିଲା ଗ୍ରାହାମ୍ ଷ୍ଟେନ୍ସ ହତ୍ୟାକାଣ୍ଡ। ଚର୍ଚ୍ଚ ସମ୍ମୁଖରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଗାଡ଼ି ଭିତରେ ଜୀବନ୍ତ ପୋଡ଼ି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସେତେବେଳେ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲା।

# ପଦୋନ୍ନତି ପରେ ବଦଳିଲେ ସାନଖେମୁଣ୍ଡି ବିଡିଓ



**ଦିଗପହଣ୍ଡି,୭।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକର ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପଦୋନ୍ନତି ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସ୍ୱତନ୍ତ୍ର ଶାସନ ସଚିବଙ୍କ ଦସ୍ତଖତ ଅନୁଯାୟୀ ଚିଠି ନଂ.୩୧୮୩୪/୨୬ ପ୍ରକାରେ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୬ ବ୍ୟାଚ୍‌ର ଓଏଏସ୍ ଅଫିସର ଜିତେନ୍ଦ୍ର ପୂର୍ବରୁ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ରେ ବିଡିଓ ଭାବେ ଦାୟିତ୍ୱ ତୁଲାଇଥିଲେ। ଗତ ୨୦୨୩ ଅକ୍ଟୋବରରୁ ସେ ପ୍ରାୟ ୩ ବର୍ଷ ହେଲା ସାନଖେମୁଣ୍ଡି ବ୍ଲକର ବିଡିଓ ଭାବେ ଦାୟିତ୍ୱ ଭାର ଗ୍ରହଣ କରିବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ପାଇଁ ତାଙ୍କ ଉଦ୍ୟମରେ ବହୁ ସଂଖ୍ୟକ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ଯୋଜନାରେ ସରକାରୀ ସହାୟତା ପ୍ରଦାନ ସହ ସମସ୍ତ ପଞ୍ଚାୟତରେ ରହିଥିବା ମୌଳିକ ସମସ୍ୟାର ତ୍ୱରିତ ସମାଧାନ କରାଯାଇ ଗ୍ରାମାଞ୍ଚଳ ଜନସାଧାରଣ ଓ ନିର୍ବାଚିତ ପ୍ରତିନିଧିଙ୍କ ସହଯୋଗରେ ପ୍ରଶାସନିକ ନୀତି ନିୟମ ଅନୁଯାୟୀ ସେ କାର୍ଯ୍ୟ କରିଥିବା ତାଙ୍କ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି।

# ନୀଳଗିରି ସହରରେ ମାତିଛି ଭାଲୁ



**ନୀଳଗିରି,୭।୧୦(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ସହରର ଜଣେ ସାଇକେଲ ଆରୋହୀଙ୍କୁ ଭାଲୁ ଆକ୍ରମଣ କରିଛି। ଆଜି ସକାଳ ସାଢ଼େ ୫ଟା ବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ମିଳିଥିବା ସୂଚନାନୁଯାୟୀ, ଏକ ଭାଲୁ ନୀଳଗିରି ଏନଏସି ୨ ନମ୍ବର ୱାର୍ଡ ଘାଟଘରସାହି ଅଞ୍ଚଳରେ ମୁଖ୍ୟ ରାସ୍ତାରେ ବୁଲୁଥିଲା। ଖାଦ୍ୟ ଅନ୍ୱେଷଣରେ ଆସିଥିବା ଭାଲୁଟି ଦିନ ହୋଇଯିବାରୁ ଆଉ ଜଙ୍ଗଲକୁ ଫେରି ପାରି ନ ଥିଲା। ତେବେ ସେହି ରାସ୍ତା ଦେଇ ଜଣେ ସାଇକେଲ ଆରୋହୀ ଯାଉଥିବା ବେଳେ ଭାଲୁଟି ସାଇକେଲ ଉପରକୁ ଡିଆଁ ମାରିଥିଲା। ହେଲେ ସାଇକେଲ ଆରୋହୀ ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଥିଲେ। ତେବେ ଘଟଣା ବେଳର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଭାଲୁଟିକୁ ଘଉଡ଼ାଇବାରୁ ସେ ଜଙ୍ଗଲ ଭିତରକୁ ଚାଲିଯାଇଛି।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ବଲାଙ୍ଗୀରରେ ଉତ୍ତେଜନା



**ବଲାଙ୍ଗୀର,୭।୧୦(ସଂଚାର ବ୍ୟୁରୋ):** କଲେଜ ନିର୍ବାଚନକୁ ନେଇ ଏବେଠୁ ବଲାଙ୍ଗୀର ଜିଲ୍ଲାରେ ଉତ୍ତେଜନା ଦେଖାଦେଲାଣି। ବଲାଙ୍ଗୀର ଜିଲ୍ଲାର ପୁଇଁନ୍ତଲା ନିକଟରେ ଥିବା ସରକାରୀ ବଲାଙ୍ଗୀର କଲେଜରେ ଉତ୍ତେଜନା ଦେଖାଦେବା ସହ ଛାତ୍ରମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। କଲେଜ କ୍ୟାମ୍ପସରେ ଅଣଛାତ୍ର ପ୍ରବେଶ କରୁଥିବା ନେଇ ଏବିଭିପି ଓ ବିଜୁ ଛାତ୍ର ଜନତା ଦଳର ସଦସ୍ୟମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଖବର ପାଇ ପୁଇଁନ୍ତଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବି ଉଭୟ ଦଳର ସମର୍ଥିତ ଛାତ୍ର ଓ ନେତାମାନଙ୍କ ମଧ୍ୟରେ ତୁତୁ ମେଁମେଁ ହୋଇଥିଲା। ତେବେ ପୁଲିସ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସେହିପରି ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ପ୍ରବେଶକୁ ନେଇ ଅଭିଯୋଗ ପରେ ଲକ୍ଷ୍ମୀଜୋର ଥାନା ପୁଲିସ ପହଞ୍ଚି ଛାତ୍ରମାନଙ୍କ ସହ ଆଲୋଚନା କରିଛି। ରାଜ୍ୟ ସରକାର ନିର୍ବାଚନ ଘୋଷଣା କରିବା ପରେ ଜିଲ୍ଲାରେ ଥିବା ବିଭିନ୍ନ କଲେଜ କ୍ୟାମ୍ପସରେ ନିର୍ବାଚନ ମାହୋଲ୍ ସରଗରମ ହୋଇଉଠିଛି। କଲେଜ ନିର୍ବାଚନ ଆଗରୁ ବଲାଙ୍ଗୀରରେ ଜୋରଦାର ପଲିଟିକାଲ ଲଢ଼େଇ ହେଉଥିବା ଏବେଠୁ ଦେଖିବାକୁ ମିଳିଲାଣି।

# ସ୍ୱାମୀଙ୍କୁ ଫେରାଇ ଆଣିବାକୁ କହି ମହିଳାଙ୍କୁ ଦୁଷ୍କର୍ମ

**ରାଇରଙ୍ଗପୁର,୭।୧୦(ସଂଚାର ବ୍ୟୁରୋ):** ଗୁଣିଗାରେଡ଼ି ଆଳରେ ମହିଳାଙ୍କ ସହ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଅଲଗା ରହୁଥିବା ସ୍ୱାମୀଙ୍କୁ ଫେରାଇ ଆଣିବାକୁ କହି ୩ ଦିନ ଧରି ପୀଡ଼ିତାଙ୍କ ସହ ଦୁଷ୍କର୍ମ ହୋଇଛି। ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନାଞ୍ଚଳରେ ଏହାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ପାରିବାରିକ ଅଶାନ୍ତି ଦୂର କରିବା ସହ ଅଲଗା ରହୁଥିବା ସ୍ୱାମୀଙ୍କୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ ସମ୍ପୃକ୍ତ ଗୁଣିଆ। ଏନେଇ ମହିଳାଙ୍କୁ ନିଜ ଘରେ ୩ ଦିନ ରଖି ସେ ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି ନିଜେ ପୀଡ଼ିତା। ଏପରିକି ପ୍ରତିବାଦ କଲେ ଗୁଣିଗାରେଡ଼ି କରି ସ୍ୱାମୀ-ସ୍ତ୍ରୀଙ୍କୁ ମାରିଦେବାକୁ ଗୁଣିଆ ଜଣଙ୍କ ଧମକ ବି ଦେଉଥିଲେ। ପରେ ଗୁଣିଆ କବଳରୁ ଖସି ପୀଡ଼ିତା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ପାରିବାରିକ ଅଶାନ୍ତି ଯୋଗୁଁ ମହିଳାଙ୍କ ସ୍ୱାମୀ ତାଙ୍କ ସହ ରହୁ ନ ଥିଲେ। ସ୍ୱାମୀଙ୍କୁ ଫେରାଇ ଆଣିବା ପାଇଁ ମହିଳା ଜଣଙ୍କ ବିଶୋଇ ଥାନା ମଧୁପୁର ଗାଁର ଜଣେ ଗୁଣିଆଙ୍କ ନିକଟକୁ ଯାଇଥିଲେ। ଗୁଣିଆ ଜଣଙ୍କ ସମସ୍ତ ସମସ୍ୟାର ସମାଧାନ କରିଦେବା ସହ ସ୍ୱାମୀଙ୍କୁ ଫେରାଇ ଆଣିବାକୁ ମହିଳାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେ ମହିଳାଙ୍କୁ ତାଙ୍କ ଘରେ ରଖି ଦୁଷ୍କର୍ମ କରିଥିଲେ। ଗୁଣିଆ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ପୀଡ଼ିତା ଦାବି କରିଥିବା ବେଳେ ସ୍ଥାନୀୟ ପୁଲିସ୍ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ କାହାରିକୁ ବି ଗିରଫ କରିନାହିଁ।

# ସାମାନ୍ୟ ଝଗଡ଼ାରୁ ଗୁଳିକାଣ୍ଡ: ଜଣେ ମୃତ

**ଅନୁଗୋଳ,୭।୧୦(ସଂଚାର ବ୍ୟୁରୋ):** ଅନୁଗୋଳ ଜିଲ୍ଲାର ବନ୍ତଲା ନିମ୍ବସାହି ଗୁଳିକାଣ୍ଡ ଘଟଣାରେ ଅନୁଗୋଳ ପୁଲିସ ଆଜି ବଡ଼ ଖୁଲାସା କରିଛି। ସାମାନ୍ୟ ବଚସାକୁ କେନ୍ଦ୍ର କରି ଘଟିଥିଲା ଗୁଳିକାଣ୍ଡ। ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକ ଏନେଇ ସୂଚନା ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ପ୍ରକାଶ ସାହୁ ଓ ମୃତକ ସୁଶାନ୍ତ ପ୍ରଧାନ ପୂର୍ବରୁ ପରିଚିତ ଥିଲେ। ଉଭୟ ମଧ୍ୟ ଗୋଟିଏ ଗାଁର ବାସିନ୍ଦା। ଅଭିଯୁକ୍ତ ପ୍ରକାଶ ସାହୁ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ହୋଇଥିବା ବେଳେ ସେ ଅଧିକାଂଶ ସମୟରେ ସୁଶାନ୍ତ ପ୍ରଧାନଙ୍କ ସହ ମିଳାମିଶା କରନ୍ତି। ତେବେ କୌଣସି କାରଣରୁ ଗତକାଲି ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ପ୍ରକାଶ ନିଜ ଡବଲ ବ୍ୟାରେଲ ବ୍ରିଜ୍ ଲୋଡିଂ ଗନ୍‌ରୁ ଫାୟାରିଂ କରିଥିଲେ। ଫଳରେ ସୁଶାନ୍ତଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବନ୍ତଲା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଆଜି ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ କରିଛି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ, ତାହା ଜାଣିବା ସକାଶେ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଛି।

# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ



**କଲ୍ୟାଣସିଂହପୁର,୭।୧୦(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଘଟିଛି ଅଘଟଣ। ପୋଖରୀରେ ବୁଡ଼ି ଦୁଇ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ହେଲେ ପୂଜାରୀଗୁଡ଼ା ପଞ୍ଚାୟତ ବଡ଼ନାୟକଗୁଡ଼ା ଗାଁର ନିଲୁ କାଡ୍ରାକା ଓ କାମି ତିଆକା। ଉଭୟେ ଶାନ୍ତିନଗର ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁଯାୟୀ, ଆଜି ସକାଳୁ ସାରି ତିଆକାଙ୍କ ନାବାଳିକା ଝିଅ କାମି ତିଆକା ଓ ମିଶ୍ର କାଡ୍ରାକାଙ୍କ ଝିଅ ନିଲୁ କାଡ୍ରାକା ମିଶି ବଡ଼ନାୟକଗୁଡ଼ା ଗାଁଠାରୁ ପ୍ରାୟ ଏକ କିମି ଦୂରରେ ଥିବା ଶାନ୍ତିନଗର ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଦୁର୍ଭାଗ୍ୟବଶତଃ ଗୋଡ଼ ଖସିଯିବାରୁ ଗଭୀର ଜଳରେ ବୁଡ଼ିଯାଇଥିଲେ। ଏନେଇ ସ୍ଥାନୀୟ ଲୋକ ଦେଖିବା ପରେ ଉଭୟଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ପୋଖରୀ ନିକଟରେ ପହଞ୍ଚି ଦୁଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ କଲ୍ୟାଣସିଂହପୁର ପୁଲିସ ଖବର ପାଇ ପୋଖରୀ ନିକଟରେ ପହଞ୍ଚିଥିବା ବେଳେ ଏସଆଇ ହେମନ୍ତ କୁମାର ବରିଆ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଏସଆଇଆର ନେଇ ଆରମ୍ଭ ହେଲା ସ୍ୱତନ୍ତ୍ର ଅଭିଯାନ

## ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ସାମିଲ୍ ହେବେ




**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଏସଆଇଆର ଭୋଟର ତାଲିକାରେ ନାମ ସାମିଲ କରିବାକୁ ଯୋଗ୍ୟ ଥିବା ନାଗରିକମାନଙ୍କୁ ଆବେଦନ ଓ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ଆଜିଠାରୁ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏସଆଇରର ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା କିନ୍ତୁ ବାସ୍ତବରେ ଭୋଟଦାନ ପାଇଁ ଯୋଗ୍ୟ ନାଗରିକଙ୍କୁ ଆବଶ୍ୟକ ପ୍ରକ୍ରିୟା ମାଧ୍ୟମରେ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏଥିସହ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକଯୁବତୀମାନଙ୍କୁ ମଧ୍ୟ ଭୋଟର ତାଲିକାରେ ସାମିଲ କରିବା ଉପରେ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଗତ ୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଓ ଅନ୍ୟାନ୍ୟ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରୁଥିବା ଯୁବକଯୁବତୀମାନେ ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। କୌଣସି କାରଣରୁ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିଥିବା, କିନ୍ତୁ ବାସ୍ତବରେ ଭୋଟଦାନ ପାଇଁ ଯୋଗ୍ୟ ଥିବା ନାଗରିକମାନେ ମଧ୍ୟ ଏହି ଅଭିଯାନର ସୁଯୋଗ ନେଇପାରିବେ। ସେହିପରି ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ବିଏଲଓମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି। ସଂଗୃହୀତ ତଥ୍ୟକୁ ଜିଲ୍ଲା ସ୍ତରରେ ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେବାକୁ ନିବେଦନ କରାଯାଇଛି। ପ୍ରତ୍ୟେକ ନାଗରିକ ନିଜ ନାମ ଭୋଟର ତାଲିକାରେ ଅଛି କି ନାହିଁ ଯାଞ୍ଚ କରିବା, କିମ୍ବା ନାମ ସାମିଲ କରିବା ପାଇଁ ଯୋଗ୍ୟ ଥିଲେ, ନିର୍ଦ୍ଧାରିତ ପ୍ରକ୍ରିୟାରେ ଆବେଦନ କରିବାକୁ କୁହାଯାଇଛି।

# ଏସ୍‌ସିବିରେ ପରିସରରେ ଅଘଟଣ

## ପାଣି ଟାଙ୍କିରୁ ଡେଇଁ ଯୁବକ ଗୁରୁତର



**କଟକ, ୭।୧୦ (ସଂଚାର ବ୍ୟୁରୋ):** କଟକ ବଡ଼ ମେଡିକାଲ ତଥା ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ମଙ୍ଗଳବାର ଏକ ଅଘଟଣ ଘଟିଛି। ହସ୍ପିଟାଲ ପରିସରରେ ଥିବା ଏକ ପାଣି ଟାଙ୍କି ଉପରକୁ ଚଢ଼ିଥିବା ଜଣେ ଯୁବକ ତଳକୁ ଡେଇଁ ପଡ଼ିବାରୁ ଗୁରୁତର ଆହତ ହୋଇଛନ୍ତି। ଘଟଣା ପରେ ତାଙ୍କୁ ତୁରନ୍ତ ଏସ୍‌ସିବିର କାଜୁଆଲିଟି ବିଭାଗକୁ ନିଆଯାଇ ଚିକିତ୍ସା କରାଯାଇଛି। ସୂଚନା ଅନୁଯାୟୀ, ଯୁବକ ଜଣକ ଦୀର୍ଘ ସମୟ ଧରି ପାଣି ଟାଙ୍କି ଉପରେ ରହିଥିଲେ। ତାଙ୍କୁ ସୁରକ୍ଷିତ ଭାବେ ତଳକୁ ଆଣିବା ପାଇଁ ହସ୍ପିଟାଲ କର୍ମଚାରୀ ଓ ଅନ୍ୟମାନେ ଉଦ୍ୟମ କରୁଥିବା ବେଳେ ସେ ହଠାତ୍ ତଳକୁ ଡେଇଁ ପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଆହତ ଯୁବକଙ୍କ ନାମ ରାଜେଶ ପରିଡ଼ା ଓ ତାଙ୍କ ଘର ଯାଜପୁର ଟାଉନ ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ପୂର୍ବରୁ ମାନସିକ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ଥିବା ନେଇ ସୂଚନା ମିଳିଛି। ତେବେ ସେ କେଉଁ ପରିସ୍ଥିତିରେ ପାଣି ଟାଙ୍କି ଉପରକୁ ଚଢ଼ିଥିଲେ ଏବଂ ଘଟଣାର ପ୍ରକୃତ କାରଣ କ'ଣ, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣା ପରେ ଏସ୍‌ସିବି ପରିସରରେ କିଛି ସମୟ ପାଇଁ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିବା ବେଳେ ହସ୍ପିଟାଲ କର୍ମଚାରୀମାନେ ତୁରନ୍ତ ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ତାଙ୍କ ଚିକିତ୍ସା ଜାରି ରହିଛି।

## ବିଏମ୍‌ସିର ବ୍ୟାପକ ଚାରା ରୋପଣ କାର୍ଯ୍ୟକ୍ରମ

# ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ



**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଓ ବନ ବିଭାଗ ସହଯୋଗରେ ବ୍ୟାପକ ବୃକ୍ଷରୋପଣ, ସହରାଞ୍ଚଳ ଜଙ୍ଗଲ, ମିଆୱାକି ଜଙ୍ଗଲ, ଆଭେନ୍ୟୁ ଚାରା ରୋପଣ ଓ ମିଡିଆନ ସବୁଜୀକରଣ ମାଧ୍ୟମରେ ରାଜଧାନୀର ସବୁଜ ଆଚ୍ଛାଦନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରିଆସୁଛି। ଆଜି ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଜମିରେ ମିୟାୱାକି ପଦ୍ଧତିରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୮ ହଜାର ବୃକ୍ଷ ରୋପଣ କରାଯାଇଛି। ବିଏମ୍‌ସି ୨୦୨୪-୨୫ ଆର୍ଥିକ ବର୍ଷରେ ସିଟି ଫରେଷ୍ଟ ଡିଭିଜନର ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ୨୧ ହଜାରରୁ ଅଧିକ ଚାରା ରୋପଣ କରି ୫ଟି ମିଆୱାକି ଜଙ୍ଗଲ ସୃଷ୍ଟି କରିଥିଲା। ଏହି ସଫଳତାକୁ ଆଗକୁ ବଢ଼ାଇ ୨୦୨୫-୨୬ ଆର୍ଥିକ ବର୍ଷରେ ସିଟି ଫରେଷ୍ଟ ଡିଭିଜନ ଓ ଚନ୍ଦକା (ବନ୍ୟପ୍ରାଣୀ) ଡିଭିଜନର ସହଯୋଗରେ ବିଭିନ୍ନ ସ୍ଥାନରେ ୫୪,୮୫୦ଟି ଚାରା ରୋପଣ କରି ୧୦ଟି ମିଆୱାକି ଜଙ୍ଗଲ ସୃଷ୍ଟି କରାଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଏମ୍‌ସି ସମଗ୍ର ସହରରେ ୧ ଲକ୍ଷ ଚାରା ରୋପଣ କରିବାର ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସହରାଞ୍ଚଳର ସବୁଜ ଇକୋସିଷ୍ଟମକୁ ସୁଦୃଢ଼ କରିବା ଓ ପରିବେଶୀୟ ସ୍ଥିରତା ବୃଦ୍ଧି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅଭିଯାନରେ ଏପର୍ଯ୍ୟନ୍ତ ୫୩,୫୦୦ଟି ଚାରା ରୋପଣ କରାଯାଇ ସମୁଦାୟ ୭ଟି ମିଆୱାକି ଜଙ୍ଗଲ ସୃଷ୍ଟି କରାଯାଇଛି। ଏହା ହେଉଛି ଚଳିତ ବର୍ଷର ୮ମ ମିଆୱାକି ଜଙ୍ଗଲ। ମୋଟ ଉପରେ କହିବାକୁ ଗଲେ, ଗତ ତିନି ବର୍ଷ ମଧ୍ୟରେ ବିଏମ୍‌ସି ଅଞ୍ଚଳରେ ସମୁଦାୟ ୨୨ଟି ମିଆଁୱାକି ଜଙ୍ଗଲ ସୃଷ୍ଟି କରାଯାଇଛି।

## ନୟାପଲ୍ଲୀ ଦୁଷ୍କର୍ମ ମାମଲା

# ଟିଆଇ ପରେଡ୍‌ରେ ଅଭିଯୁକ୍ତଙ୍କୁ ଚିହ୍ନିଲେ ପୀଡ଼ିତା



**ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ):** ନିକଟରେ ନୟାପଲ୍ଲୀରେ ଜନୈକା ଯୁବତୀଙ୍କୁ ବନ୍ଧୁକ ମୂନରେ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ଶ୍ରୀଧର ପଣ୍ଡାଙ୍କର ଆଜି ଝାରପଡ଼ା ସ୍ୱତନ୍ତ୍ର ଜେଲ୍‌ରେ ଟିଆଇ ପରେଡ୍ କରାଯାଇଛି। ଅନ୍ୟ ୧୦ ଜଣ ବିଚାରାଧୀନ କଏଦୀଙ୍କ ସହ ଅଭିଯୁକ୍ତଙ୍କୁ ଠିଆ କରାଯାଇଥିଲା। ପୀଡ଼ିତାଙ୍କୁ ସେମାନଙ୍କ ମଧ୍ୟରୁ ଅଭିଯୁକ୍ତଙ୍କୁ ଚିହ୍ନିବା ସକାଶେ କୁହାଯାଇଥିବା ବେଳେ ସେ ତାଙ୍କୁ ଚିହ୍ନଟ କରିଥିବା ଡିସିପି ସର୍ବଣା ବିବେକ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ପୀଡ଼ିତା ଜଣଙ୍କ ନୟାପଲ୍ଲୀରେ ତାଙ୍କ ଭଉଣୀଙ୍କ ସହ ରହୁଥିଲେ। ପୀଡ଼ିତାଙ୍କ ଭଉଣୀ କୌଣସି କାମରେ ଘରୁ ବାହାରି ଯାଇଥିଲେ। ପୀଡ଼ିତା ଯୁବତୀ ଜଣଙ୍କ ଘର କବାଟ ବନ୍ଦ ନ କରି ତାଙ୍କ ବେଡ୍‌ରୁମ୍‌ରେ ଲ୍ୟାପଟପରେ କିଛି କାମ କରୁଥିଲେ। ତେବେ ଏହି ସମୟରେ ଅଭିଯୁକ୍ତ ଶ୍ରୀଧର ଘରର କବାଟ ଖୋଲି ଅଚାନକ ଭିତରକୁ ପଶିଥିଲେ। ଯୁବତୀ ଜଣଙ୍କ କିଛି ବୁଝିବା ଆଗରୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସେ ଦୁଷ୍କର୍ମ କରିଥିଲେ। ତା'ପରେ ଯୁବତୀଙ୍କ ଘର କବାଟକୁ ବାହାରୁ ବନ୍ଦ କରି ସେଠାରୁ ଚାଲି ଚାଲି ଯାଇ ଆମ ବସ୍‌ରେ ଯାଇଥିଲେ। ଅପରପକ୍ଷରେ ବଡ଼ ଭଉଣୀ ଘରେ ପହଞ୍ଚିବା ପରେ ସାନ ଭଉଣୀର ଅବସ୍ଥା ଦେଖି ତୁରନ୍ତ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାର ତଦନ୍ତ କରି ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦର ଶ୍ରୀଧରଙ୍କୁ ଚନ୍ଦକା ଅଞ୍ଚଳରୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ଆସନ୍ତା ୧୫ ଦିନ ଭିତରେ ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ସୂଚନା ଦିଆଯାଇଛି। ଏଥିସହ ଏହି ମାମଲାରେ ବିଚାରକୁ ତ୍ୱରାନ୍ୱିତ କରିବା ସକାଶେ ପୁଲିସ୍ ପକ୍ଷରୁ କୋର୍ଟଙ୍କୁ ନିବେଦନ କରାଯିବ ବୋଲି ମଧ୍ୟ ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ସଂଚାର SANCHAR
ଗୁରୁବାର ୮ ଅକ୍ଟୋବର ୨୦୨୬
BUSINESS





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୯,୫୭୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୭,୧୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୫୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୭,୧୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୫୭୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୭,୧୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୯,୭୦୦ ଟଙ୍କା ଓ ୨୨ କ୍ୟାରଟେ ୧,୩୭,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୫୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୯,୫୭୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୭,୧୦୦ ଟଙ୍କା ରହିଛି । ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୩୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଚୀନରୁ ଭାରତକୁ ଆସୁଛି ଫାର୍ମା ଅର୍ଡର

**ନୂଆଦିଲ୍ଲୀ,୭ା୧୦ଃ** ବିଶ୍ୱର ଫାର୍ମା ଶିଳ୍ପରେ ଭାରତ ପାଇଁ ନୂଆ ସୁଯୋଗ ସୃଷ୍ଟି ହେଉଛି। ପଶ୍ଚିମ ଦେଶଗୁଡ଼ିକର କ୍ରେତାମାନେ ନିଜର ସପ୍ଲାଏ ଚେନକୁ ବିବିଧ କରିବାକୁ ଚାହୁଁଥିବାରୁ ଚୀନରୁ ମିଳୁଥିବା କିଛି ଫାର୍ମା ଅର୍ଡର ଏବେ ଭାରତୀୟ କମ୍ପାନୀଙ୍କ ହାତକୁ ଆସୁଛି। ବିଶେଷକରି ଫାର୍ମା ଇଣ୍ଟରମିଡିଏଟ୍ସ କ୍ଷେତ୍ରରେ ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ଆକାରର କମ୍ପାନୀଗୁଡ଼ିକ ଏଥିରୁ ଲାଭ ପାଇବା ଆଶା କରୁଛନ୍ତି।ମଙ୍ଗଳବାର ସିପିଏଚଆଇ ଓ୍ୱାର୍ଲଡଓ୍ୱାଇଡରେ ଭାରତୀୟ ଫାର୍ମା କମ୍ପାନୀର ପ୍ରତିନିଧିମାନେ ଏଭଳି ସୂଚନା ଦେଇଛନ୍ତି। ତେବେ

## ଛୋଟ ଔଷଧ କମ୍ପାନୀଙ୍କ ପାଇଁ ବଢ଼ୁଛି ସୁଯୋଗ

ଭାରତ ଏବେ ବି ଅନେକ କଞ୍ଚାମାଲ ପାଇଁ ଚୀନ ଉପରେ ନିର୍ଭରଶୀଳ ଥିବାରୁ ମୂଲ୍ୟ ପ୍ରତିଯୋଗିତାରେ ଚୀନକୁ ଟକ୍କର ଦେବା ଏକ ବଡ଼ ଚ୍ୟାଲେଞ୍ଜ ବୋଲି କମ୍ପାନୀଗୁଡ଼ିକ କହିଛନ୍ତି। ୪୦ଟି ଭାରତୀୟ କମ୍ପାନୀର ଅଂଶଗ୍ରହଣଃ ଭାରତୀୟ ଔଷଧ ରପ୍ତାନି ପ୍ରୋତ୍ସାହନ ପରିଷଦ (Pharmexcil) ପକ୍ଷରୁ CPHI Worldwideରେ ଆୟୋଜିତ ଭାରତ ସରକାରଙ୍କ ପାଭିଲିୟନରେ ପ୍ରାୟ ୪୦ଟି କ୍ଷୁଦ୍ର ଓ ମଧ୍ୟମ ଆକାରର ଫାର୍ମା କମ୍ପାନୀ ଅଂଶଗ୍ରହଣ କରୁଛନ୍ତି। ଏଥିରେ ସୁପର୍ଣ୍ଣା କେମିକାଲ୍ସ, ସିଦ୍ଧାର୍ଥ ଇଣ୍ଟରନ୍ୟାସନାଲ, ରିନି ଲାଇଫ୍ ସାଇନ୍ସ, ସର୍ବାଣୀ ଲ୍ୟାବ୍ସ, ଡେକାନ ନ୍ୟୁଟ୍ରାସ୍ୟୁଟିକାଲ୍ସ, ଇଣ୍ଡିଆ ଫଷ୍ଟେଟ୍ ଆଣ୍ଡ ଆଲାଏଡ୍ ଇଣ୍ଡଷ୍ଟ୍ରିଜ୍, ଅଥୁଲିଥା ଲାବୋରେଟୋରିଜ୍, ରେଇନ୍ ଲାଇଫ୍ ସାଇନ୍ସ, ରିଓକେୟାର ଇଣ୍ଡିଆ ଏବଂ କ୍ଲାରିଅନ୍ ଅର୍ଗାନିକ୍ସ ଭଳି କମ୍ପାନୀ ରହିଛନ୍ତି। ଚୀନକୁ ରପ୍ତାନି କରୁଛି ଭାରତୀୟ କମ୍ପାନୀଃ କ୍ଲାରିଅନ୍ ଅର୍ଗାନିକ୍ସର ନିର୍ଦ୍ଦେଶକ ବିବେକ ତିୱାରୀ କହିଛନ୍ତି ଯେ ଇଣ୍ଟରମିଡିଏଟ୍ସ ଏବଂ ଏପିଆଇ, ଉଭୟ କ୍ଷେତ୍ରରେ ଭାରତର କିଛି ମୂଲ୍ୟଗତ ସୁବିଧା ରହିଛି। ଦେଶରେ କଞ୍ଚାମାଲ ତୁଳନାମୂଳକ ଭାବେ ଶସ୍ତା ମିଳୁଥିବା ସହ ଶ୍ରମ ଖର୍ଚ୍ଚ ମଧ କମ୍ ରହିଛି। ତାଙ୍କ କହିବା ଅନୁଯାୟୀ, ଆଗାମୀ ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ଭାରତ ଓ ଚୀନ ଫାର୍ମା ସପ୍ଲାଏ ଚେନରେ ନିଜ ନିଜ ସ୍ଥାନ ବଜାୟ ରଖିବେ। ବିଶେଷ କଥା ହେଉଛି, ୧୯୯୫ରୁ ବ୍ୟବସାୟ କରୁଥିବା କ୍ଲାରିଅନ୍ ଅର୍ଗାନିକ୍ସ ଏବେ ଚୀନକୁ ଏକ ଇଣ୍ଟରମିଡିଏଟ୍ ଉତ୍ପାଦ ରପ୍ତାନି କରୁଛି। ଏହି ଉତ୍ପାଦଟି ସାଧାରଣତଃ ନାକ ବନ୍ଦ ହେବା ସମସ୍ୟାରେ ବ୍ୟବହୃତ ଏକ ଔଷଧ ତିଆରିରେ ବ୍ୟବହାର ହୁଏ। ଆଶ୍ଚର୍ଯ୍ୟର କଥା, ଏହି ସମାନ ଉତ୍ପାଦକୁ କମ୍ପାନୀ ପୂର୍ବରୁ ଚୀନରୁ ଆମଦାନୀ କରୁଥିଲା। ତିୱାରୀଙ୍କ ଅନୁଯାୟୀ, ଗତ ଏକ ବର୍ଷ ମଧରେ କମ୍ପାନୀ ଆମେରିକାରୁ ମଧ ଏଭଳି ଅର୍ଡର ପାଇଛି, ଯାହା ପୂର୍ବରୁ ଚୀନର କମ୍ପାନୀଗୁଡ଼ିକ ପାଉଥିଲେ। ଚୀନକୁ ସମ୍ପୂର୍ଣ୍ଣ ଛାଡୁନାହାନ୍ତି କ୍ରେତାଃ ଅଲକେମ୍ ଲାଇଫ୍ ସାଇନ୍ସର ମ୍ୟାନେଜିଂ ଡାଇରେକ୍ଟର ବିପିନ ପଟେଲ କହିଛନ୍ତି ଯେ ୟୁରୋପରେ ଦେଶ ଭିତରେ ଉତ୍ପାଦନ ଖର୍ଚ୍ଚ ଅଧିକ ଥିବାରୁ ସେଠାକାର କ୍ରେତାମାନେ ଏସିଆରେ କଣ୍ଟ୍ରାକ୍ଟ ମ୍ୟାନୁଫ୍ୟାକ୍ଚରିଂ କରାଇବାକୁ ଆଗ୍ରହୀ ହେଉଛନ୍ତି। ହେଲେ ଏ କ୍ଷେତ୍ରରେ ଚୀନ ପ୍ରତି ସେମାନଙ୍କ ପ୍ରାଥମିକତା ଏବେ ବି ଅଧିକ ରହିଛି। ଲକ୍ଷ ଫାଇନକେମର ସିଇଓ ଭରତ ଧନକ କହିଛନ୍ତି ଯେ କମ୍ପାନୀଗୁଡ଼ିକ ଚୀନକୁ ସମ୍ପୂର୍ଣ୍ଣ ଭାବେ ଛାଡୁନାହାନ୍ତି। ବରଂ ସେମାନେ ଭାରତରେ ବିକଳ୍ପ ସପ୍ଲାଏର ବିକଶିତ କରୁଛନ୍ତି। ଭାରତ ପାଇଁ ସୁଯୋଗ, କିନ୍ତୁ ମୂଲ୍ୟ ହେଉଛି ବଡ଼ ଚ୍ୟାଲେଞ୍ଜଃ ସାମଗ୍ରିକ ଭାବେ ଦେଖିଲେ, ଚୀନ ଉପରୁ ନିର୍ଭରଶୀଳତା କମାଇବାକୁ ଚାହୁଁଥିବା ପଶ୍ଚିମୀ କ୍ରେତାମାନଙ୍କ ପାଇଁ ଭାରତ ଏକ ବିକଳ୍ପ ଯୋଗାଣକାରୀ ଭାବେ ଉଭା ହେଉଛି। ଏହା ଭାରତୀୟ ଛୋଟ ଓ ମଧ୍ୟମ ଫାର୍ମା କମ୍ପାନୀଗୁଡ଼ିକୁ ନୂଆ ରପ୍ତାନି ବଜାର ଏବଂ ଅର୍ଡର ହାସଲ କରିବାର ସୁଯୋଗ ଦେଇପାରେ। ତେବେ ଚୀନର ତୁଳନାରେ ଉତ୍ପାଦନ ମୂଲ୍ୟ, କଞ୍ଚାମାଲ ଉପଲବ୍ଧତା ଏବଂ ସପ୍ଲାଏ ଚେନର ଦକ୍ଷତା ଭଳି କ୍ଷେତ୍ରରେ ଭାରତକୁ ଆହୁରି ଉନ୍ନତି କରିବାକୁ ପଡ଼ିବ। ତେଣୁ ଏହାକୁ 'ଚୀନରୁ ଭାରତକୁ ସମ୍ପୂର୍ଣ୍ଣ ସ୍ଥାନାନ୍ତର' ବୋଲି କହିବା ଅପେକ୍ଷା, 'ଚୀନ ସହ ଭାରତକୁ ବିକଳ୍ପ ସପ୍ଲାଏ ହବ୍ ଭାବେ ଯୋଡ଼ିବା' ବୋଲି କହିବା ଅଧିକ ଯୁକ୍ତିଯୁକ୍ତ।




## ଖ୍ୱାହିଶ୍ ଦି ୱିଶ୍'ର ପ୍ରଥମ ସାଂସ୍କୃତିକ ଉତ୍ସବ



**ଭୁବନେଶ୍ୱର,୭ା୧୦(ସଂଚାର ବ୍ୟୁରୋ)ଃ** ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ 'ଖ୍ୱାହିଶ୍ - ଦି ୱିଶ୍'ର ପ୍ରଥମ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ଉଦ୍ଦେଶ୍ୟ, ଲୟ ଓ ହୃଦୟର ସହିତ ସୃଜନଶୀଳତା' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଉତ୍ସବରେ ସାହିତ୍ୟ, କଳା, ସଙ୍ଗୀତ ଓ ସଂସ୍କୃତିର ସମାଗମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସଂସ୍କୃତି ଓ ଯୁବ କଲ୍ୟାଣ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଯୁବ ସାହିତ୍ୟିକ ଓ କଳାକାରଙ୍କୁ ଉତ୍ସାହିତ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ ଶ୍ରୀଜଗନ୍ନାଥ ଅଷ୍ଟକମ୍ ପାଠରୁ ଉତ୍ସବର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ କବିତା ପାଠ, ସାହିତ୍ୟ ଆଲୋଚନା, ଓଡ଼ିଶୀ ଓ ଛଉ ନୃତ୍ୟ, ସଙ୍ଗୀତ, ଏକାଙ୍କିକା, ଶାୟରୀ ଓ ଓପନ୍-ମାଇକ୍ ପରିବେଷଣ ହୋଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓପନ୍-ମାଇକ୍‌ରେ ଅଂଶଗ୍ରହଣ କରି ନିଜର ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିଥିଲେ। 'ସାହିତ୍ୟର ନୂତନ ରୋମାଞ୍ଚଃ ଅଭିବ୍ୟକ୍ତି, ଦୃଷ୍ଟିକୋଣ ଓ ସମକାଳୀନ କଳ୍ପନା' ଶୀର୍ଷକ ଆଲୋଚନାଚକ୍ରରେ ସମକାଳୀନ ସାହିତ୍ୟ ଓ ସୃଜନଶୀଳତା ଉପରେ ଆଲୋଚନା ହୋଇଥିଲା। ସାନ୍ତାଳୀ କବି ଯୋବା ମୁର୍ମୁଙ୍କୁ ସାହିତ୍ୟ କ୍ଷେତ୍ରର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। 'ଭୋୟାଜ୍'ର ଶୁଭାରମ୍ଭ ସହ ଛୋଟ ବ୍ୟବସାୟୀ ଓ ସୃଜନଶୀଳ ଉଦ୍ୟୋଗୀଙ୍କୁ ମଧ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ଦିଆଯାଇଥିଲା। 'ଖ୍ୱାହିଶ୍ - ଦି ୱିଶ୍'ର ପ୍ରତିଷ୍ଠାତା ଲୋପାମୁଦ୍ରା ମିଶ୍ର ସମସ୍ତ ଅତିଥି, କଳାକାର, କବି, ଛାତ୍ରଛାତ୍ରୀ ଓ ସହଯୋଗୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଚିନି ପରେ ବଜାରରେ ଚାଉଳ ଓ ଡାଲି ମହଙ୍ଗା



**ଭୁବନେଶ୍ୱର,୭ା୧୦ (ସଂଚାର ବ୍ୟୁରୋ)ଃ** ଅତ୍ୟାବଶ୍ୟକ ସାମଗ୍ରୀର ବଜାର ଦର ଖାଉଟିଙ୍କୁ କଲବଲ କଲାଣି। ଚିନି ପରେ ଏବେ ବଜାରରେ ଚାଉଳ ଓ ଡାଲି ଦର ମହଙ୍ଗା ହୋଇଛି। ସରୁ ବା ଫାଇନ ଚାଉଳ ଦର କ୍ୱିଣ୍ଟାଲ ପିଛା ୮୦୦ରୁ ୧୦୦ ଟଙ୍କା ବଢ଼ିଯାଇଛି। ସୁପର ଫାଇନ ଚାଉଳ କ୍ୱିଣ୍ଟାଲ ପିଛା ୧୦୦୦ରୁ ୧୫୦୦ ଟଙ୍କା ମହଙ୍ଗା ହୋଇଯାଇଛି। ଡାଲି ମଧ କ୍ୱିଣ୍ଟାଲ ପିଛା ୧୦୦୦ରୁ ୧୫୦୦ ଟଙ୍କା ବଢ଼ିଯାଇଛି। ମସୁରି, ପାଟେଣି ଓ ମିକ୍ସ ଭେରାଇଟି ଭଳି ଉଷୁନା ଚାଉଳ ଦରରେ ୩ରୁ ୫ ଟଙ୍କା ବଢ଼ିଥିବାବେଳେ ବିଭିନ୍ନ କିସମର ଅରୁଆ ଚାଉଳ ଦର ୧୦ରୁ ୨୦ ଟଙ୍କା ବଢ଼ିଯାଇଛି। ଖୁଚୁରା ବଜାରରେ ଜିରା ରାଇସ୍ କିଲୋପିଛା ୬୦ରୁ ୬୫ ଟଙ୍କାରେ, ଲକ୍ସର ଓ ଜୋକର ବ୍ରାଣ୍ଡର ଚାଉଳ ୮୦ ଓ ୮୫ ଟଙ୍କାରେ ଏବଂ ଡେରାଡୁନ ଚାଉଳ କିଲୋପିଛା ୧୦୫ରୁ ୧୧୦ ଟଙ୍କାରେ ବିକ୍ରି ହେଉଛି। ବାସମତି ଚାଉଳ କିଲୋପିଛା ୨୦ ଟଙ୍କା ବଢ଼ି ୧୭୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ହରଡ଼ ଡାଲି ଏବେ ବଜାରରେ ୧୪୦ରୁ ୧୫୦ ଟଙ୍କାରେ, ବୁଟ ଡାଲି ୯୦ ଟଙ୍କାରେ, ଚଣା ଡାଲି ୮୦ ଟଙ୍କାରେ ବିକ୍ରି ହେଉଛି। ପ୍ରତିକୂଳ ପାଣିପାଗ ଦେଶରେ ଫସଲ ଉତ୍ପାଦନକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଏହାର ପ୍ରଭାବ ଏବେଠାରୁ ଦରଦାମ ଉପରେ ପଡ଼ିଲାଣି। ଚାଉଳ ଓ ଗହମ ପର୍ଯ୍ୟାପ୍ତ ମାତ୍ରାରେ ମହଜୁଦ ରହିଛି ବୋଲି ସରକାର କହୁଥିଲେ ମଧ ଦରବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି। ବଜାର ବିଶ୍ଳେଷକଙ୍କ କହିବାନୁଯାୟୀ, ଯେଉଁସବୁ ଚାଉଳଦର ବଢ଼ିଛି ତାହା ମୁଖ୍ୟତଃ ବାହାର ରାଜ୍ୟରୁ ଆସିଥାଏ। ବିଶେଷ କରି ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ହରିୟାଣା ଓ ପଞ୍ଜାବ ଉପରେ ଏଥିପାଇଁ ଓଡ଼ିଶା ଅଧିକ ନିର୍ଭର କରିଥାଏ। ଏହାବ୍ୟତୀତ ଖୁଚୁରା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ)କୁ ଅନୁମତି ଦିଆଯିବା ଫଳରେ କର୍ପୋରେଟ ଓ ପୁଞ୍ଜିପତିମାନେ ଦରକୁ ନିଜ ଅକ୍ତିଆରକୁ ନେଇ ଯାଇଛନ୍ତି। ସେମାନେ ଯେତେବେଳେ ଯେଉଁ ସାମଗ୍ରୀର ଦର ଚାହିଁବେ ସେତେବେଳେ ତାହାକୁ ବଢ଼ାଇ ଦେଇପାରୁଛନ୍ତି। ଏଥିସହିତ ଅନ୍‌ଲାଇନ ବଜାର ମଧ ଏଥିପାଇଁ କିଛିମାତ୍ରାରେ ଦାୟୀ। ଅନ୍‌ଲାଇନରେ ସାମଗ୍ରୀ ବିକ୍ରି କରୁଥିବା କମ୍ପାନିଗୁଡ଼ିକ ଯେଉଁ ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ଲେଖୁଛନ୍ତି ତାହା ବହୁ ଅଧିକ ରହୁଛି। ତାହାକୁ ଦେଖିବା ପରେ ଅଫ୍‌ଲାଇନରେ ବ୍ୟବସାୟ କରୁଥିବା ଛୋଟ ବ୍ୟବସାୟୀମାନେ କମ୍‌ରେ କିଣିଥିଲେ ମଧ ଅଧିକ ଲାଭ ଆଶାରେ ଦର ବଢ଼ାଇ ବିକ୍ରି କରୁଛନ୍ତି। ସରକାର ଗରିବ ଲୋକଙ୍କୁ ମାଗଣା ଚାଉଳ ଦେଉଛନ୍ତି। କିନ୍ତୁ ଅନେକ ଲୋକ ତାହାକୁ ନ ଖାଇ ବିକ୍ରି କରି ଦେଉଛନ୍ତି। ଆଉ କିଛି ଟଙ୍କା ମିଶାଇ ସେଥିରେ ସରୁ ଚାଉଳ କିଣୁଛନ୍ତି। ଏହା ମଧ ଚାଉଳ ଦରବୃଦ୍ଧିର ଅନ୍ୟତମ କାରଣ ବୋଲି କୁହାଯାଉଛି। ବଜାରରେ ଦରଦାମ ବୃଦ୍ଧି ପରିପ୍ରେକ୍ଷୀରେ ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ଓଡ଼ିଶା ପ୍ରାୟ ୯୦ ପ୍ରତିଶତ ଅତ୍ୟାବଶ୍ୟକ ସାମଗ୍ରୀ ବାହାରୁ ଆମଦାନି କରିଥାଏ। ଦରଦାମ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଦରଦାମ ନିୟନ୍ତ୍ରଣ ପାଇଁ ଏକ କମିଟି ଗଠନ କରିବାକୁ ସେ ଦାବି କରିଛନ୍ତି। କମିଟିରେ ବିଶେଷଜ୍ଞମାନେ ରହିବେ। ପରିବର୍ତ୍ତିତ ପରିସ୍ଥିତିରେ ଦରଦାମ କିଭଳି ନିୟନ୍ତ୍ରଣରେ ରହିବ ସେ ନେଇ କମିଟି ସରକାରଙ୍କୁ ସୁପାରିସ କରିପାରିବ। ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସେ ଦାବି କରିଛନ୍ତି।

## ୮୩% ଦୋକାନୀ ୟୁପିଆଇ ଚାର୍ଜ ଦେବାକୁ ନାରାଜ




**ନୂଆଦିଲ୍ଲୀ,୭ା୧୦ଃ** ଅକ୍ଟୋବର ୧୫ରୁ ଲାଗୁ ହେବାକୁ ଥିବା ୟୁପିଆଇ ଚାର୍ଜ ଭରିବାକୁ ପ୍ରସ୍ତୁତ ନାହାନ୍ତି ୮୩% ଦୋକାନୀ । ସେହିପରି ଦୋକାନୀମାନେ ଏହି ଖର୍ଚ୍ଚକୁ ଗ୍ରାହକଙ୍କ ଉପରେ ପକାଇଲେ ୟୁପିଆଇ ପେମେଣ୍ଟ କରିବେ ନାହିଁ ୮୬% ଲୋକ । ଏଭଳି ସ୍ଥିତିରେ ମୋଟ ଟ୍ରାଞ୍ଜାକ୍‌ସନରେ ୧୦% ଏବଂ ପେମେଣ୍ଟ ସଂଖ୍ୟାରେ ୪% ହ୍ରାସ ଘଟିପାରେ ଲୋକାଲସର୍କଲ୍ସ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି । ନୂଆ ନିୟମ ଅନୁସାରେ, ୨,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ ମର୍ଚ୍ଚାଣ୍ଟ ପେମେଣ୍ଟ ଉପରେ ୦.୪% ଏମ୍‌ଡିଆର୍ ଲାଗିବ। ଲୋକାଲ୍‌ସର୍କଲ୍ସ ଦେଶର ୨୪୨ ଜିଲ୍ଲାରେ ୩୨,୦୦୦ରୁ ଅଧିକ ବ୍ୟବସାୟୀଙ୍କୁ ନେଇ ଏହି ସର୍ଭେ କରିଥିଲା । କେବଳ ୧୭% ବ୍ୟବସାୟୀ ହିଁ ୦.୪% ଏମ୍‌ଡିଆର୍ ବୋଝ ଉଠାଇବାକୁ ରାଜି ଅଛନ୍ତି । ୪୧% ବ୍ୟବସାୟୀ ସ୍ପଷ୍ଟ କରିଛନ୍ତି ଯେ, ସେମାନେ କୌଣସି ଶୁଳ୍କ ଦେବେ ନାହିଁ । ୧୫% ଦୋକାନୀ ସର୍ବାଧିକ ୦.୦୪% ପର୍ଯ୍ୟନ୍ତ ଶୁଳ୍କ ଦେବା ପକ୍ଷରେ ଅଛନ୍ତି । ୯% ବ୍ୟବସାୟୀ କହିଛନ୍ତି ଯେ, ସେମାନେ ୟୁପିଆଇ ପେମେଣ୍ଟ ଗ୍ରହଣ କରନ୍ତି ନାହାଁ। ମୋଟ ୮୩% ବ୍ୟବସାୟୀ ଏହି ଶୁଳ୍କକୁ ସହ୍ୟ କରିବା ମୁଡ୍‌ରେ ନାହାନ୍ତି । ୨୯୧ ଜିଲ୍ଲାର ୬୭,୦୦୦ରୁ ଅଧିକ ୟୁପିଆଇ ୟୁଜରଙ୍କୁ ବି ପ୍ରଶ୍ନ କରାଯାଇଥିଲା। ୮୬% ୟୁଜର କହିଛନ୍ତି ଯେ, ୨,୦୦୦ ଟଙ୍କାରୁ ଅଧିକ ପେମେଣ୍ଟ ପାଇଁ ସେମାନେ ୟୁପିଆଇ ଛାଡ଼ି ଅନ୍ୟ ବିକଳ୍ପଗୁଡ଼ିକୁ ଆପଣାଇବେ। ୨୬% ୟୁଜର କହିଛନ୍ତି ଯେ, ସେମାନେ ନଗଦ ଦେବେ । ୨୬% କ୍ରେଡିଟ୍ କାର୍ଡ ଏବଂ ୧୩% ଡେବିଟ୍ କାର୍ଡ ଚୟନ କରିବେ ବୋଲି କହିଛନ୍ତି । ୧୧% ଲୋକ ଅତିରିକ୍ତ ଦେୟ ଦେଇ ବି ୟୁପିଆଇ ପେମେଣ୍ଟ ଜାରି ରଖିବାକୁ କହିଛନ୍ତି । ୯% ଗ୍ରାହକ ବିନା ଚାର୍ଜଯୁକ୍ତ ବିକଳ୍ପ ଦେଖିବେ ବୋଲି କହିଥିବାବେଳେ ୪% ବ୍ୟାଙ୍କ ଟ୍ରାନ୍ସଫର କରିବେ ବୋଲି କହିଛନ୍ତି ।

### ଆଇଆଇଟି ସ୍ୱପ୍ନ ଛାଡ଼ି ଏଆଇ ଦୁନିଆରେ ସଫଳତା

## ୧୯ ବର୍ଷୀୟ ଧ୍ରୁବ୍ୟ ଶାହଙ୍କ କାହାଣୀ



**ମୁମ୍ବାଇ,୭ା୧୦ଃ** ବୟସ ମାତ୍ର ୧୯ ବର୍ଷ। ଯେଉଁ ବୟସରେ ଅଧିକାଂଶ ଯୁବକ-ଯୁବତୀ ପାଠପଢ଼ା ଓ କ୍ୟାରିୟର ନେଇ ଚିନ୍ତା କରନ୍ତି, ସେହି ବୟସରେ ମୁମ୍ବାଇର ଧ୍ରୁବ୍ୟ ଶାହ ଏଆଇ ଷ୍ଟାର୍ଟଅପ୍ ଦୁନିଆରେ ନିଜର ନାଁ କରିଛନ୍ତି। ଆଇଆଇଟିରେ ପଢ଼ିବାର ରାସ୍ତାକୁ ଛାଡ଼ି ସେ ନିଜର ଏଆଇ କମ୍ପାନୀ "ସୁପ୍ରିମ ମେମୋରୀ" ଗଢ଼ିଛନ୍ତି। ଏହି ଷ୍ଟାର୍ଟଅପ୍ ପ୍ରାୟ ୩ ମିଲିୟନ୍ ଡଲାର, ଅର୍ଥାତ୍ ପ୍ରାୟ ୨୮ କୋଟି ଟଙ୍କାର ସିଡ୍ ଫଣ୍ଡିଂ ପାଇଛି। ଆଇଆଇଟି ପ୍ରସ୍ତୁତି ସମୟରୁ ଧ୍ରୁବ୍ୟ ଏଆଇ ଉପରେ ପରୀକ୍ଷା ନିରୀକ୍ଷା କରିବା ଆରମ୍ଭ କରିଥିଲେ । ପାଠପଢ଼ା ସହିତ ସେ ଏକ ଛୋଟ ଏଆଇ ଟୁଲ୍ ମଧ୍ୟ ତିଆରି କରିଥିଲେ। ଏହି ଛୋଟ ପ୍ରୋଜେକ୍ଟରୁ ସେ କିଛି ଅର୍ଥ ଉପାର୍ଜନ କରିପାରିଥିଲେ । ପରେ ସେହି ଟଙ୍କାକୁ ବ୍ୟବହାର କରି ସେ ଆମେରିକା ଯାଇଥିଲେ। ସେଠାରେ ସେ ଟେକ୍ନୋଲୋଜି କ୍ଷେତ୍ରରେ ନିଜର କାମ ଜାରି ରଖିଥିଲେ। ପରେ ତାଙ୍କୁ ଆମେରିକାର O-1 ଭିସା ମଧ୍ୟ ମିଳିଥିଲା। ଯେଉଁ ଭିସା ବିଶେଷ ପ୍ରତିଭା ଥିବା ବ୍ୟକ୍ତିଙ୍କ ପାଇଁ ଦିଆଯାଏ। ଆମେରିକା ଯିବା ପରେ ଧ୍ରୁବ୍ୟ ପ୍ରତି ସପ୍ତାହରେ ଏକ ନୂଆ ପ୍ରଡକ୍ଟ ତିଆରି କରିବାର ଲକ୍ଷ୍ୟ ରଖିଥିଲେ। ସେ ଲଗାତାର ୪୦ ସପ୍ତାହ ପର୍ଯ୍ୟନ୍ତ ୪୦ଟି ନୂଆ ପ୍ରୋଡକ୍ଟ ତିଆରି କରିଥିଲେ।ଏହି ପ୍ରୋଜେକ୍ଟଗୁଡ଼ିକ ମଧ୍ୟରୁ ଗୋଟିଏ ପରେ ସୁପ୍ରିମ ମେମୋରୀର ରୂପ ନେଇଥିଲା। ତେବେ କ'ଣ କରେ ଏହି ସୁପ୍ରିମ ମେମୋରୀ ?ସୁପ୍ରିମମେମୋରୀ ଏକ ଏଆଇ ମେମୋରୀ ସିଷ୍ଟମ୍। ସରଳ ଭାଷାରେ କହିଲେ, ଏହା ଏଆଇକୁ ପୂର୍ବରୁ ମିଳିଥିବା ତଥ୍ୟ ମନେ ରଖିବାରେ ସାହାଯ୍ୟ କରେ। ସାଧାରଣ ଏଆଇ ସିଷ୍ଟମ୍ରେ ଅନେକ ସମୟରେ ପ୍ରତ୍ୟେକ ନୂଆ କଥାବାର୍ତ୍ତାକୁ ଅଲଗା ଭାବେ ଦେଖାଯାଏ। କିନ୍ତୁ ସୁପ୍ରିମ ମେମୋରୀ ଇମେଲ୍, ଫାଇଲ୍, ଚାଟ୍, ପିଡିଏଫ୍ ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟରୁ ତଥ୍ୟ ସଂଗ୍ରହ କରି ତାହାକୁ ପରବର୍ତ୍ତୀ କାମରେ ବ୍ୟବହାର କରିପାରେ। ଏହା ଫଳରେ ଏଆଇ ଜଣେ ୟୁଜରଙ୍କ ବିଷୟରେ ପୂର୍ବରୁ ମିଳିଥିବା ତଥ୍ୟ ଓ ପରିପ୍ରେକ୍ଷୀକୁ ମନେ ରଖିପାରେ। ବର୍ତ୍ତମାନ ଧ୍ରୁବ୍ୟଙ୍କ ସୁପ୍ରିମ ମେମୋରୀ ଷ୍ଟାର୍ଟଅପ୍ ପ୍ରାୟ ୩ ମିଲିୟନ୍ ଡଲାର, ଅର୍ଥାତ୍ ପ୍ରାୟ ୨୮ କୋଟି ଟଙ୍କାର ସିଡ୍ ଫଣ୍ଡିଂ ପାଇଛି।

# ବିସ୍ଥାପିତଙ୍କ ଉଚିତ୍ ଥଇଥାନକୁ ଦିଆଯିବ ପ୍ରାଥମିକତା: ଧର୍ମେନ୍ଦ୍ର




ଅନୁଗୋଳ,୭।୧୦ (ସଂଚାର ବ୍ୟୁରୋ): ଅନୁଗୋଳ ଠାରେ ଜିଲ୍ଲାର ବୃହତ୍ ଶିଳ୍ପ ଓ ଖଣି ପ୍ରକଳ୍ପ ପାଇଁ ରିହାବିଲିଟେସନ ଆଣ୍ଡ ପେରିଫେରି ଡେଭଲପମେଣ୍ଟ ଆଡଭାଇଜରି କମିଟି(ଆରପିଡିଏସି) ର ପୃଥକ ପୃଥକ ବୈଠକ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି।

ଦୀର୍ଘ ବର୍ଷ ଧରି ଆରପିଡିଏସି ବୈଠକ ଅନୁଷ୍ଠିତ ନହେବା କାରଣରୁ ଅଞ୍ଚଳବାସୀଙ୍କ ଅନେକ ଦାବି ଓ ସମସ୍ୟା ପେଣ୍ଡିଂ ରହିଥିଲା। ଆଜିର ଏହି ନିରନ୍ତର ଆଲୋଚନା ମାଧ୍ୟମରେ ସ୍ଥାନୀୟ ନାଗରିକ ଓ ବିସ୍ଥାପିତ ପରିବାରଙ୍କୁ ନ୍ୟାୟ ଦେବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବଡ଼ ଉଦାରତାର ସହ ପଦକ୍ଷେପ ନେଇଛନ୍ତି। ବୈଠକରେ କେପିସିଏଲର ମନ୍ଦାକିନୀ-ଏ କୋଇଲା ଖଣି, ଜିଏମଡିସିର ବୈତରଣୀ ୱେଷ୍ଟ, ନାଲକୋର ଉତ୍କଳ-ଇ ଏବଂ ନାଲକୋର ବ୍ରାଉନ୍‌ଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ଉପରେ ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା ଆଲୋଚନା କରାଯାଇଥିଲା। ବୈଠକରେ କେନ୍ଦ୍ର ସରକାରଙ୍କ ନୂତନ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ଜମିହରା ଲୋକଙ୍କୁ ଉଚିତ୍ ଆର୍ଥିକ କ୍ଷତିପୂରଣ, ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଏବଂ ମୌଳିକ ସୁବିଧାସୁଯୋଗ ପ୍ରଦାନ କରିବାକୁ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଶ୍ରୀ ପ୍ରଧାନ କହିଛନ୍ତି, ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ନାଲକୋର ସିଏସଆର ପାଣ୍ଠି ସହାୟତାରେ ଅଞ୍ଚଳରେ ଏଲଭି ପ୍ରସାଦ ଜାତୀୟ ସ୍ତରର ଚକ୍ଷୁ ହସ୍ପିଟାଲ ପୁନର୍ବାର କାର୍ଯ୍ୟକ୍ଷମ କରାଯିବ। ଏଥିସହିତ ଘରୋଇ ସ୍କୁଲର ଫି' ସମସ୍ୟା ସମାଧାନ, ସରସ୍ୱତୀ ଶିଶୁମନ୍ଦିରରେ ସ୍ଥାନୀୟ ପିଲାଙ୍କ ପାଠପଢ଼ା ଏବଂ ଆଖପାଖ ଗାଁଗୁଡ଼ିକରୁ ପିଲାମାନଙ୍କୁ ସ୍କୁଲ୍ ଆଣିବା ପାଇଁ ନାଲକୋ ତରଫରୁ ବସ୍ ବ୍ୟବସ୍ଥା କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି।

ଗଣତନ୍ତ୍ରରେ ଲୋକଙ୍କ ସମସ୍ୟା ଶୁଣିବା, ସେମାନଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିବା ଏବଂ ସେମାନଙ୍କ ହକ୍ ପ୍ରଦାନ କରିବା ଆମ ବ୍ୟବସ୍ଥାର ମୁଖ୍ୟ ଦାୟିତ୍ୱ। ଆମ ପ୍ରଶାସନ ଓ ରାଜ୍ୟ ସରକାର ଜମିହରା ଓ କ୍ଷତିଗ୍ରସ୍ତ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସଦାସର୍ବଦା କାର୍ଯ୍ୟ କରିବେ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

ଏହି ପୃଥକ ପୃଥକ ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ଅନୁଗୋଳ, ଛେଣ୍ଡିପଦା, ତାଳଚେର ଓ ପାଲଲହଡ଼ା ବିଧାୟକ, ଜିଲ୍ଲାପାଳ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ନେଇ ବିସ୍ତୃତ ଆଲୋଚନା କରିଥିଲେ।

## ମାନବ ସେବାରେ ଜନ୍ମଦିନ ପାଳନ କଲେ ଶ୍ରମିକ ନେତା ହେମନ୍ତ ନାୟକ




ଯାଜପୁର ରୋଡ଼,୭।୧୦ (ସଂଚାର ବ୍ୟୁରୋ): ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ବିଦ୍ୟୁତ୍ କର୍ମଚାରୀ ମହାସଂଘ ଯାଜପୁର ରୋଡ଼ ଶାଖାର ସମ୍ପାଦକ ତଥା ଶ୍ରମିକ ନେତା ହେମନ୍ତ କୁମାର ନାୟକ। ନିଜ ଜନ୍ମଦିନ ଅବସରରେ ଯାଜପୁର ରୋଡ଼ ମେଡିକାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ବିଦ୍ୟୁତ୍ ବିଭାଗର ବହୁ କର୍ମଚାରୀ, ଶ୍ରମିକ ନେତା ଓ ସ୍ଥାନୀୟ ଯୁବକମାନେ ସ୍ୱତଃପ୍ରବୃତ୍ତ ଭାବେ ଯୋଗ ଦେଇ ରକ୍ତଦାନ କରିଥିଲେ। ଶ୍ରୀ ନାୟକ ନିଜେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ ଯେ ମହତ ଦାନ ବୋଲି କହିଥିଲେ। ପରେ ସମସ୍ତଙ୍କ ଉପସ୍ଥିତିରେ ଜନ୍ମଦିନର କେକ୍ କାଟି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ଏହି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ବେଣାଗାଁ କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି



ବୋରିଗୁମ୍ମା,୭।୧୦ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବେଣାଗାଁ କ୍ଲଷ୍ଟର ରେ ଶିଶୁ ମହୋତ୍ସବ ସୁରଭି-୨୬ ଅନୁଷ୍ଠିତ ହୋଇଥିଲା।କ୍ଲଷ୍ଟର ର ସିଆରସିସି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସୁରଭିରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। କ୍ଲଷ୍ଟରରେ ମୋଟ ୧୪ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୧୯ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରବନ୍ଧ, କୁଇଜ, ଡିବେଟ,ଡ୍ରଇଂ,ଗୀତ ଓ ନାଚ ଭଳି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଣାଗାଁ ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ସେବକ ଦୁର୍ଯ୍ୟୋଧନ ଅମନାଟତ୍ୟ ଯୋଗ ଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା



ଧର୍ମଶାଳା,୭।୧୦ (ସଂଚାର ବ୍ୟୁରୋ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ପଂଚାୟତରେ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଏକାଧିକ ଯୁବକ ଆହତ ହୋଇଥିବା ଜଣାପଡିଛି। ଏହି ଗଣ୍ଡଗୋଳରେ ପୂର୍ବତନ ବିଧାୟକଙ୍କ ସମର୍ଥକଙ୍କ ଟେକା ମାଡ଼ରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଏକାଧିକ ସମର୍ଥକ ଆହତ ହୋଇଛନ୍ତି ଏହାକୁ ନେଇ ବିଧାୟକ ଶ୍ରୀ ସାହୁଙ୍କ ସମର୍ଥକମାନେ ଜେନାପୁର ଥାନାରେ ଗଣ୍ଡଗୋଳକାରୀଙ୍କ ବିରୁଦ୍ଧରେ ଏତଲା ଦେଇଛନ୍ତି. ମାଡମାରିଥିବା ପୂର୍ବତନ ବିଧାୟକଙ୍କ ସମର୍ଥକ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଶହ ଶହ ମହିଳା ଓ ପୁରୁଷ ଜେନାପୁର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ପର୍ଯ୍ୟନ୍ତ ଧାରଣାରୁ ହଟିବେ ନାହିଁ ବୋଲି ଧାରଣାକାରିମାନେ ଚେତାବନୀ ଦେଇଛନ୍ତି।

## ବସକୁ ଧକ୍କା ଦେଇ ଯୁବକ ଗୁରୁତର



ନୀଳଗିରି,୭।୧୦ (ସଂଚାର ବ୍ୟୁରୋ): ଆଜି ଅପରାହ୍ନ ପ୍ରାୟ୫.୨୫ମିନିଟ ସମୟ ରେ ନିଲଗିରି-ଉଦଳା ୧୯ନମ୍ବର ରାଜ୍ୟ ରାଜପଥଜା ମୁଢି ସାହି ନିକଟରେ ଓଁକାର ନାମକ ଏକ ଘରୋଇ ବସ ଯାତ୍ରୀ ନେଇ ଉଦଳା ଯାଉଥିଲା ବେଳେ ନୀଳଗିରି ବ୍ଲକ ସଜନାଗଡ଼ ପଂଚାୟତ ନୂଆସାହି ଗାଁ ର ଉପେନ୍ଦ୍ର ପାତ୍ରଙ୍କ ପୁତ୍ର ଅଚତ୍ୟୁ(୪୫) ବାଇକରେ ନୀଳଗିରିରୁ ମାଂସ ନେଇ ଘରକୁ ଫେରୁ ଥିବା ବେଳେ ଜାମୁଡ଼ିସାହି ନିକଟରେ ସାରସମ୍ୟ ହରାଇ ବସକୁ ପଛ ପଟୁଧକ୍କା ଦେଇ ଗୁରୁତର ହୋଇ ପଡିଥିଲେ। ଖବର ପାଇ ପରିବାର ଲୋକ ଓ ସ୍ଥାନୀୟ ଲୋକମାନେ ଏକ ଘରୋଇ ଗାଡ଼ିରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଚିକିତ୍ସା କରୁଥିବା ଜଣାପଡିଛି।

# କାକଟପୁର କ୍ୟାମ୍ପସରେ ଜେନ-ଜି ଫ୍ୟାକ୍ଟର

### ବିଧାୟକ ତୁଷାରଙ୍କ ପାଇଁ ଅଗ୍ନିପରୀକ୍ଷା

### ସାଂସଦ ପ୍ରତିନିଧିଙ୍କ ସମ୍ମାନର ପ୍ରଶ୍ନ

### ଜମିବ ଛାତ୍ର ସଂସଦ ନିର୍ବାଚନ




କାକଟପୁର/ଅସ୍ତରଙ୍ଗ,୭।୧୦ (ସଂଚାର ବ୍ୟୁରୋ): ଦୀର୍ଘ ୮ ବର୍ଷର ନୀରବତା ପରେ ପୁଣି ଥରେ କମ୍ପିବ ପୁରୀ ଜିଲ୍ଲା କାକଟପୁର ମଙ୍ଗଳା ମହାବିଦ୍ୟାଳୟ କ୍ୟାମ୍ପସ। ଆସନ୍ତା ୧୫ ତାରିଖରେ ରାଜ୍ୟର ସମସ୍ତ କଲେଜରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ସୋମବାର ଉଚ୍ଚ ଶିକ୍ଷା ମନ୍ତ୍ରୀ ଘୋଷଣା କରିବା ପରେ କାକଟପୁରରେ ରାଜନୈତିକ ପାରଦ ହଠାତ୍ ଉପରମୁହାଁ ହୋଇଛି। ହାତରେ ମାତ୍ର କେଇଟା ଦିନ ଥିବାରୁ କ୍ୟାମ୍ପସର ଚା ଦୋକାନଠୁ କ୍ଲାସ ରୁମ ଯାଏଁ କେବଳ ନିର୍ବାଚନୀ ଚର୍ଚ୍ଚା।

ଏବେ କ୍ୟାମ୍ପସରେ ଜେନ-ଜି ଫ୍ୟାକ୍ଟର ହିଁ ସବୁଠୁ ବଡ ଚର୍ଚ୍ଚାର ବିଷୟ ପାଲଟିଛି। ସୋସିଆଲ ମିଡିଆରେ ରିଲ୍, ଷ୍ଟାଟସ, ଇନଷ୍ଟା ପୋଷ୍ଟ ମାଧ୍ୟମରେ ପ୍ରଚାର ଜୋରଦାର ହେବ ବୋଲି ଛାତ୍ର ନେତା କହୁଛନ୍ତି। କିଏ ହାତେଇବ ଜେନ-ଜି ଭୋଟ, ତାହାକୁ ନେଇ ସବୁ ଦଳ ରଣନୀତି କଷୁଛନ୍ତି। ଏହି ନିର୍ବାଚନ କେବଳ ଛାତ୍ରଙ୍କ ନୁହେଁ, ଏହା ବଡ ନେତାଙ୍କ ସମ୍ମାନର ଲଢେଇ। କାକଟପୁର ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳା କଲେଜ ହେଉଛି ମିନି ବିଧାନସଭା। ଏଠି ଯିଏ ଜିତେ, ସେ ପୁରା ଅଞ୍ଚଳରେ ନିଜର ଦବଦବା ଦେଖାଏ। ତେଣୁ ସବୁ ଦଳ ନିଜ ନିଜର ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇ ନିଜର ସମ୍ମାନ ବଞ୍ଚାଇବାକୁ କସରତ ଆରମ୍ଭ କରି ଦେଇଛନ୍ତି। ସବୁ ଦଳର ନେତା ନିଜ ନିଜ ଭିତରେ ବୈଠକ କରୁଛନ୍ତି।

ସବୁଠୁ ବଡ ଫୋକସରେ ଅଛନ୍ତି କାକଟପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା। ତୁଷାରଙ୍କ ପାଇଁ ଏହା ସିଧା ଅଗ୍ନିପରୀକ୍ଷା। ପୂର୍ବରୁ ବିଜେଡି ସରକାର ଥିବା ବେଳେ ମଙ୍ଗଳା କଲେଜରେ ବିଜେଡି ସମର୍ଥିତ ପ୍ରାର୍ଥୀ ରାଜ କରୁଥିଲେ। ଏବେ ରାଜ୍ୟରେ ବିଜେଡି କ୍ଷମତାରେ ନାହିଁ, କିନ୍ତୁ କାକଟପୁରରେ ବିଧାୟକ ବିଜେଡିର ଅଛନ୍ତି। ତେଣୁ ନିଜ ଗଡ ବଞ୍ଚାଇବା ତାଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ। ଯଦି ଏଠାରେ ବିଜେଡି ହାରେ, ବିଧାୟକଙ୍କ ସଙ୍ଗଠନ ଦୁର୍ବଳ ବୋଲି ପ୍ରଶ୍ନ ଉଠିବ ଏବଂ ୨୦୨୭ପଂଚାୟତ ନିର୍ବାଚନ ୨୦୨୯ ପାଇଁ ବଡ ଝଟକା ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏଥିପାଇଁ ମଙ୍ଗଳବାର ମଧ୍ୟାହ୍ନରେ ଏକ ମଣ୍ଡପରେ ବିଜେଡି ଛାତ୍ର ନେତାଙ୍କ ଗୁପ୍ତ ବୈଠକ ହୋଇଛି। ପୁରୁଣା ନେତା ଯେଉଁମାନେ ପୂର୍ବରୁ ନିର୍ବାଚନ ପରିଚାଳନା କରି ଜିତାଇଥିଲେ, ସେମାନେ ସକ୍ରିୟ ହୋଇଛନ୍ତି।

ଅନ୍ୟପଟେ ବିଜେପି ପାଇଁ ଏହା ପ୍ରେଷ୍ଟିଜ ଫାଇଟ୍। ରାଜ୍ୟରେ ବିଜେପି ସରକାର ଥିବାରୁ ଏବିଭିପି ଏଥର ପୁରା ଜୋସରେ ଅଛି। କାକଟପୁର ବିଜେପି ଦାୟିତ୍ୱରେ ଥିବା ଦୁଇ ପୂର୍ବତନ ବିଧାୟକଙ୍କ ପାଇଁ ମଧ୍ୟ ଏହା ସମ୍ମାନର ପ୍ରଶ୍ନ। ସେମାନେ ନିଜ ନିଜର ଗୋଷ୍ଠୀକୁ ନେଇ ରଣନୀତି କରୁଛନ୍ତି।

ଏହାଛଡା ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଓ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସ୍ୱାଧୀନ କୁମାର ନାୟକଙ୍କ ପାଇଁ ମଧ୍ୟ ସମ୍ମାନର ପ୍ରଶ୍ନ।

## ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦର ମାହୋଲ




ନିଶ୍ଚିନ୍ତକୋଇଲି,୭।୧୦ (ସଂଚାର ବ୍ୟୁରୋ): ବିଗତ ୭ବର୍ଷ ହେବ ମହାବିଦ୍ୟାଳୟ ମାନଙ୍କରେ ଛାତ୍ର ସଂସଦ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଚଳିତ ବର୍ଷ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ମୋହନ ଚରଣ ମାଝୀ, ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ ତାରିଖ ଘୋଷଣା କରିଛନ୍ତି। ଚଳିତ ଅକ୍ଟୋବର ମାସ ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ ସେଥିପାଇଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ଦୀର୍ଘ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୂର୍ବତନ ଜାତୀୟ ସମ୍ପାଦକ ଅଭିଳାଶ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଛାତ୍ର ସଂସଦ ନିର୍ବାଚନ ହେବା ପୂର୍ବରୁ କଟକ ଜିଲ୍ଲା ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ନିଶ୍ଚିନ୍ତକୋଇଲିର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଅପହରଣ ମାମଲାରେ ଯୁବକକୁ କୋର୍ଟ ଚାଲାଣ

ଧାମନଗର,୭।୧୦ (ସଂଚାର ବ୍ୟୁରୋ): ନାବାଳିକା ଝିଅ କୁ ଅପହରଣ ଓ ଅସଦାଚରଣ କରିବା ନେଇ ମଙ୍ଗଳବାର ପୀଡ଼ିତାର ବାପାଙ୍କ ପକ୍ଷରୁ ଧାମନଗର ଥାନାରେ ଏତଲା ହୋଇଛି। ଏତଲାକୁ ଭିତ୍ତି କରି ପୁଲିସ କେସ ନଂ ୪୪୦ /୨୬ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଅଭିଯୁକ୍ତ ଜାବିର ଅଲ୍ଲୀ ( ୧୯) କୋର୍ଟ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକା ଝିଅକୁ ଭଦ୍ରକ ସ୍ଥିତ ଆସିଆନ ଗୃହକୁ ପଠାଯାଇଛି ବୋଲି ଥାନାଧିକାରୀ ସୁବ୍ରଜୀତ ଦାସ କହିଛନ୍ତି।

ଏତଲା ମୁତାବକ ଭଦ୍ରକ ସହରାଞ୍ଚଳର ଜଣେ ନାବାଳିକା ଝିଅ ବୟସ (୧୭) ମଙ୍ଗଳବାର ଅପରାହ୍ନ ୪ଟାରେ ଇସ୍କନ ମନ୍ଦିର ଯିବାକୁ କହି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଘରକୁ ଫେରିନଥିଲା । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଝିଅର କୌଣଷି ସନ୍ଧାନ ମିଳିନଥିଲା। ପରେ ଧାମନଗର ଥାନା ଅଧୀନ ପଦ୍ମପୋଖରୀ ଗ୍ରାମ ନିକଟ ଡିଗି ପାର୍କରେ ଝିଅ ଥିବା ନେଇ ଏକ ଅଜଣା ମୋବାଇଲ ନଂରୁ ପରିବାର ଲୋକଙ୍କୁ ଜଣାଯାଇଥିଲା। ତୁରନ୍ତ ପାର୍କକୁ ଯାଇ ଝିଅକୁ ଚିହ୍ନଟ କରିବା ସହ ପରିବାର ଲୋକେ ଘଟଣା ସମ୍ପର୍କରେ ଝିଅକୁ ପଚାରିଥିଲେ। ପରେ ଭଦ୍ରକ ପୁରୁଣା ବଜାର ଅଞ୍ଚଳର ସେକ ଜାବିର ଅଲ୍ଲୀ ଖାଁ (୧୯) ହିନ୍ଦୁ ଧର୍ମ ପରିଚୟ ଦେବା ସହ ବିବାହର ପ୍ରଲୋଭନ ଦେଖାଇ ଝିଅକୁ ଜୋରଜବରଦସ୍ତି ଗାଡ଼ିରେ ଡିଗୀ ପାର୍କକୁ ନେଇ ଯାଇଥିଲା। ପାର୍କର ଦୀର୍ଘ ସମୟ ପର୍ଯ୍ୟନ୍ତ ବୁଲିବା ସହ ଜଙ୍ଗଲ ଭିତରକୁ ନେବା ସମୟରେ ସ୍ଥାନୀୟ ଲୋକେ ସନ୍ଦେହ କରି ଉଭୟଙ୍କୁ ଅଟକ ରଖିଥିଲେ। ପାର୍କରେ ବୁଲିବା ସମୟରେ ଯୁବକ ଜଣଙ୍କ ଜୋର ଜବରଦସ୍ତ ଶାରୀରିକ ଅଶାଳୀନ ବ୍ୟବହାର କରିବାରୁ ଝିଅ ମଧ୍ୟ ପ୍ରତିବାଦ କରିଥିଲା ମଧ୍ୟ ଯୁବକ ଉପରେ କୌଣସି ପ୍ରଭାବ ପଡ଼ି ନଥିଲା।

ତେବେ ଏହି ଘଟଣା ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ତୁରନ୍ତ ଧାମନଗର ଥାନା ଅଧିକାରୀ ସୁବ୍ରଜୀତ ଦାସଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଥାନାଧିକାରୀ ଶ୍ରୀଦାସ ଘଟଣା କୁ ଗୁରୁତ୍ୱ ଦେଇ ଏକ ପୁଲିସ ଟିମ୍ ପ୍ରାୟ ରାତି ୯ଟା ସମୟରେ ପାର୍କକୁ ଯାଇ ଉଭୟ ଯୁବକ ଓ ନାବାଳିକା ଝିଅକୁ ଉଦ୍ଧାର କରି ଥାନାକୁ ନେଇ ଆସିଥିଲେ। ପାର୍କର ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ହିଞ୍ଜିଳିକାଟୁ କଲେଜ କ୍ୟାମ୍ପସ

# ପ୍ରାର୍ଥୀ ଚୟନକୁ ନେଇ ବଢୁଛି ଟେନସନ୍

### ବିଭିନ୍ନ ରାଜନୈତିକ ଦଳର ରୁଦ୍ଧଦ୍ୱାର ବୈଠକ

### ପ୍ରାର୍ଥୀ ଖୋଜୁଛନ୍ତି ଛାତ୍ର ସଙ୍ଗଠନ

### ଅଧିକାଂଶ ଛାତ୍ରଛାତ୍ରୀ ପ୍ରାର୍ଥୀ ହେବାକୁ ଅରାଜି



ହିଞ୍ଜିଳିକାଟୁ,୭।୧୦ (ସଂଚାର ବ୍ୟୁରୋ): ଛାତ୍ର ନିର୍ବାଚନ ଘୋଷଣା ପରେ ହିଞ୍ଜିଳିକାଟୁ କଲେଜ କ୍ୟାମ୍ପସ୍‌ରେ ବଢ଼ିଛି ରାଜନୈତିକ ଉଷ୍ମତା ଭରିଛି। ଉପଯୁକ୍ତ କ୍ୟାଣ୍ଡିଡେଟ୍ ବାଛିବାକୁ ନେଇ ବିଭିନ୍ନ ରାଜନୈତିକ ଦଳର ରୁଦ୍ଧ ଦ୍ୱାରା ବୈଠକ ଘନ ଘନ ଚାଲୁଥିବା ବେଳେ ରଣନୀତି ପ୍ରସ୍ତୁତି କଲେଣି ଛାତ୍ର ନେତା | ସେପଟେ କଲେଜରେ ପରିଚିତ ଚେହେରା ମାନଙ୍କ ପରୀକ୍ଷାରେ ବ୍ୟାକ୍ ରହିଥିବା ବେଳେ ଆହୁରି ଚିନ୍ତା ଅଧିକ ବଢ଼ିଯାଇଛି | ୫ରୁ ଉର୍ଦ୍ଧ୍ୱ ପଦବି ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଥିବାରୁ ଏତେ ସଂଖ୍ୟକ ପ୍ରାର୍ଥୀ ମିଳିବା ସଙ୍ଗଠନଗୁଡ଼ିକ ପାଇଁ କଷ୍ଟକର ହୋଇପଡୁଛି। ଅଧିକାଂଶ ଛାତ୍ରଛାତ୍ରୀ ପ୍ରାର୍ଥୀ ହେବାକୁ ଅରାଜି ହେଉଛନ୍ତି। ଯେଉଁମାନେ ରାଜି ହେଉଛନ୍ତି ସେମାନେ ମୁଖ୍ୟତଃ ସଭାପତି ଓ ସାଧାରଣ ସମ୍ପାଦକ ପଦବିରେ ଲଢ଼ିବାକୁ ସମ୍ମତି ପ୍ରକାଶ କରୁଛନ୍ତି। କେତେଜଣ ଛାତ୍ରଛାତ୍ରୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ରାଜି ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିୟମାବଳୀ ପୂରଣ କରୁ ନଥିବାରୁ ଛାତ୍ର ସଙ୍ଗଠନଗୁଡ଼ିକୁ ସେମାନଙ୍କୁ ପ୍ରାର୍ଥୀ କରିବାକୁ ଆଗଭର ଦେଖାଉ ନାହାନ୍ତି |

ତେବେ ଆଜି କଲେଜ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶକ୍ତିଶାଳୀ ପ୍ରାର୍ଥୀ କିଏ ହେବ ତାକୁ ନେଇକି ଯୋଜନା କରାଯାଉଛି। ଆସନ୍ତାକାଲି ରହିଛି ନାମାଙ୍କନ ଦାଖଲ ପାଇଁ ତାରିଖ | ହାତରେ ଆଉ ମାତ୍ର କିଛି ଘଣ୍ଟା ସମୟ ଥିବାରୁ କ୍ୟାମ୍ପସ୍‌ରେ ଯୋଗ୍ୟ ଓ ଲୋକପ୍ରିୟ ଚେହେରା ଖୋଜି ପ୍ରାର୍ଥୀ ଚୂଡ଼ାନ୍ତ କରିବା ପାଇଁ ସବୁ ଛାତ୍ର ସଂଗଠନ ଦିନରାତି ଏକ କରିଦେଇଛନ୍ତି ।

ଦୀର୍ଘ ବର୍ଷ ପରେ ନିର୍ବାଚନ ହେଉଥିବାରୁ ବର୍ତ୍ତମାନର ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଇଁ ଏହା ପ୍ରଥମ ଅଭିଜ୍ଞତା । ପିଲାଙ୍କ ମନରେ ଭରପୂର ଉତ୍ସାହ ରହିଛି । ଉତ୍ସାହ ବଢ଼ିବା ସହ ବିଭିନ୍ନ ଛାତ୍ର ସଂଗଠନ ଓ ଛାତ୍ରନେତାମାନେ ମଧ୍ୟ ସକ୍ରିୟ ହୋଇପଡ଼ିଛନ୍ତି। କ୍ଲାସ ରୁମ୍, ଲାଇବ୍ରେରୀ, ଖେଳ ପଡିଆ ଆଦି ପ୍ରତ୍ୟକ ସ୍ଥାନ ବୁଲି ବୁଲି, ଛାତ୍ର ଛାତ୍ରୀଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରି ଦେଲେଣି । ତେବେ ଛାତ୍ର ନେତା ମାନେ କ୍ୟାମ୍ପସରେ ସଙ୍ଗଠନକୁ ମଜବୁତ କରିବା ସହ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି। ନୂତନ ଭୋଟରଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ କଲେଜ ପରିସରରେ ଆଲୋଚନା ଓ ପ୍ରସ୍ତୁତି ବୈଠକ ପାଇଁ ସଜବାଜ ହେଉଛନ୍ତି। ସମ୍ଭବତଃ, ୨/୩ ଦିନ ଭିତରେ କ୍ୟାମ୍ପସ୍ ଆହୁରି ଚଳଚଞ୍ଚଳ ହୋଇପଡ଼ିବ।

ଅନ୍ୟପଟେ କେବଳ ଛାତ୍ର ସଙ୍ଗଠନ ନୁହେଁ, ବରଂ ବିଭିନ୍ନ ପ୍ରମୁଖ ରାଜନୈତିକ ଦଳ ମଧ୍ୟ ନିଜ ନିଜର ଛାତ୍ର ସଙ୍ଗଠନ ମାଧ୍ୟମରେ ଏହି ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଛାତ୍ର ସଂଗଠନଗୁଡ଼ିକ ଏମିତି ପ୍ରାର୍ଥୀ ଖୋଜୁଛନ୍ତି, ଯାହାର କ୍ୟାମ୍ପସରେ ପ୍ରଭାବ ଥିବ, ଆଉ ଛାତ୍ରଛାତ୍ରୀ ତାଙ୍କୁ ସମର୍ଥନ କରୁଥିବେ। ସେପଟେ ଛାତ୍ରଛାତ୍ରୀମାନେ କହିଛନ୍ତି କ୍ୟାମ୍ପସର ସମସ୍ୟା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱରକୁ ଯିଏ ପ୍ରଭାବଶାଳୀ କରିପାରିବ ସେଭଳି ପ୍ରାର୍ଥୀ ସେମାନଙ୍କୁ ଦରକାର।

ନିଜ ସମର୍ଥନ ବଢ଼ାଇବା ସହ ପ୍ରତି ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବାକୁ ଆରମ୍ଭ ହୋଇଛି ରଣନୀତି । ତେବେ ଛାତ୍ରଛାତ୍ରୀ କାହା ଉପରେ ଭରସା କରୁଛନ୍ତି ଏବଂ କେଉଁ ସଂଗଠନ ବାଜିମାତ କରୁଛି, ତାହା ଅକ୍ଟୋବର ୧୫ ତାରିଖରେ ହିଁ ସ୍ପଷ୍ଟ ହେବ ।

### ୮ ବର୍ଷ ପରେ କ୍ୟାମ୍ପସରେ ନିର୍ବାଚନୀ ତାତି

## କୁଜଙ୍ଗରୁ ପାରାଦୀପ, ବାଲିକୁଦାରୁ ତିର୍ତ୍ତୋଲ

# ପ୍ରାର୍ଥୀ ଚୟନକୁ ନେଇ ଛାତ୍ରନେତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ

ପାରାଦ୍ୱୀପ,୭।୧୦ (ସଂଚାର ବ୍ୟୁରୋ): ରାଜ୍ୟର କଲେଜ କ୍ୟାମ୍ପସରେ ପୁଣି ନିର୍ବାଚନୀ ଉଷ୍ମତା ଫେରିଛି। ଅକ୍ଟୋବର ୧୫ରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ କଲେଜରେ ମଧ୍ୟ ଆରମ୍ଭ ହୋଇଛି ରାଜନୈତିକ ଅଙ୍କକଷା। ବିଶେଷକରି କୁଜଙ୍ଗ କଲେଜରେ ପ୍ରାର୍ଥୀ ଚୟନକୁ ନେଇ ଦଳୀୟ ଛାତ୍ରନେତାଙ୍କ ମଧ୍ୟରେ ମତଭେଦ ଚର୍ଚ୍ଚାର ବିଷୟ ପାଲଟିଛି।

ଦୀର୍ଘ ୮ ବର୍ଷ ପରେ ନିର୍ବାଚନ ହେଉଥିବାରୁ ଛାତ୍ର ରାଜନୀତିରେ ନୂଆ ମୁହଁଙ୍କୁ ସୁଯୋଗ ଦେବା ନା ପୁରୁଣା ସଂଗଠନ ସହ ଜଡ଼ିତ ଛାତ୍ରନେତାଙ୍କୁ ମଇଦାନକୁ ଓହ୍ଲାଇବା— ଏହାକୁ ନେଇ ଅନେକ କଲେଜରେ ଆରମ୍ଭ ହୋଇଛି ଆଲୋଚନା। ଆଉ ମାତ୍ର କିଛି ଦିନ ମଧ୍ୟରେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ପ୍ରତ୍ୟେକ କଲେଜରେ ନିଜ ନିଜ ପ୍ରାର୍ଥୀଙ୍କୁ ନେଇ ଛାତ୍ର ସଂଗଠନଗୁଡ଼ିକ ରଣନୀତି ପ୍ରସ୍ତୁତ କରୁଥିବା ଦେଖାଯାଉଛି।

କୁଜଙ୍ଗ କଲେଜ ସମେତ ଜିଲ୍ଲାର ପାରାଦୀପ କଲେଜ, ସ୍ୱାମୀ ବିବେକାନନ୍ଦ ମେମୋରିଆଲ୍ ଅଟୋନମସ୍ କଲେଜ, ବାଲିକୁଦା କଲେଜ, ଆଦିକବି ସାରଳା ଦାସ କଲେଜ, ଅଲକା ମହାବିଦ୍ୟାଳୟ, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଓ ରାହାମା ସାରଳା ମହାବିଦ୍ୟାଳୟ ଭଳି ପ୍ରମୁଖ କ୍ୟାମ୍ପସରେ ଏଥର ନିର୍ବାଚନକୁ ନେଇ ଉତ୍ସାହ ବଢ଼ିଛି। ଜିଲ୍ଲାର ସରକାରୀ ତାଲିକାରେ ଆହୁରି ଅନେକ ଡିଗ୍ରୀ କଲେଜ ରହିଛି।

ତେବେ ଏଥର ନିର୍ବାଚନର ସବୁଠାରୁ ବଡ଼ ପ୍ରଶ୍ନ— କ୍ୟାମ୍ପସରେ କାହାର ପ୍ରଭାବ ରହିବ? ରାଜ୍ୟ ରାଜନୀତିରେ ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ଲଢ଼େଇ ଜାରି ଥିବାବେଳେ ତାହାର ପ୍ରତିଛବି ଛାତ୍ର ରାଜନୀତିରେ କେତେଦୂର ପଡ଼ିବ, ତାହା ଉପରେ ମଧ୍ୟ ନଜର ରହିଛି।

କିନ୍ତୁ ସରକାରୀ ନିୟମ ଅନୁଯାୟୀ ଛାତ୍ର ସଂସଦ ନିର୍ବାଚନରେ ରାଜନୈତିକ ଦଳର ସିଧାସଳଖ ହସ୍ତକ୍ଷେପକୁ ବାରଣ କରାଯାଇଛି। ଜାତି କିମ୍ବା ସାମ୍ପ୍ରଦାୟିକ ଆଧାରରେ ଭୋଟ ମାଗିବା ମଧ୍ୟ ନିଷେଧ। ତେଣୁ କ୍ୟାମ୍ପସର ନିର୍ବାଚନ ଆନୁଷ୍ଠାନିକ ଭାବେ ଦଳମୁକ୍ତ ହେଲେ ମଧ୍ୟ, ବିଭିନ୍ନ ଛାତ୍ର ସଂଗଠନ ସହ ଜଡ଼ିତ ଯୁବନେତାଙ୍କ ପ୍ରଭାବ ଏଥର କେତେ ରହିବ, ତାହା ନେଇ ଚର୍ଚ୍ଚା ଜୋର ଧରିଛି।

ଏଥର ଆଉ ଏକ ବଡ଼ ଚ୍ୟାଲେଞ୍ଜ ହେଉଛି ସମୟର ଅଭାବ। ଅକ୍ଟୋବର ୭ରେ ନିର୍ବାଚନ ବିଜ୍ଞପ୍ତି, ୯ରେ ନାମାଙ୍କନ, ୧୦ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଓ ୧୫ରେ ମତଦାନ। ଅର୍ଥାତ୍ ପ୍ରାର୍ଥୀ ଚୟନଠାରୁ ପ୍ରଚାର ପର୍ଯ୍ୟନ୍ତ ଛାତ୍ରନେତାଙ୍କ ହାତରେ ରହିବ ଅତ୍ୟନ୍ତ କମ୍ ସମୟ।

ଫଳରେ କୁଜଙ୍ଗ ସମେତ ଜିଲ୍ଲାର ବିଭିନ୍ନ କ୍ୟାମ୍ପସରେ କିଏ ପାଇବ ଟିକେଟ୍, କିଏ ହେବ ପ୍ରାର୍ଥୀ, କାହା ପଛରେ ଛାତ୍ର ସମର୍ଥନ ଅଧିକ ଏବଂ କିଏ ମାରିବ ବାଜି— ଏହାକୁ ନେଇ ଛାତ୍ର ମହଲରେ ଉତ୍ସୁକତା ବଢ଼ିଛି। ଏବେ ନଜର— ଜଗତସିଂହପୁରର କ୍ୟାମ୍ପସ ରାଜନୀତିରେ କିଏ ନିଜ ଦବଦବା ଦେଖାଇବ।

# ୨୫ ବର୍ଷର ସୁଶାସନକୁ ନେଇ ସୁନ୍ଦରଗଡ଼ରେ 'ସେବା ଜ୍ୟୋତି ଯାତ୍ରା'




ସୁନ୍ଦରଗଡ଼,୭।୧୦ (ସଂଚାର ବ୍ୟୁରୋ): ୨୦୦୧ ମସିହା ଅକ୍ଟୋବର ୦୭ ତାରିଖରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ସୁଶାସନ, ସେବା ଓ ଜନ କଲ୍ୟାଣର ଯାତ୍ରା ଆରମ୍ଭ କରିଥିଲେ, ସେହି ଗୌରବମୟ ଯାତ୍ରା ଆଜି ୨୫ ବର୍ଷରେ ପଦାର୍ପଣ କରିଛି। ଗୁଜରାଟରୁ ଆରମ୍ଭ ହୋଇଥିବା ଏହି ସୁଶାସନର ଯାତ୍ରା ପରବର୍ତ୍ତୀ ସମୟରେ ଦେଶର ପ୍ରଧାନମନ୍ତ୍ରୀ ଭାବେ "ନୂଆ ଭାରତ" ଗଠନର ମହାସଂକଳ୍ପରେ ପରିଣତ ହୋଇଛି। ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ମୂଳମନ୍ତ୍ର କରି ୨୫ ବର୍ଷର ସୁଶାସନ ଯାତ୍ରାକୁ ସ୍ମରଣୀୟ କରିବା ସହିତ ସେବା, ସମର୍ପଣ ଓ ସଂକଳ୍ପର ବାର୍ତ୍ତାକୁ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସାରା ଦେଶରେ "ସେବା ଜ୍ୟୋତି ଯାତ୍ରା" ଆୟୋଜିତ ହେଉଛି।

ଏହି ଅବସରରେ ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଏବଂ ରାଉରକେଲା ସାଙ୍ଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ଼ ସ୍ଥିତ ଅଟଳ ଛକଠାରୁ କଲେଜ ବାଇପାସ ଛକ ପର୍ଯ୍ୟନ୍ତ ମଶାଲ ସହିତ ଏକ ବିଶାଳ "ସେବା ଜ୍ୟୋତି ଯାତ୍ରା" ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

ଏହାପରେ କଲେଜ ବାଇପାସ ଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଭିଡିଓ କନଫରେନ୍ସ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରିଥିବା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସୁନ୍ଦରଗଡ଼ ପୌରପରିଷଦର ୱାର୍ଡ ନମ୍ବର ୯ର କଲେଜ ବାଇପାସ ଛକକୁ "ସେବା ଜ୍ୟୋତି ଛକ" ଭାବେ ନାମିତ କରାଯାଇଥିଲା।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ଲୋକସଭା ସାଂସଦ ଜୁଏଲ ଓରାମ ଏବଂ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ପ୍ରାୟ ୧୦,୦୦୦ରୁ ଉର୍ଦ୍ଧ୍ୱ ଭାଜପା ଜିଲ୍ଲା ନେତୃବୃନ୍ଦ, ପଦାଧିକାରୀ, କାର୍ଯ୍ୟକର୍ତ୍ତା, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଯୋଗଦେଇ ଏହି ଭବ୍ୟ ସମାଗମକୁ ସଫଳ କରିଥିଲେ।

## ନରେନ୍ଦ୍ରପୁର ନିକଟରେ ସାଇସୁଧା ମୋଟର୍ସର ନୂଆ ସୋରୁମ ଉଦ୍‌ଘାଟିତ

ପାରାଦୀପ,୭।୧୦ (ସଂଚାର ବ୍ୟୁରୋ): ନରେନ୍ଦ୍ରପୁର ନିକଟରେ ସାଇସୁଧା ମୋଟର୍ସର ନୂତନ ସୋରୁମ ଶୁଭାରମ୍ଭ ହୋଇଛି। ଏହି ସୋରୁମରେ ଟାଟା ମୋଟର୍ସର ବିଭିନ୍ନ ମଡେଲର ଟ୍ରକ୍, ହାଇୱା ଓ କାର ବିକ୍ରି ସହିତ ଗାଡ଼ି ସର୍ଭିସିଂର ସୁବିଧା ମଧ୍ୟ ଉପଲବ୍ଧ ହେବ।

ସୋରୁମ ଉଦ୍‌ଘାଟନ ଅବସରରେ ଏମ୍‌ଡି ଅଙ୍କିତ ମହାନ୍ତି, ସିଇଓ ଅରୁଣ କୁମାର ମିଶ୍ର, ଏଜିଏମ୍ ସୁନିଲ କୁମାର ସିଂହ, ଏଜିଏମ ବିପିନ ଦଳାଇ, ଜିଏମ୍ ଲକ୍ଷ୍ୟ ପ୍ରକାଶ ସାହୁଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ପାରାଦୀପ ଅଞ୍ଚଳର ବହୁ ସ୍ଥାନୀୟ ଟ୍ରକ୍ ମାଲିକ ଓ ବ୍ୟବସାୟୀ ଯୋଗଦେଇଥିଲେ। ଟାଟା ମୋଟର୍ସର ଗାଡ଼ି କ୍ରୟ ସହିତ ଏକ ସ୍ଥାନରେ ସର୍ଭିସିଂ ସୁବିଧା ମିଳିବା ଦ୍ୱାରା ଅଞ୍ଚଳର ଗ୍ରାହକ ଓ ଟ୍ରକ୍ ମାଲିକମାନେ ଉପକୃତ ହେବେ।






# ଶରୀରକୁ ବୁଝି ଖାଦ୍ୟ ଗ୍ରହଣ କରନ୍ତୁ

**➘ ଜରୁରିକାଳୀନ ଚିକିତ୍ସା (କାଜୁଆଲ୍‌ଟି) ବିଭାଗକୁ ଆଜିକାଲି କେଉଁ ପ୍ରକାର ରୋଗୀ ଅଧିକ ଆସୁଛନ୍ତି?**

ବର୍ଷ ତମାମ କାଜୁଆଲ୍‌ଟିକୁ ଅଧିକ ସଂଖ୍ୟାରେ ଗ୍ୟାଷ୍ଟ୍ରିକ୍ ରୋଗୀ ହିଁ ଆସିଥା'ନ୍ତି। ଗତ ୧୦ ବର୍ଷ ହେଲା ଗ୍ୟାଷ୍ଟ୍ରିକ୍ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଜିକାଲି ଲୋକମାନଙ୍କର ବିଳମ୍ବରେ ଶୋଇବା ଓ ବିଳମ୍ବରେ ଉଠିବା, ଘର ଖାଦ୍ୟ ଛାଡ଼ି ବାହାର ଖାଦ୍ୟ ଖାଇବା ଅଭ୍ୟାସ ଓ ସକାଳ ଜଳଖିଆରେ ରୁଟି, ଚୁଡ଼ା, ଛତୁଆ ବଦଳରେ ତୈଳଯୁକ୍ତ ଖାଦ୍ୟ ଖାଇବା ଯୋଗୁଁ ଗ୍ୟାଷ୍ଟ୍ରିକ୍ ଧୀରେଧୀରେ ବିସ୍ଫୋରକ ରୂପ ନେଲାଣି।

**➘ ଗ୍ୟାଷ୍ଟ୍ରିକ୍ ସମସ୍ୟା ଆପେ ଠିକ୍ ହୋଇପାରେ କି?**

ଗ୍ୟାଷ୍ଟ୍ରିସ୍ ସମସ୍ୟା ସାଧାରଣ ହୋଇପାରେ ବା ଅତି ଗୁରୁତର ବି ହୋଇପାରେ। ଶରୀରର ନିଜର ସ୍ୱ-ଉପଚାରାତ୍ମକ କ୍ଷମତା ରହିଥିବାରୁ ସାଧାରଣ ଭାବେ ହେଉଥିବା ଗ୍ୟାଷ୍ଟ୍ରିକ୍ ଆପେ ଆପେ ଭଲ ହୋଇଯାଏ ବା ସାଧାରଣ ଘରୋଇ ଚିକିତ୍ସାରେ ରୋଗୀ ସୁସ୍ଥ ଅନୁଭବ କରେ। କିନ୍ତୁ ଗୁରୁତର ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ଚିକିତ୍ସା ଓ ଡାକ୍ତରଙ୍କ ପରାମର୍ଶ ଅତ୍ୟାବଶ୍ୟକ।



ଡାକ୍ତର ଇପ୍‌ସିତା ମହାନ୍ତି
କ୍ୟାପିଟାଲ୍ ହସ୍‌ପିଟାଲ୍
ଭୁବନେଶ୍ୱର

**➘ ଗ୍ୟାଷ୍ଟ୍ରିକ୍ ପୀଡ଼ିତଙ୍କ ଲାଗି ଲେମ୍ବୁପାଣି ଉପକାରୀ ନା ବିପଜ୍ଜନକ?**

ଲେମ୍ବୁପାଣିର ଆଲ୍‌କାଲାଇଜିଂ ପ୍ରଭାବ ଯୋଗୁଁ ଅନେକଙ୍କ କ୍ଷେତ୍ରରେ ବଦ୍‌ହଜମି ବା ଛାତିଜ୍ୱଳନ ଆଦି ଲକ୍ଷଣ ଶାନ୍ତ ହୋଇପାରେ। କିନ୍ତୁ ବ୍ୟକ୍ତି ବିଶେଷରେ ଲେମ୍ବୁପାଣିର ପ୍ରଭାବ ଭିନ୍ନ ହୋଇଥାଏ। ଦୀର୍ଘକାଳୀନ ପାଚନ ସମ୍ବନ୍ଧୀୟ ରୋଗ ବା ଏସିଡ୍ ରେଫ୍ଲକ୍ସ ରୋଗୀଙ୍କ ପାଇଁ ଏହା ବିପଜ୍ଜନକ ହୋଇପାରେ। ଏଣୁ ରୋଗୀ ନିଜ ଶରୀରର ହାବଭାବକୁ ଲକ୍ଷ୍ୟ କରି ତା' ଅନୁସାରେ ଖାଦ୍ୟଗ୍ରହଣ କରିବା ଉଚିତ। ଗରମ ପାଣି ବି ଠିକ୍ ସେହିଭଳି କିଛି ଲୋକଙ୍କୁ ଆରାମ ଦିଏ ତ କିଛି ଲୋକଙ୍କ ଅସୁବିଧା ବଢ଼ାଇଦିଏ।

**➘ ଗ୍ୟାଷ୍ଟ୍ରିକ୍‌ରୁ ଦୂରେଇ ରହିବା ପାଇଁ ସକାଳୁ ଆମେ କ'ଣ ପିଇବା ଠିକ୍?**

ସକାଳୁ ଉଠିଲେ ଚା' ପିଇବା ଅନେକଙ୍କ ଅଭ୍ୟାସ। କିନ୍ତୁ କ୍ଷୀରରେ ତିଆରି ଚା' ବଦଳରେ ହର୍ବାଲ ଚା' (ଅଦା ଚା' ବା କ୍ୟାମେମାଇଲ୍ ଚା') ପିଇବା କେବଳ ଗ୍ୟାଷ୍ଟ୍ରିକ୍ ରୋଗୀଙ୍କ ପାଇଁ ନୁହେଁ, ସବୁ ଲୋକଙ୍କ ପାଇଁ ଉପକାରୀ ହୋଇପାରେ। ସେହିଭଳି ନନ୍-ସାଇଟ୍ରସ୍ ଫଳ ଯେମିତିକି ସେଓ ଓ ନାସପାତି ଜୁସ୍ ସକାଳୁ ପିଇବା ଶରୀର ପାଇଁ ହିତକର ହୋଇଥାଏ।

**➘ ଗ୍ୟାଷ୍ଟ୍ରିକ୍ ବେମାରିକୁ ସବୁଦିନ ପାଇଁ କେମିତି ଦୂରେଇ ପାରିବା? ଏହାର ସ୍ଥାୟୀ ଉପଚାର କ'ଣ?**

ଶରୀର ମାନେ ତ ରୋଗ ଅଛି। କିନ୍ତୁ ଯତ୍ନବାନ ରହିଲେ ଆମେ ରୋଗର ଲକ୍ଷଣକୁ ଠିକ୍ ଭାବେ ନିୟନ୍ତ୍ରଣ କରିପାରିବା। ବାହାର ଖାଦ୍ୟ ଅଧିକ ଖାଇବା ନାହିଁ, ଯଦି ବି ବାହାର ଖାଦ୍ୟ ଖାଇବାକୁ ପଡୁଛି, ତେବେ ପ୍ରଚୁର ପରିମାଣରେ ପାଣି ପିଇବା। ବିଶେଷ କରି ଦେହ ଖରାପ ସମୟରେ ବିଲ୍‌କୁଲ୍ ବାହାର ଖାଦ୍ୟ ଖାଇବା ନାହିଁ। ନିଜର ଗ୍ୟାଷ୍ଟ୍ରିକ୍ ଅବସ୍ଥାକୁ ଠିକ୍ ଭାବେ ଲକ୍ଷ୍ୟ କରି ଏହାର ମୂଳ କାରଣକୁ ପ୍ରଥମେ ସମାଧାନ କରିବାକୁ ଚେଷ୍ଟା କରିବା। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ଦ୍ୱାରା ତଥା ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ଦ୍ୱାରା ଆମେ ଗ୍ୟାଷ୍ଟ୍ରିକ୍‌କୁ ନିୟନ୍ତ୍ରଣ କରିପାରିବା।





# ବିଶୋଧିତ ପାଣି ଜୀବାଣୁମୁକ୍ତ, କିନ୍ତୁ ସୁରକ୍ଷିତ କି?

**କ୍ଲୋରିନ୍ ଦ୍ୱାରା ବିଶୋଧିତ ଜଳ ବିଭିନ୍ନ ସଂକ୍ରାମକ ରୋଗରୁ ସୁରକ୍ଷା ଦେଉଥିବା ବେଳେ ସେହି ପାଣି ନିୟମିତ ପିଇଲେ ମୂତ୍ରାଶୟ, ଗୁହ୍ୟଦ୍ୱାର ଓ ବୃକ୍‌କ କର୍କଟର ଆଶଙ୍କା ବଢ଼ିଥାଏ ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି।**

ନିୟମିତ ବିଶୋଧିତ ଜଳ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ଆମେ ଜାଣିଛେ। ତେବେ କ୍ଲୋରିନ୍ ଦ୍ୱାରା ବିଶୋଧିତ ଜଳ ନିୟମିତ ପିଇଲେ ମୂତ୍ରାଶୟ କର୍କଟ, ଗୁହ୍ୟଦ୍ୱାର କର୍କଟ ଓ ବୃକ୍‌କ କର୍କଟ ହେବାର ଆଶଙ୍କା ଅଧିକ ବୋଲି ଏକ ସଦ୍ୟ ଅନୁଧ୍ୟାନରୁ ଜଣାଯାଇଛି।

ସୂଚନାଯୋଗ୍ୟ, ଆମ ଦେଶରେ ଏବେ ବି ହଇଜା, ଟାଇଫଏଡ୍ ଓ ଡିସେଣ୍ଟ୍ରି ପରି ଜଳବାହିତ ରୋଗ ସାଧାରଣ କଥା ହୋଇ ରହିଛି। ତେଣୁ ଜଳରୁ ବିଭିନ୍ନ ପ୍ରକାର ରୋଗ ସୃଷ୍ଟିକାରୀ ବୀଜାଣୁ ଓ ଭୂତାଣୁକୁ ଦୂର କରିବା ପାଇଁ ଜଣାଶୁଣା ସଂକ୍ରାମକବିରୋଧୀ କ୍ଲୋରିନ୍ ଦ୍ୱାରା ଜଳକୁ ବିଶୋଧନ କରାଯାଇଥାଏ। ସାର୍ବଜନୀନ ସ୍ୱାସ୍ଥ୍ୟ ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଶୋଧିତ ଜଳ ଯୋଗାଇ ଦିଆଯାଇଥାଏ। ମାତ୍ର ଲୋକଙ୍କର ଏହି ସୁବିଧା ପଛରେ ଏକ ଗୋପନ କ୍ଷତି ରହିଥିବା କଥା ସମସ୍ତଙ୍କୁ ଜଣାନାହିଁ। ବିଶେଷଜ୍ଞ ଡାକ୍ତରମାନଙ୍କ କହିବାନୁଯାୟୀ, ଯଦିଓ କ୍ଲୋରିନ୍ ନିଜେ କର୍କଟ ସୃଷ୍ଟିକାରୀ (କାର୍ସିନୋଜେନିକ୍) ନୁହେଁ, ତେବେ ଜଳରେ ମିଶି ରହିଥିବା ପତ୍ର, ଧୂଳି ଓ ଶୈବାଳ ପରି ପ୍ରାକୃତିକ ଜୈବ ପଦାର୍ଥ ସଂସ୍ପର୍ଶରେ ଆସିଲେ ତାହା ପ୍ରତିକ୍ରିୟା କରି ଟ୍ରାଇହାଲୋମିଥେନ୍ (ଟିଏଚ୍ଏମ୍) ଓ ହାଲୋଏସିଟିକ୍ ଏସିଡ୍ (ଏଚ୍ଏଏ) ପରି ବିଷାକ୍ତ ରାସାୟନିକ ଉତ୍ପାଦ ଛାଡ଼ିଥାଏ। ସେଗୁଡ଼ିକ ଆମର ଡିଏନ୍ଏକୁ ନଷ୍ଟ କରି କର୍କଟ କୋଷ ବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ। ତଥାକଥିତ କ୍ଲୋରିନ୍ ପରିଷ୍କୃତ ଜଳରେ ଥିବା ଏହି ବିଷାକ୍ତ ଯୌଗିକଗୁଡ଼ିକ ଆମ ଶରୀରକୁ ପ୍ରବେଶ କରି ନିଷ୍କାସନ ପ୍ରକ୍ରିୟାରେ ଧୀରେ ଧୀରେ ମୂତ୍ରାଶୟରେ ଜମାଟ ବାନ୍ଧି ରହିଥା'ନ୍ତି। ତେଣୁ ମୂତ୍ରାଶୟ କର୍କଟ ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି ଦୀର୍ଘ ଦିନ ଧରି ଏହି ଜଳ ପାନ କରିବା ଦ୍ୱାରା ସେହି ବିଷାକ୍ତ ପଦାର୍ଥଗୁଡ଼ିକ ପାକ ପ୍ରଣାଳୀରେ, ବିଶେଷ କରି ବୃହଦାନ୍ତ୍ରରେ ଠୁଳ ହୋଇଥା'ନ୍ତି। ସୁତରାଂ ଗୁହ୍ୟଦ୍ୱାର କର୍କଟ ହେବାର ଆଶଙ୍କା ମଧ୍ୟ ବଢ଼ିଥାଏ। ସେହିପରି ଦୂଷିତ ରକ୍ତକୁ ପରିଷ୍କୃତ କରୁଥିବା ବୃକ୍‌କ ଦୁଇଟି ଏହି ବିଷାକ୍ତ ପଦାର୍ଥଗୁଡ଼ିକୁ ଛାଣିଦେଇଥା'ନ୍ତି। କାଳକ୍ରମେ ତାହା ବୃକ୍‌କରେ ଜମିରହି କର୍କଟର ଆଶଙ୍କା ବଢ଼ାଇଥାଏ। ବିଶେଷ କରି ପ୍ରତ୍ୟହ କ୍ଲୋରିନ୍ ଦ୍ୱାରା ପରିଷ୍କୃତ ଜଳ ପିଉଥିବା ସହରବାସୀ ଏଭଳି ଗୋପନ ଶତ୍ରୁର ଶିକାର ହୋଇଥା'ନ୍ତି। ଏଥି ସହିତ ଗ୍ରାମାଞ୍ଚଳରେ ଯୋଗାଯାଉଥିବା ଜଳର ବିଶୁଦ୍ଧତା ନିୟମିତ ଯାଞ୍ଚ ହେଉନଥିବାରୁ ଜଳରେ କ୍ଲୋରିନ୍ ସ୍ତର ଅନିୟନ୍ତ୍ରିତ ରହିଥାଏ। ସୁତରାଂ ସେହି ଜଳ ପାନ କରୁଥିବା ଗ୍ରାମାଞ୍ଚଳବାସୀ ମଧ୍ୟ ଏହାର ଶିକାର ହୋଇଥା'ନ୍ତି। ଟିଏଚ୍ଏମ୍‌ଗୁଡ଼ିକ ଶରୀର ଗଠନ ପ୍ରକ୍ରିୟାର ପ୍ରତିରୋଧୀ ହୋଇଥିବାରୁ ଗର୍ଭବତୀ ମହିଳା ଓ ଶିଶୁଙ୍କଠାରେ ଏଥି ଜନିତ କର୍କଟର ବେଶୀ ଆଶଙ୍କା ରହିଛି। ଏଭଳି ଆଶଙ୍କାକୁ ଦୂରେଇବା ଲାଗି କ୍ଲୋରିନ୍ ପରି ସଂକ୍ରାମକବିରୋଧୀ ବିଶୁଦ୍ଧକାରୀ ରସାୟନ ବ୍ୟବହାରକୁ ତ ସଂପୂର୍ଣ୍ଣ ବନ୍ଦ କରିହେବନାହିଁ। ତେଣୁ ଏହି ସମସ୍ୟାର ସମାଧାନ ସ୍ୱରୂପ, ଜଳ ବିଶୋଧନରେ ଅଙ୍ଗାର ପରିସ୍ରାବକ ବ୍ୟବହାର କଲେ ତାହା ଜଳରୁ କ୍ଲୋରିନ୍ ଓ ତାହାର ଅନ୍ୟାନ୍ୟ ଉତ୍ପାଦଗୁଡ଼ିକୁ ଛାଣି ପାରିବ। ଏଥି ସହିତ ପିଇବା ପାଣିକୁ ଏକ ଖୋଲା ପାତ୍ରରେ କିଛି ସମୟ ରଖିଲେ ସେଥିରୁ କିଛି ପରିମାଣରେ କ୍ଲୋରିନ୍ ବାଷ୍ପୀଭୂତ ହୋଇ ଉଡ଼ିଯାଇଥାଏ। ପିଇବା ପୂର୍ବରୁ ପାଣିକୁ ଫୁଟାଇ ପିଇବା ମଧ୍ୟ ଶ୍ରେୟସ୍କର। ଯଦିଓ ତାହା ଦ୍ୱାରା ଟିଏଚ୍ଏମ୍‌ଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ ହୁଏ ନାହିଁ, ତେବେ ତାହାର ପରିମାଣ ଯଥେଷ୍ଟ କମିଯାଏ। ଏଥି ସହିତ ଅତିବାଇଗଣୀ ପରିସ୍ରବଣ (ୟୁଭି ଫିଲଟ୍ରେସନ୍) ଓ ବିପରୀତ ପରିସରଣ (ଆର୍ଓ) ପରି ବିକଳ୍ପ ଜଳ ବିଶୋଧନ ପ୍ରଣାଳୀ ଆପଣେଇବା ଉଚିତ, ଯହିଁରେ କୌଣସି ବିଷାକ୍ତ ଉତ୍ପାଦ ବାହାରକୁ ବାହାରିନଥାଏ।

## କେଉଁଟି ଅଧିକ ସ୍ୱାସ୍ଥ୍ୟକର





| ମଇଦା ପାଉଁରୁଟି (୧୦୦ ଗ୍ରାମ) | ପୋଷକ ତତ୍ତ୍ୱ | ଅଟା ପାଉଁରୁଟି (୧୦୦ ଗ୍ରାମ) |
|---|---|---|
| ୨୬୬ କିଲୋକ୍ୟାଲୋରି | କ୍ୟାଲୋରି | ୨୫୨ କିଲୋକ୍ୟାଲୋରି |
| ୮.୯ଗ୍ରାମ | ପୁଷ୍ଟିସାର | ୧୨.୫ଗ୍ରାମ |
| ୨.୭ ଗ୍ରାମ | ଫାଇବର୍ | ୬.୦ ଗ୍ରାମ |
| ୪୯.୪ ଗ୍ରାମ | ଶ୍ୱେତସାର | ୪୨.୭ଗ୍ରାମ |
| ୩.୩ ଗ୍ରାମ | ସ୍ନେହସାର | ୩.୫ ଗ୍ରାମ |
| ୧୦୦% | ମଇଦା | ୬୮% |
| ୦% | ଅଟା | ୩୨% |

ଅଟା ତିଆରି ପାଉଁରୁଟି ବେଶ୍ ସ୍ୱାସ୍ଥ୍ୟକର ବୋଲି ଆମର ଧାରଣା ରହିଛି। ଏଣୁ ମଇଦା ତିଆରି ସୁଆଦିଆ ପାଉଁରୁଟି ଛାଡ଼ି ଅନେକ ଅଟା ପାଉଁରୁଟିକୁ ଆପଣାଉଛନ୍ତି। କିନ୍ତୁ ଆମେ ଯେତିକି ଭାବୁ, ଅଟା ପ୍ରସ୍ତୁତ ପାଉଁରୁଟି ସେତିକି ସ୍ୱାସ୍ଥ୍ୟକର ନୁହେଁ। କାରଣ ମଇଦା ପାଉଁରୁଟି ୧୦୦% ମଇଦାରେ ପ୍ରସ୍ତୁତ ହେଉଥିବା ବେଳେ ଅଟା ପାଉଁରୁଟିରେ ୩୨% ଅଟା ରହିଥିବା ବେଳେ ୬୮% ମଇଦା ରହୁଛି। ଫଳରେ ଉଭୟ ପାଉଁରୁଟି ଖାଇବା ଦ୍ୱାରା ଶରୀରକୁ ପାଖାପାଖି ସମାନ ପରିମାଣର କ୍ୟାଲୋରି ମିଳିଥାଏ। ତେବେ ମଇଦା ପାଉଁରୁଟିରେ ତନ୍ତୁଜାତୀୟ ତତ୍ତ୍ୱ ଖୁବ୍ କମ୍ ରହିଥିବା ବେଳେ ଅଟା ପାଉଁରୁଟିରେ ଏହା ଅଳ୍ପ ପରିମାଣରେ ଥାଏ। ତେଣୁ ମଇଦା ପାଉଁରୁଟିଠାରୁ ଅଟା ପାଉଁରୁଟିକୁ ସାମାନ୍ୟ ସ୍ୱାସ୍ଥ୍ୟକର ବୋଲି କହିହେବ।



# ୧୩ ବର୍ଷ ହେଲା ଛୁଇଁନାହାନ୍ତି ନୁଡଲ୍‌ସ କି ବିସ୍କୁଟ!

ସୁସ୍ଥ ଶରୀର ଉପରେ ଅଭିନେତ୍ରୀ ନିକିତା ଦତ୍ତ ସର୍ବଦା ପ୍ରାଧାନ୍ୟ ଦେଇ ଆସିଛନ୍ତି। ଦଶ ବର୍ଷ ହେଲା ବିଭିନ୍ନ ମାରାଥନରେ ନିଜକୁ ସାମିଲ କରି ନିକିତା ପ୍ରମାଣ କରିଛନ୍ତି ଯେ ସ୍ୱାସ୍ଥ୍ୟ ନେଇ ଉଚ୍ଚାରଣ ଅପେକ୍ଷା ଆଚରଣକୁ ସେ ବେଶୀ ଗୁରୁତ୍ୱ ଦିଅନ୍ତି। ଫିଟ୍‌ନେସ୍ ପ୍ରତି ତାଙ୍କର ଆଗ୍ରହକୁ ସେ ପ୍ରାୟତଃ ସାମାଜିକ ଗଣମାଧ୍ୟମରେ ନିଜ ଅନୁଗାମୀମାନଙ୍କୁ ତାଙ୍କର ବ୍ୟାୟାମ ଓ ସୁସ୍ଥ ଅଭ୍ୟାସ ବାବଦରେ ଅବଗତ କରାଇଥା'ନ୍ତି ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିକିତା ସୁସ୍ଥ ଜୀବନଶୈଳୀ ପ୍ରତି ତାଙ୍କ ପ୍ରତିବଦ୍ଧତା ସମ୍ପର୍କରେ ବଖାଣିଥିଲେ। ତାଙ୍କର ନିୟମିତ ଖାଦ୍ୟ ବିଷୟରେ ପଚରାଯିବାରୁ ସେ ତତ୍କାଳ ପ୍ରସ୍ତୁତ ହେଉଥିବା ନୁଡଲ୍‌ସ ଓ ସଂରକ୍ଷିତ ଖାଦ୍ୟ ଆଦୌ ଗ୍ରହଣ କରନ୍ତି ନାହିଁ ବୋଲି କହିଥିଲେ। ୧୩ ବର୍ଷ ହେଲା ସେ କୌଣସି ପ୍ରକାର ନୁଡଲ୍‌ସ ତ ଛୁଇଁନାହାନ୍ତି, ଏଥି ସହିତ ଖଣ୍ଡେ ବିସ୍କୁଟ ମଧ୍ୟ ଖାଇନଥିବା ପ୍ରକାଶ କରିଛନ୍ତି। ସେହିପରି କୌଣସି ପ୍ରକାର ମୁଖରୋଚକ ଶୁଷ୍କ ଖାଦ୍ୟ ମଧ୍ୟ ଖାଇବାକୁ ସେ ପସନ୍ଦ କରନ୍ତିନି। ପ୍ୟାକେଟ୍ ଖାଦ୍ୟଗୁଡ଼ିକ ଯେତେ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ବୋଲି ଦାବି କରାଯାଉଥିଲେ ବି ସେଥିରେ କିଛି ନା କିଛି ପ୍ରିଜରଭେଟିଭ୍ ମିଶିଥିବ, ଯାହା ସ୍ୱାସ୍ଥ୍ୟ ପକ୍ଷେ ଅହିତକର ବୋଲି ତାଙ୍କ ଧାରଣା। ତେଣୁ ପ୍ୟାକେଟ୍ ସାମଗ୍ରୀ ତାଙ୍କ ଖାଦ୍ୟର ଅଂଶବିଶେଷ ନୁହେଁ ବୋଲି ସେ କହିଛନ୍ତି। ତାଙ୍କର ଏଭଳି ବିବୃତି କେବଳ ଫିଟ୍‌ନେସ୍ ପ୍ରତି ତାଙ୍କର ସମର୍ପିତ ଭାବକୁ ପ୍ରଦର୍ଶନ କରୁନାହିଁ, ବରଂ ତାହା ତାଙ୍କ ପ୍ରଶଂସକମାନଙ୍କ ପାଇଁ ପ୍ରେରଣା ଯୋଗାଉଛି। ହାତ ପାଆନ୍ତାରେ ସବୁ ପ୍ରକାର ଖାଦ୍ୟ ମିଳୁଥିବା ଯୁଗରେ ସ୍ୱାସ୍ଥ୍ୟ ପ୍ରତି ତାଙ୍କର ଦୃଷ୍ଟିକୋଣ ଏକ ସତେଜ ପରିବର୍ତ୍ତନ। ଶସ୍ୟଯୁକ୍ତ ଖାଦ୍ୟ ଓ ନିୟମିତ ବ୍ୟାୟାମକୁ ପ୍ରାଥମିକତା ଦେଇ ସେ ପ୍ରମାଣ କରିଛନ୍ତି ଯେ ସଠିକ୍ ମାନସିକତା ଓ ସମର୍ପଣ ବଳରେ ସୁସ୍ଥ ଜୀବନ ଜିଇବା ସମ୍ଭବ।



# ସୁଗନ୍ଧିତ ମହମବତି କେତେ ନିରାପଦ?



ଅନେକ ଲୋକ ଦୀର୍ଘ କ୍ଳାନ୍ତିକର ଦିନ ଶେଷରେ ପ୍ରିୟ ସୁଗନ୍ଧିତ ମହମବତି ଜଳାଇ ଏକ ଶାନ୍ତ ମନମୁଗ୍ଧକର ପରିବେଶର ମଜା ନିଅନ୍ତି। ମାତ୍ର ସେହି ମହମବତି ଧୂଆଁ ଇନ୍ଦ୍ରିୟକୁ ଶାନ୍ତ କରିବା ସଙ୍ଗେ ସଙ୍ଗେ ମସ୍ତିଷ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା କଥା ଆମକୁ ଅଜଣା। 'ନେଚର କମ୍ୟୁନିକେସନ୍‌ସ' ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରେ ଏ ନେଇ ଏକ ଚକିତ କଲା ଭଳି କଥା ଲୋକଲୋଚନକୁ ଆସିଛି। ବର୍ମିଂହାମ୍ ବିଶ୍ୱବିଦ୍ୟାଳୟର ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ତଥା ଗବେଷକ ଖ୍ରୀଷ୍ଟିଆନ୍ ପ୍ରାଗଙ୍କ କହିବା ଅନୁସାରେ, ସୁଗନ୍ଧିତ ମହମବତି ଏକ ଆରାମଦାୟକ ପରିବେଶ ସୃଷ୍ଟି କରୁଥିବା ବେଳେ ଏହା ଫର୍ମାଲ୍‌ଡିହାଇଡ୍ ପରି କ୍ଷତିକାରକ ବାଷ୍ପ ନିର୍ଗମନ କରି ଘର ଭିତରର ବାୟୁକୁ ପ୍ରଦୂଷିତ କରିଥାଏ। ସେହି ଧୂଆଁ ଶେଷରେ ମସ୍ତିଷ୍କରେ ପ୍ରଦାହ ସୃଷ୍ଟି କରି ମାନସିକ ଦକ୍ଷତାକୁ ପ୍ରଭାବିତ କରିଥାଏ। ଏଥି ସହିତ ତାହା ଚର୍ମକୁ ଉତ୍ତେଜିତ କରିବା ସହ ଗଳା, ଆଖି ଓ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ମହମବତିରେ ମିଶିଥିବା ରାସାୟନିକ ସୁଗନ୍ଧକ ଜଳିବା ଦ୍ୱାରା ବେଞ୍ଜିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ନିର୍ଗତ ହୋଇଥାଏ। ଉଭୟ ଯୌଗିକର କର୍କଟ ସୃଷ୍ଟିକାରୀ ଗୁଣ ରହିଛି। ଏହି ଅଧ୍ୟୟନରେ ୨୬ ଜଣ ବୟସ୍କ ବ୍ୟକ୍ତି ସାମିଲ ହୋଇଥିଲେ ଯେଉଁମାନେ ଘଣ୍ଟାକ ପାଇଁ ମହମବତି ଦହନ ଜନିତ ପ୍ରଦୂଷିତ ବାୟୁ କିମ୍ବା ସଫା ବାୟୁ ସଂସ୍ପର୍ଶରେ ଆସିଥିଲେ। ପରେ ସେମାନଙ୍କ ମାନସିକ ଦକ୍ଷତାର ପରୀକ୍ଷା କରାଯାଇଥିଲା। ମହମବତି ବାୟୁ ଭିତରେ ଥିବା ବ୍ୟକ୍ତିମାନଙ୍କର କାର୍ଯ୍ୟରେ ଧ୍ୟାନ ଦେବା ଏବଂ ଭାବନାକୁ ସଠିକ୍ ଭାବରେ ଚିହ୍ନିବାର କ୍ଷମତାରେ ଉଲ୍ଲେଖନୀୟ ହ୍ରାସ ଦେଖାଯାଇଥିଲା। ଅତଏବ ମହମବତି ଧୂଆଁ ପରି ପ୍ରଦୂଷକ ସହିତ ଦୀର୍ଘ ସମୟ ସଂସ୍ପର୍ଶରେ ଆସିଲେ ଦୀର୍ଘକାଳୀନ ଜ୍ଞାନାତ୍ମକ ସମସ୍ୟା ସୃଷ୍ଟି ହୋଇପାରେ। ସୁତରାଂ ଘର ଭିତରେ ସୁଗନ୍ଧିତ ମହମବତି ଜଳାଇବା ବେଳେ ଉପଯୁକ୍ତ ବାୟୁ ଚଳାଚଳ ସୁନିଶ୍ଚିତ କରିବା ଉପରେ ଗବେଷକମାନେ ଗୁରୁତ୍ୱାରୋପ କରିଛନ୍ତି। ଏଥି ସହିତ ଖୁବ୍ କମ୍ ମହମବତି ଜାଳିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



# ପ୍ରଜନନ ସ୍ୱାସ୍ଥ୍ୟରେ ଅନ୍ତରାୟ କି ଗର୍ଭନିରୋଧକ ବଟିକା?

**ଜରୁରୀକାଳୀନ ଗର୍ଭନିରୋଧକ ବଟିକା ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ତଥା ବିପଜ୍ଜନକ ପ୍ରଭାବ ପକାଏ ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଛି। ହେଲେ ଏହାର ନିୟମିତ ବ୍ୟବହାର ବନ୍ଧ୍ୟାତ୍ୱର କାରଣ ହୁଏ ଓ କର୍କଟ ଆଶଙ୍କା ବଢ଼ାଏ ବୋଲି ରହିଥିବା ଭ୍ରାନ୍ତ ଧାରଣା ସଂପୂର୍ଣ୍ଣ ଅମୂଳକ।**

ଅସୁରକ୍ଷିତ ଯୌନ ସମ୍ପର୍କ କିମ୍ବା ଗର୍ଭନିରୋଧକର ଅକସ୍ମାତ୍ ବିଫଳତା ପରେ ଅନିଚ୍ଛାକୃତ ଗର୍ଭଧାରଣକୁ ରୋକିବା ପାଇଁ 'ମର୍ନିଂ ଆଫ୍ଟର ପିଲ୍' ହେଉଛି ଏକ ପ୍ରକାର ଜରୁରୀକାଳୀନ ଗର୍ଭନିରୋଧକ ବଟିକା, ଏବେ ଯାହାର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। ଗର୍ଭଧାରଣ ବିରୋଧରେ ମହିଳାଙ୍କ ପାଇଁ ଏହା ଏକ ପ୍ରକାର ସୁରକ୍ଷା ଢାଲ ସଦୃଶ। ତେବେ ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଏହାର ଅନେକ ନକାରାତ୍ମକ ତଥା ବିପଜ୍ଜନକ ପ୍ରଭାବ ପଡ଼େ ବୋଲି ଏବେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଛି, ଯାହା ସତ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁଯାୟୀ, ଜରୁରୀକାଳୀନ ଗର୍ଭନିରୋଧକ ବଟିକା (ଏମର୍ଜେନ୍ସି କଣ୍ଟ୍ରାସେପ୍ଟିଭ୍ ପିଲ୍‌ସ ବା 'ଇସିପି) ଗୁଡ଼ିକ କେବଳ ଯୌନ ସମ୍ପର୍କର ପ୍ରଥମ କିଛି ଦିନ ଭିତରେ ଏବଂ ଡିମ୍ବାଶୟରୁ ଡିମ୍ବାଣୁ ମୁକ୍ତ ହେବା ପୂର୍ବରୁ ଓ ଡିମ୍ବାଣୁକୁ ଶୁକ୍ରାଣୁ 'ଫର୍ଟିଲାଇଜ୍' କରିବା ପୂର୍ବରୁ ହିଁ କାମ କରିଥାଏ। ଏହି ବଟିକା ମୁଖ୍ୟତଃ ଡିମ୍ବାଣୁ ଉତ୍ପାଦନକୁ ବିଳମ୍ବିତ କରି କିମ୍ବା ବାଧା ଦେଇ ଗର୍ଭଧାରଣକୁ ରୋକିଥାଏ। ମାତ୍ର ଡିମ୍ବାଣୁ ସହିତ ଶୁକ୍ରାଣୁ ଥରେ ପ୍ରତିରୋପିତ ହୋଇସାରିଥିଲେ ଏହା ପ୍ରଭାବୀ ହୋଇନଥାଏ। ସେହିପରି ଏହି ବଟିକା ବିକାଶଶୀଳ ଭ୍ରୂଣର କ୍ଷତି କରେ ନାହିଁ। ସୁତରାଂ ଏହାଦ୍ୱାରା ଗର୍ଭପାତ ହୋଇପାରିବ ନାହିଁ। ଅସୁରକ୍ଷିତ ଯୌନ ସମ୍ପର୍କ ପରେ ତୁରନ୍ତ 'ଇସିପି' ଗ୍ରହଣ କଲେ ତାହା ପ୍ରାୟ ୮୫% ଗର୍ଭଧାରଣକୁ ରୋକିପାରିବ। ତାହାକୁ ଯେତେ ଶୀଘ୍ର ଗ୍ରହଣ କରାଯିବ, ତାହା ସେତେ ଅଧିକ ପ୍ରଭାବଶାଳୀ ହୋଇଥାଏ। ଏହି ଔଷଧର ନିୟମିତ ବ୍ୟବହାର ବନ୍ଧ୍ୟାତ୍ୱର କାରଣ ହୁଏ ଓ କର୍କଟ ଆଶଙ୍କା ବଢ଼ାଏ ବୋଲି ରହିଥିବା ଭ୍ରାନ୍ତ ଧାରଣାଗୁଡ଼ିକ ସଂପୂର୍ଣ୍ଣ ଅମୂଳକ। ଏହି ବଟିକା ଗ୍ରହଣ କରିବା ସଂପୂର୍ଣ୍ଣ ସୁରକ୍ଷିତ, ଏହାର ବ୍ୟବହାର ସହିତ କୌଣସି ମୃତ୍ୟୁ ବା ଗମ୍ଭୀର ଜଟିଳତା ଜଡ଼ିତ ନୁହେଁ। ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ମାସିକ ଋତୁସ୍ରାବର ଦିବସରେ ପରିବର୍ତ୍ତନ ଦେଖାଦେଇଥାଏ। କିଛି ବ୍ୟବହାରକାରୀ ବାନ୍ତି, ଥକାପଣ, ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା କିମ୍ବା ସ୍ତନ କୋମଳତା ପରି ମୃଦୁ ତଥା କ୍ଷଣସ୍ଥାୟୀ ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରିପାରନ୍ତି। ଏହାକୁ ବାରମ୍ବାର ବ୍ୟବହାର କଲେ ଋତୁସ୍ରାବରେ ଅନିୟମିତତା ପରି ପାର୍ଶ୍ୱ ପ୍ରତିକ୍ରିୟା ବୃଦ୍ଧି ପାଇପାରେ। 'ଇସିପି' ବଟିକା ଏକ ନିରାପଦ ତଥା ପ୍ରଭାବୀ ଜରୁରୀକାଳୀନ ଗର୍ଭନିରୋଧକ ଔଷଧ ଭାବେ ଅନିଚ୍ଛାକୃତ ଗର୍ଭଧାରଣକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ, ତେବେ ମନେ ରଖିବା ଉଚିତ ଯେ ଏହା ନିୟମିତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ। ଅନିଚ୍ଛାକୃତ ଗର୍ଭଧାରଣକୁ ରୋକିବା ଲାଗି ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଗର୍ଭନିରୋଧର ବିକଳ୍ପ ଉପାୟ ଆପଣେଇବା ଉଚିତ।



# ବେଆଇନ ବାଲିଘାଟରେ ପୁଲିସର ଅତର୍କିତ ଚଢ଼ାଉ

**ମୟୂରଭଞ୍ଜ,୭।୧୦(ସଂଚାର ବ୍ୟୁରୋ):** ବଡ଼ସାହିରେ ପୁଲିସର ଅତର୍କିତ ଚଢ଼ାଉରେ ଛାନିଆ ହେଲେ ଚୋରା ବାଲି ମାଫିଆ। ବଡ଼ସାହି ଥାନା ଅଞ୍ଚଳରେ ଚୋରା ବାଲି କାରବାର ଉପରେ ପୁଲିସର ବଡ଼ ଆକ୍ସନ। ପାଇକପଡ଼ା ବେଆଇନ ବାଲିଘାଟରେ ଚଢ଼ାଉକରି ୫ ଟ୍ରାକ୍ଟର ସହ ୫ ଡ୍ରାଇଭରଙ୍କୁ ଅଟକ ରଖିଛି ପୁଲିସ। ବୁଧବାର ସକାଳୁ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ଅଭିଯୋଗରେ ପାଇକପଡ଼ା ବାଲିଘାଟରେ ଅତର୍କିତ ଚଢ଼ାଉ କରିଛି ବଡ଼ସାହି ପୁଲିସ। ଚଢ଼ାଉ ବେଳେ ବାଲି ବୋଝେଇ ପାଇଁ ନିୟୋଜିତ ୫ଟି ଟ୍ରାକ୍ଟର ସହ ୫ ଜଣ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ତେବେ ଗତ କିଛିଦିନ ଧରି ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣକୁ ନେଇ ବାରମ୍ବାର ଅଭିଯୋଗ ହୋଉଛି । ଏହାରି ମଧ୍ୟରେ ପାଇକପଡ଼ା ବେଆଇନ ବାଲିଘାଟରେ ବଡ଼ସାହି ପୁଲିସର ଅତର୍କିତ ଚଢ଼ାଉ ଚୋରା ବାଲି ମାଫିଆଙ୍କ ମଧ୍ୟରେ ଛନକା ପକାଇଛି। ସେପଟେ ଗତକାଲି କୁଳିଆଣା ବାଲିଘାଟରେ ଖଣି ବିଭାଗର ଚଢ଼ାଉ ସମୟରେ ୩ଟି ଟ୍ରାକ୍ଟରକୁ ବାଲି ମାଫିଆମାନେ ଜୋରଜବରଦସ୍ତ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଏନେଇ ଖଣି ବିଭାଗର କର୍ମଚାରୀ ଶିବାନ ମୁଣ୍ଡାରୀ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ସରକାରଙ୍କ ରାଜସ୍ୱ ହାନି ହେଉଥିବା ବେଳେ ଏହି କାରବାର ଉପରେ ରୋକ୍ ଲଗାଇବା ନେଇ ପ୍ରଶାସନର ପଦକ୍ଷେପକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ବଡ଼ସାହି ଥାନା ଅଞ୍ଚଳରେ ଚୋରା ବାଲି କାରବାର ବିରୋଧରେ ପୁଲିସର ଏହି ଚଢ଼ାଉ ପରେ ଆଗକୁ ଆହୁରି କାର୍ଯ୍ୟାନୁଷ୍ଠାନ ହେବ କି, ତାହା ଉପରେ ନଜର।



# କୁକୁଡ଼ା ଫାର୍ମ ତଦନ୍ତ ପାଇଁ ଆସିଥିବା ଟିମ୍‌କୁ ଘେରିଲେ ଗ୍ରାମବାସୀ

## ତଦନ୍ତ ବେଳେ ସାମ୍ବାଦିକ ଓ ଗ୍ରାମବାସୀଙ୍କୁ ବାରଣ ନେଇ ଅସନ୍ତୋଷ

**ଘଷିପୁରା,୭।୧୦(ସଂଚାର ବ୍ୟୁରୋ):** ଗୋପାଳପୁର ଗ୍ରାମରେ କୁକୁଡ଼ା ଫାର୍ମକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ଅଭିଯୋଗର ତଦନ୍ତ ସମୟରେ ଉତ୍ତେଜନା ସୃଷ୍ଟି ହୋଇଛି। ତଦନ୍ତ ପାଇଁ ଆସିଥିବା ଅଧିକାରୀମାନଙ୍କୁ ଗ୍ରାମବାସୀ ଘେରି ପ୍ରଶ୍ନ କରିବା ସହ ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ପରେ ପୋଲିସ ଉପସ୍ଥିତିରେ ପରିସ୍ଥିତି ଶାନ୍ତ ହେବା ପରେ ତଦନ୍ତ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଗୋପାଳପୁର ଗ୍ରାମଠାରୁ ମାତ୍ର ପ୍ରାୟ ୧୦୦ ମିଟର ଦୂରରେ ଏକ କୁକୁଡ଼ା ଫାର୍ମ ରହିଛି। ଫାର୍ମରୁ ବାହାରୁଥିବା ଦୁର୍ଗନ୍ଧ ଯୋଗୁଁ ଗ୍ରାମବାସୀ ଅତିଷ୍ଠ ହେଉଥିବା ଅଭିଯୋଗ କରିଆସୁଛନ୍ତି। ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରିଥିବା ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଗ୍ରାମବାସୀଙ୍କ ଅଭିଯୋଗ। ଏହାକୁ ନେଇ ଗତ ସେପ୍ଟେମ୍ବର ୧୮ ତାରିଖରେ ଗ୍ରାମବାସୀ ଏକତ୍ରିତ ହୋଇ କୁକୁଡ଼ା ଫାର୍ମ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏହି ଖବର ସଂଚାର ରେ ପ୍ରକାଶିତ ପରେ ଆଜି କେନ୍ଦୁଝର ଜିଲ୍ଲା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀଙ୍କ ସମେତ ଏକ ଟିମ୍ ଗୋପାଳପୁର ଗ୍ରାମରେ ପହଞ୍ଚି ଫାର୍ମର ତଦନ୍ତ କରିଥିଲେ। ତେବେ ତଦନ୍ତକୁ ନେଇ ଆରମ୍ଭରୁ ହିଁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଧିକାରୀମାନେ ତଦନ୍ତ ପାଇଁ ଆସିବା ସମ୍ପର୍କରେ ଗ୍ରାମବାସୀ ଓ ଫାର୍ମ ମାଲିକଙ୍କୁ ପୂର୍ବରୁ ଅବଗତ କରାଯାଇଥିବା କୁହାଯାଉଥିଲେ ମଧ୍ୟ ତଦନ୍ତ ସମୟରେ ଗ୍ରାମବାସୀଙ୍କୁ ଫାର୍ମ ଭିତରକୁ ସାଥିରେ ନିଆଯାଇନଥିବା ଅଭିଯୋଗ ହୋଇଛି। ସେହିପରି ଘଟଣାର ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକମାନେ ଫାର୍ମ ଭିତରକୁ ପ୍ରବେଶ କରିବାକୁ ଚାହିଁଥିବାବେଳେ ସେମାନଙ୍କୁ ମଧ୍ୟ ପ୍ରବେଶରୁ ବାରଣ କରାଯାଇଥିବା ଅଭିଯୋଗ ଆସିଛି। ଏପରିକି ସମ୍ପୃକ୍ତ ବିଭାଗର ତଳସ୍ତରୀୟ ଅଧିକାରୀଙ୍କୁ ମଧ୍ୟ ତଦନ୍ତ ସମୟରେ ସାଥିରେ ନିଆଯାଇନଥିବା ନେଇ ପ୍ରଶ୍ନ ଉଠିଛି।



# ବ୍ଲକରେ ସେବାସେତୁ କାର୍ଯ୍ୟକ୍ରମ



**ବାଲିଆପାଳ,୭।୧୦(ସଂଚାର ବ୍ୟୁରୋ):** ଭାରତର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ୍ମଦିନ ଅବସରରେ ୧୭ ସେପ୍ଟେମ୍ବର ଠାରୁ ଆରମ୍ଭ ହୋଇଛି ସେବା ସଂକଳ୍ପ ଅଭିଯାନ। ଏହି ଅଭିଯାନ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ସେବା, ସୁଶାସନ, ଜନ ଭାଗିଦାରୀ ଓ ରାଷ୍ଟ୍ର ନିର୍ମାଣର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବା। ଏହି ଅବସରରେ ଆଜି ବାଲିଆପାଳ ବ୍ଲକରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାରେ ଲୋକ ମାନଙ୍କୁ ସିଧା ସଳଖ ଭାବରେ ଯୋଡ଼ିବାର ଏ ଏକ ନୂଆ ପ୍ରୟାସ କରାଯାଇଛି।ଏହି ସମ୍ପର୍କରେ ସେତୁ ମାଧ୍ୟମରେ ଆସିଥିବା ଏକାଧିକ ଅଭିଯୋଗକୁ ବ୍ଲକ ପ୍ରଶାସନ ତତକ୍ଷଣାତ୍ ସମାଧାନ କରାଇ ହିତାଧିକାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଇଥିଲା। ଏହି ଅବସରରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଟ୍ରାଏ ସାଇକେଲ, ରେଶନକାର୍ଡ, ମୌଜାଭାଗ କାର୍ଯ୍ୟାଦେଶ, ବୟସନ୍ଦନ ଆୟୋଷ୍ମାନ କାର୍ଡ, ଭତ୍ତା କାର୍ଡ ଆଦି ବଣ୍ଟନ କରିଥିଲେ।ଏହି ଅବସରରେ ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବାଲିଆପାଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ର କାନ୍ତ ଭଲୋକ, ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ ପ୍ରମୁଖ ଯୋଗ ଦେଇ ସେବା ସେତୁ ଅଭିଯାନ ସଂପର୍କର ଆଭିମୁଖ୍ୟ ବକ୍ତବ୍ୟ ମାଧ୍ୟମରେ ପ୍ରଦାନ କରିଥିଲେ।

# ସେବା ସଂକଳ୍ପ ଅଭିଯାନ ଅବସରରେ ସେବା ଜ୍ୟୋତି ଯାତ୍ରା

**ସୁବର୍ଣ୍ଣପୁର,୭।୧୦(ସଂଚାର ବ୍ୟୁରୋ):** ବିକଶିତ ଭାରତ ଗଠନର ଲକ୍ଷ୍ୟ ଏବଂ ମାନବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ଜନସେବାର ସେବା ଯାତ୍ରା ପୂର୍ତ୍ତି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ସେବା ଜ୍ୟୋତି ଯାତ୍ରା ଓ ସେବା ସଂକଳ୍ପ ଅଭିଯାନ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ରାମେଶ୍ୱର ଷ୍ଟାଡ଼ିୟମଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବା ସହ ସହରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ୩୦ ଦିନ ଧରି ଆୟୋଜିତ ହେଉଥିବା ସେବା ସଂକଳ୍ପ ଅଭିଯାନ ୨୦୨୬ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା, ନିଷ୍ପତ୍ତି ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ସେଗୁଡ଼ିକର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବା।



ସୁବର୍ଣ୍ଣପୁର ସହରସ୍ଥିତ ରାମେଶ୍ୱର ଷ୍ଟାଡ଼ିୟମଠାରେ ଆୟୋଜିତ ବିଶାଳ ସମାବେଶରେ ମାନବର ପ୍ରଧାନମନ୍ତ୍ରୀଙ୍କ ଭିଡିଓ କନଫରେନ୍ସ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରି ସେବା ସଂକଳ୍ପ ଓ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟ ସମ୍ପର୍କରେ ପ୍ରେରଣା ଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସମସ୍ତଙ୍କ ଭାଗିଦାରିତାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ ରାମେଶ୍ୱର ଷ୍ଟାଡ଼ିୟମଠାରୁ ଏକ ଜନସଚେତନତା ରାଲି ବାହାରି ସୁରେଶ୍ୱରୀ ମନ୍ଦିର ରୋଡ୍ ଦେଇ ନଳିନୀ ଛକ ଏବଂ ସେଠାରୁ ଆଟ୍ରିଓ ଛକ ପର୍ଯ୍ୟନ୍ତ ଯାଇଥିଲା। ଆଟ୍ରିଓ ଛକଠାରେ ସେବାର ପ୍ରତୀକ ଭାବେ ମଶାଲ ଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଆଟ୍ରିଓ ଛକକୁ 'ସେବା ଜ୍ୟୋତି ଛକ' ଭାବେ ନାମକରଣ କରାଯାଇଥିଲା। ଏହି ଅବସରରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର ରଘୁନାଥ ଜଗଦଲା କହିଥିଲେ ଯେ, ସରକାରଙ୍କ ପ୍ରତ୍ୟେକ ନିଷ୍ପତ୍ତିକୁ ଜନକେନ୍ଦ୍ରିକ କରିବା ଏବଂ ସରକାରଙ୍କ ଯୋଜନା ଓ ସେବାର ସୁଫଳ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

# ବ୍ୟାପକ ଦେଶୀ ବିଦେଶୀ ମଦ ଜବତ

**ବୈଶିଙ୍ଗା,୭।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଞ୍ଚଳରେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଦେଶୀ ଓ ବିଦେଶୀ ଚୋରା ମଦ ବିକ୍ରୀ ହେଉ ଥିବା ସହିତ ବହୁତ ବିଷାକ୍ତ ଭେଜାଲ ମଦ ମଧ୍ୟ ବିକ୍ରୀ ହେବା ଯୋଗୁଁ ଅକାଳ ମୃତ୍ୟୁ ଘଟୁଛି। ଥାନାରେ ନୂଆ ଆଇ ଆଇ ସି ବାବା ଶଙ୍କର ସରାଫ୍ ଦାୟିତ୍ୱ ନେବା ପରେ ବିଭିନ୍ନ ସ୍ଥାନରେ ବ୍ୟାପକ ମଦ ଚଢାଉ ଜାରି ରଖିଛନ୍ତି। ଏହି ପ୍ରକ୍ରିୟାରେ ଆଜି ବୁଧବାର ଡାହିବାଡି ସାପ୍ତାହିକ ହାଟରୁ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଛଅ ଜଣଙ୍କୁ ସନ୍ଧ୍ୟା ସମୟରେ ଉଠାଇ ଆଣିଥିଲେ। ଠିକ୍ ସେହିପରି ପଣସିଆ ଛକରେ ଚୋରା ବିଦେଶୀ ମଦ ବିକ୍ରୀ କରିଥିବା ଅଭିଯୋଗରେ ରାମଚନ୍ଦ୍ର ବେହେରାଙ୍କ ପୁଅ ମନ୍ମଥକୁ ଗିରଫ କରି ଥାନାକୁ ଆଣିଥିବା ଜଣାଯାଇଛି। ତାଠାରୁ ବିଭିନ୍ନ ନାମୀ ଦାମୀ କମ୍ପାନୀର ହେବୁଲ ଥିବା ବିଦେଶୀ ମଦ ଜବତ କରାଯାଇଛି।



# ବିଦ୍ୟାଳୟରୁ ତାଲା ଭାଙ୍ଗି ୩୫ହଜାର ଲୁଟ

**ବାଲିପାଟଣା,୭।୧୦(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପୁବାଗଡ଼ ରେ ଗତକାଲି ବିଳମ୍ବିତ ରାତିରେ ଚୋରି ଘଟଣା ଘଟିଛି। ଦୁର୍ବୃତ୍ତମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟର ତାଲା ଭାଙ୍ଗି ପ୍ରାୟ ୩୫ ହଜାର ଟଙ୍କା ଲୁଟି ନେଇଥିବା ବେଳେ ପାଣି ମୋଟର ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୧ଟା ସମୟରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ହାତରେ ହାତୁଡ଼ି ଧରି ବିଦ୍ୟାଳୟ ପରିସର ମଧ୍ୟକୁ ପ୍ରବେଶ କରୁଥିବା ଦୃଶ୍ୟ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବାଲିପାଟଣା ଥାନାରେ ଏତଲା ଦିଆଯାଇଛି। ପୁଲିସ ଘଟଣା ର ଅଧିକ ତଦନ୍ତ କରୁଛି।ଘଟଣା ପରେ ଅଞ୍ଚଳରେ ବଢ଼ୁଥିବା ନିଶା କାରବାରକୁ ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଉଥିବା ସହ ଏପରି ଚୋରି ଘଟଣା ପଛରେ ନିଶା କାରବାରର ପ୍ରଭାବ ଥାଇପାରେ ବୋଲି ଚର୍ଚ୍ଚା ହେଉଛି।



# କୃଷକ ଉତ୍ପାଦନ ସଂଗଠନର ତାଲିମ ଶିବିର



**ବାଲିଆପାଳ,୭।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର ଦ୍ୱାରା ଏକ ଜିଲ୍ଲା ସ୍ତରୀୟ କୃଷକ ଉତ୍ପାଦନ ସଂଗଠନ ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ଏହି ତାଲିମ ଶିବିର ରେ ବାଲେଶ୍ୱର ଜିଲ୍ଲା ର କୃଷକ ଉତ୍ପାଦିକ ସଂଗଠନ ର ସିଇଓ ଏବଂ ବିଓଡି ସଦ୍ୟସ ମାନେ ଯୋଗଦେଇଥିଲେ ଏହି ତାଲିମ ଶିବିର ରେ କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ବୌଜ୍ଞାନିକ ଡ଼. ସ୍ୱାଗତିକା ସାହୁ ଅଧ୍ୟକତା କରିଥିବା ବେଳେ କୃଷି ସମ୍ପ୍ରସାରଣ ବୌଜ୍ଞାନିକଡ଼. କମଳା କାନ୍ତ ବେହେରା ପରିଚାଳନା କରିଥିଲେ ସେଣ୍ଟର ଅଫ ସେଲକ୍ସନ ଭୁବନେଶ୍ୱର ରୁ ସୁନିଲ କୁମାର ଦେଓ ଏବଂ ଦୁଷ୍ମନ୍ତ ପଣ୍ଡା ଅଭାସି ମଧ୍ୟ୍ୟମରେ ସଦସ୍ୟ ମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ଦ୍ୱାରା କମ୍ପାନୀ ବ୍ୟପାର ମନ୍ତ୍ରାଳୟ ଏବଂ କମ୍ପାନୀ ସହିତ ପଞ୍ଜିକରଣ କାଯ୍ୟଳୟ ର ଆଇନ ଗତ ନିୟମାବଳୀ ପାଳନ କରିବା ଉପରେ ଆଲୋକ ପାତ କରିଥିଲେ ପରିଶେଷରେ ଏହି ତାଲିମ ଶିବିର ର ସହାୟକ ନିରୋଦ କୁମାର ଜେନା ଧନ୍ୟବାଦ ଅର୍ପନ କରିଥିଲେ।

# ବଧୂ ନିର୍ଯାତନା ଅଭିଯୋଗରେ ୫ ଗିରଫ

**ବୈଶିଙ୍ଗା,୭।୧୦(ସଂଚାର ବ୍ୟୁରୋ):** ବୈକିଙ୍ଗା ଥାନା ଅନ୍ତର୍ଗତ ପାଇକ ଯୁଗୁପୁରା ଗ୍ରାମରେ ଏକ ବଧୂ ନିର୍ଯାତନା ମାମଲାରେ ବୈଶିଙ୍ଗା ପୋଲିସ ୫ ଜଣଙ୍କ ନାମରେ ମାମଲା ରୁଜୁ କରି ଜାମିନରେ ଛାଡିଥିବା ଜଣାଯାଇଛି । ବିବରଣୀରୁ ପ୍ରକାଶ ତିନି ବର୍ଷ ପୂର୍ବେ ପାଇକ ଯୁଗୁପୁରା ଗ୍ରାମର ଅଶ୍ୱିନୀ ଖଟୁଆଙ୍କ ବଡ ପୁଅ ଅମିତାଂଶୁ ବୈଦିକ ରୀତି ନୀତି ଅନୁଯାଇ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ କୁଡିଆ ଗ୍ରାମର ଗଣେଶ ଚନ୍ଦ୍ର ପାଢ଼ୀଙ୍କ କନ୍ୟା ଲିପସା ଙ୍କ ସହିତ ବିବାହ ହୋଇଥିଲା , ବିଚାହାର ୬/୭ ମାସ ପରେ ଶାଶୁ ଘର ତରଫରୁ ବାରମ୍ବାର ନିର୍ଯାତନା ଦିଆ ଯାଉଥିଲା ବୋଲି ଲିପସା ଅଭିଯୋଗରେ ଦର୍ଶାଯାଇଛି । ପୂର୍ବରୁ ଏମିତି ଦୁଇ ଥର ଥାନାକୁ ଅଭିଯୋଗ ଆସିବା ପରେ ଆପୋଷ ବୁଝାମଣା ହୋଇଥିଲା । ମାତ୍ର ୬ ତାରିଖ ମଙ୍ଗଳବାର ସକାଳେ ଲିପସା କୁ ଜୀବନରୁ ମାରିଦେବାର ଯୋଜନା କରିଥିବା ଜାଣି ନିଜ କୋଠରୀ ଭିତରେ ପଶିଯାଇ ଲିପସା ନିଜ ବାପା ଓ ମାଆ ଙ୍କୁ ଫୋନ କରି ଘଟଣା ବିଷୟରେ ଜଣାଇଥିଲା । ଖବର ପାଇ ବାପଘର ଲୋକେ ପହଞ୍ଚି ସଙ୍ଗେ ସଙ୍ଗେ ବୈଶିଙ୍ଗା ଥାନାକୁ ଆସି ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଥାନାଧିକାରୀ ବାବା ଶଙ୍କର ସରାଫ୍ ଏଏସ୍ଆଇ ଗୋବିନ୍ଦ ଟୁଡୁ ଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଲିପସା ଙ୍କ ଅଭିଯୋଗ ମୂଳେ ୫୨୪/୨୬ ନମ୍ବର ମାମଲାରେ ଶଶୁର ଅଶ୍ୱିନୀ ଖଟୁଆ, ଶାଶୁ ଗୀତାରାଣୀ ଖଟୁଆ , ସ୍ୱାମୀ ଅମିତାଂଶୁ ଖଟୁଆ , ଦେବର ଅଙ୍କିତ୍ ଖଟୁଆ ଏବଂ ମାଉସୀ ହୀରାମଣୀ ପାଢ଼ୀ ଙ୍କ ନାମରେ ବି ଏନ୍ ଏସ୍ ଧାରା ୮୫, ୭୪, ୧୩୫ (୨), ୨୯୬,୩୫୧ (୨) ରେ ମାମଲା ରୁଜୁ କରି ଏହି ୫ ଜଣଙ୍କୁ ଜାମିନରେ ଛାଡିଥିବା ଜଣାଯାଇଛି । ଏଭଳି ବଧୂ ନିର୍ଯାତନା ପାଇଁ ସେମାନଙ୍କୁ କଠୋର ଦଣ୍ଡ ଦିଆଯିବାକୁ ସାଧାରଣରେ ଦାବି ହେଉଛି ।

# ପଞ୍ଚାୟତ ଓ ପୌର ନିର୍ବାଚନ ନିମନ୍ତେ ଘରକୁ ଘର ବୁଲି ସର୍ବେକ୍ଷଣ ଉପରେ ତାଲିମ

**ସୁନ୍ଦରଗଡ଼,୭।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ ବିକାଶ ଭବନଠାରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚନ ଏବଂ ପୌର ନିର୍ବାଚନ ନିମନ୍ତେ ଘର କୁ ଘର ବୁଲି ସର୍ବେକ୍ଷଣ ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ଓ ପୌରାଞ୍ଚଳ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ରାଜ୍ୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ଏକ ସ୍ୱଚ୍ଛ, ତ୍ରୁଟିମୁକ୍ତ ଏବଂ ବାସ୍ତବ ସ୍ଥିତି ଉପରେ ଆଧାରିତ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ଘର କୁ ଘର ସର୍ଭେ ଅନୁଷ୍ଠିତ ହେବ। ଏହି ସର୍ବେକ୍ଷଣ ଚଳିତ ଅକ୍ଟୋବର ୨୬ ରୁ ନଭେମ୍ବର ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶିକା ଜ୍ୟୋସ୍ନାମୟୀ ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଜିତେନ୍ଦ୍ରିୟ ମୁଣ୍ଡା, ସମସ୍ତ



ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ସମସ୍ତ ପୌର ପରିଷଦର ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ଦାବିପତ୍ର ପ୍ରଦାନ

**ବେତନଟୀ,୭।୧୦(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ୍ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ସଭାପତି ଡମାନ ହେମ୍ବ୍ରମଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରତିନିଧିଦଳ ବେତନଟୀ ବିଡିଓଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ହେଲା, ଗତବର୍ଷାରେ କ୍ଷୟକ୍ଷତି ତୁରନ୍ତ ଆକଳନ ସହ କ୍ଷତିପୂରଣ ଦେବା, ବ୍ଲକସ୍ଥ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା, ଗଗଡଜ ବିଲ୍ ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାୟିତ୍ୱ ମୁକ୍ତ, ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ପ୍ରଦାନ। ଉପରୋକ୍ତ ଦାବି ଗୁଡିକର ସୁସମାଧାନ କରାନ ଗଲେ ଆଗାମୀ ଦିନରେ ଦଳ ତରଫରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବାର ନିଷ୍ପତ୍ତି ହୋଇଥିବାର ସଭାପତି ଜଣାଇଛନ୍ତି।

# ୮ରେ ଓଡ଼ିଶା ବନ୍ଦ, ସଫଳ କରିବାକୁ ଛତ୍ରପୁରରେ ପଥପ୍ରାନ୍ତ ସଭା

**ଛତ୍ରପୁର,୭।୧୦ (ସଂଚାର ବ୍ୟୁରୋ):** ଏମଏମଡ଼ିଆର ସଂଶୋଧିତ ଅଧିନିୟମ ତୁରନ୍ତ ରଦ୍ଦ କରିବା, ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେସ କୁମାରଙ୍କ ବହିଷ୍କାର ଓ ଗିରଫଦାରୀ, ଏସଆଇଆର ପ୍ରତ୍ୟାହାର କରିବା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ବହିଷ୍କାର ଦାବି ସମେତ




ବିଭିନ୍ନ ଦାବି ନେଇ ଅକ୍ଟୋବର ୮ ତାରିଖରେ ଓଡିଶା ବନ୍ଦ କୁ ସଫଳ କରିବା ପାଇଁ ଆଜି ଇଣ୍ଡିଆ ମେଣ୍ଟ ପକ୍ଷରୁ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସମସ୍ତ ଦୋକାନ ବଜାର ବନ୍ଦ କରି ଜନ ସାଧାରଣ ସହଯୋଗ କରିବା ଲାଗି ଏହି ପଥ ପ୍ରାନ୍ତ ସଭା ମାଧ୍ୟମରେ ସଚେତନତା କରାଯାଇଥିଲା । ଏହି ସଭାରେ ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ସିପିଆଇ ରାଜ୍ୟ ସହ ସମ୍ପାଦକ ନୀଳକଣ୍ଠ ଦାଶ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ଜିଲା ସହ ସମ୍ପାଦକ ସନ୍ତୋଷ କୁମାର ସାହୁ, କଂଗ୍ରେସ ନେତା ଡ଼ି. ରାମସ୍ୱାମୀ ରେଡ୍ଡୀ, ଛାତ୍ର ନେତା ଚକ୍ରପାଣି ପଲେଇଙ୍କ ସମେତ ବହୁ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ ।

# ବିଇଓ ଅଫିସ ଆଗରେ ଶିକ୍ଷକଙ୍କ ଗଣଧାରଣା

**ଦିଗପହଣ୍ଡି,୭।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭୋପେନ କୁମାର ମହାନ୍ତ ଶିକ୍ଷକ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ଜାରି କରିଥିବା କାରଣ ଦର୍ଶାଅ ନୋଟିସ ଏବଂ କାର୍ଯ୍ୟାଳୟର ସମସ୍ୟାକୁ ନେଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ



ପକ୍ଷରୁ ବୁଧବାର ଅପରାହ୍ନ ସାଢେ ୪ ରୁ ସାଢେ ୬ଟା ଯାଏ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁର୍ବାର ଆନ୍ଦୋଳନ ଓ ଗଣଧାରଣା ଦିଆଯାଇଥିଲା। ଦୀର୍ଘ ୨ ମାସ ହେଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ମାନସିକ ନିର୍ଯାତନା ଦିଆଯିବା ସହ ଅବସରକାଳୀନ ଓ ମୃତ୍ୟୁକାଳୀନ ପ୍ରାପ୍ୟ ଅର୍ଥରାଶି ମଞ୍ଜୁରରେ ଅହେତୁକ ବିଳମ୍ବ କରାଯାଉଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏଥିସହିତ କାର୍ଯ୍ୟାଳୟର କିରାଣୀ ବିଷ୍ଣୁ ପାଢ଼ୀ ଶିକ୍ଷକମାନଙ୍କୁ ହଇରାଣ ହରକତ କରୁଥିବା, ଭ୍ରମରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ଶବରଙ୍କୁ ବାରମ୍ବାର ନୋଟିସ ଓ ନିଲମ୍ବନ ଧମକ ଦିଆଯାଉଥିବା ଏବଂ ସିଦ୍ଧେଶ୍ୱର ହାଇସ୍କୁଲ ଶିକ୍ଷୟତ୍ରୀ ସୁଜାତା ପଣ୍ଡାଙ୍କ ଚିକିତ୍ସା ଜନିତ ଛୁଟି ମଞ୍ଜୁର କରାନଯିବାରୁ ସେ ଗତ ସେପ୍ଟେମ୍ବର ୨୮ରେ ମୃତ୍ୟୁବରଣ କରିଥିବା ଭଳି ଗୁରୁତର ଅଭିଯୋଗ ସଂଘ ଆଣିଛି। ଗତ ୧ ତାରିଖରେ ସଂଘର କର୍ମକର୍ତ୍ତାମାନେ ବିଭିନ୍ନ ସମସ୍ୟା ନେଇ ବିଇଓଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଆକ୍ରୋଶମୂଳକ ଭାବେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ)ର ରାଜେନ୍ଦ୍ର କୁମାର ଗୌଡ଼, ଶିବରାମ ପ୍ରଧାନ, ଶଙ୍କର ସେଠୀ, ଇ. ସିମାଦ୍ରୀ ପାତ୍ର ଏବଂ ନିଖିଳ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ଇ. ଗଣେଷ ପାତ୍ରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା।

# ଦିବ୍ୟ ଦୃଷ୍ଟି ଯୋଜନାରେ ୩୫୧ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ



**ବାରିପଦା,୭।୧୦ (ସଂଚାର ବ୍ୟୁରୋ):** ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ବାରିପଦା ତରଫରୁ ଦୃଷ୍ଟି ସମସ୍ୟା ଥିବା ପୂର୍ବରୁ ଚିହ୍ନଟ ହୋଇଥିବା ୩୫୧ ଜଣ ଛାତ୍ରଛାତ୍ରୀମାନଙ୍କୁ ବୀର ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ଚଷମା ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲା ଅନ୍ତର୍ନିବେଶି ସାଧନ କେନ୍ଦ୍ର, ଲାଲବଜାର, ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ମାସରେ ବାରିପଦା ବ୍ଲକର ପାଞ୍ଚ ଗୋଟି ସ୍ଥାନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିହ୍ନିତ ଛାତ୍ରଛାତ୍ରୀମାନଙ୍କୁ ଚଷମା ପ୍ରଦାନ କରିଥିଲେ। ସେ ଚକ୍ଷୁର ଯତ୍ନ ଓ ଚଷମାର ବ୍ୟବହାର ସମ୍ପର୍କରେ ପିଲା ଓ ଅଭିଭାବକ ମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ସମଗ୍ର ଶିକ୍ଷା, ମୟୂରଭଞ୍ଜର ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଏବଂ ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୃଷ୍ଟି ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ଚଷମା ଯୋଗାଇ ଦିଆଯାଇଥିବାରୁ ସେମାନଙ୍କର ପାଠପଢ଼ା ଓ ଶିକ୍ଷାଗ୍ରହଣରେ ଏହା ନିଶ୍ଚିତ ଭାବେ ସହାୟକ ହେବ ବୋଲି ଅତିଥିଦ୍ୱୟ ମତ ପ୍ରକାଶ କରିଥିଲେ।

# ଶଙ୍କରାଖୋଲ୍ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

**ଫୁଲବାଣୀ,୭।୧୦ (ସଂଚାର ବ୍ୟୁରୋ):** ଆଜି ଚକାପାଦ ବ୍ଲକ୍ ଅନ୍ତର୍ଗତ ଶଙ୍କରାଖୋଲ୍ କ୍ଲଷ୍ଟରରେ ସୁରଭି ୨୦୨୬ କାର୍ଯ୍ୟକ୍ରମ ଅଡାବାଡି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମକୁ ଶଙ୍କରାଖୋଲ୍ ଆଞ୍ଚଳିକ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଶ୍ରୀ ଯୁକ୍ତ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶଙ୍କରାଖୋଲ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିର ପ୍ରାୟ ୧୨୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶଙ୍କରାଖୋଲ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ। ସିଆରସିସି ପ୍ରତାପ କୁମାର ଘଡେଇ ଓ ଅଡିବାଡି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୁନ୍ଦର ଭାବରେ ଶୃଙ୍ଖଳାନର ସହିତ ଶେଷ ହୋଇଥିଲା। ପଦୋନ୍ନତି ପାଇ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଏହି କ୍ଲଷ୍ଟରରୁ ବିଦାୟ ନେଇଥିବା ଶ୍ରୀମତି ରଜନୀ ସାହୁ ଓ କୁସୁମ ଦିଗାଲ ଙ୍କୁ ସମ୍ବୋର୍ଦ୍ଧିତ କରାଯାଇଥିଲା।କାର୍ଯ୍ୟକ୍ରମକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାଜାଗାଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସୁକାନ୍ତ କୁମାର ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ, ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ, ଜୟ ଲକ୍ଷ୍ମୀ ବେହେରା, ବନିତା ଦାଶ, ଆଦି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବାହାଡ଼ା ପଦା ସିଆରସିସି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

